

ପଦାର୍ପଣରେ ମାନବଙ୍କ କୀର୍ତ୍ତିମାନ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-341 ◆TUESDAY ◆9 JUNE 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୪୧ ◆ମଙ୍ଗଳବାର ◆୯ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦






10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | Flipkart | amazon.in

*ସର୍ତ୍ତ ଓ ନିୟମାବଳୀ ଲାଗିବ । ଅଫର 30 ଜୁନ 2026 ପର୍ଯ୍ୟନ୍ତ ବୈଧ ଅଟେ । ପଲ୍ସର୍ N160 USD ସିଙ୍ଗଲ୍ ସିଟ୍ ଭାରିଆଣ୍ଟରେ ଇ-କମ ଅଫର୍, ସମ୍ପୃକ୍ତ ଇ-କମ୍ ପାର୍ଟନରଙ୍କ ସର୍ତ୍ତାବଳୀ ଉପରେ ନିର୍ଭର କରେ । ଇ-କମ୍ ଅଫର୍ ପାର୍ଟନରମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ ।

**Authorised Dealers for Bajaj Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444• **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293 • **Balugaon BHARAT BAJAJ 73810 99441 • Puri MSB BAJAJ 7077735752 • Pipili MSB BAJAJ 7077735755 • Brahmagiri MSB BAJAJ 7008198739 Sakhigopal MSB BAJAJ 9124590859 • Jankia BHARAT BAJAJ 9348768960** •Cuttack: **Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210 • Satichaura RASHMI BAJAJ 9237379211** • Rahama MAITREE BAJAJ 9668801781, **Nayagarh** MSB BAJAJ 7790048130 • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979 • **Chandikhole** TARINI BAJAJ 9937310800, • **Pattamundai MAITREE BAJAJ 7064987720/9668801781**, • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781.

## ଓଜେଇଇ ପରୀକ୍ଷା ଫଳ

# ୬୨,୬୯୧ ଜଣଙ୍କୁ ର୍ୟାଙ୍କ

ଭୁବନେଶ୍ୱର, ୮।୬ (ସମିସ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଫଳ ସୋମବାର ପ୍ରକାଶ ପାଇଛି। ଚଳିତବର୍ଷ ମୋଟ ୧,୦୩,୪୩୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାପାଇଁ ପଞ୍ଜିକରଣ କରିଥିବା ବେଳେ ୯୨,୬୨୮ ଜଣ ଅର୍ଥାତ୍ ୮୯.୫୫ ପ୍ରତିଶତ ପିଲା ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୬୨,୬୯୧ଜଣ ପରୀକ୍ଷାର୍ଥୀଙ୍କୁ ର୍ୟାଙ୍କ ପ୍ରଦାନ କରାଯାଇଛି। ପରୀକ୍ଷାର୍ଥୀମାନେ www.ojee.nic.in ୱେବସାଇଟ୍‌ରୁ ନିଜର ର୍ୟାଙ୍କ୍ କାର୍ଡ ଡାଉନଲୋଡ୍ କରିପାରିବେ।

ପ୍ରକାଶିତ ପରୀକ୍ଷା ଫଳ ଅନୁଯାୟୀ ବିଫାର୍ମରେ ଶୁଭ୍ରାଂଶୁ ସୁତାର ଟପ୍ପର ହୋଇଥିବାବେଳେ ଡିପ୍ଲୋମା ଲାଟେରାଲ ଏଣ୍ଟ୍ରିରେ ଅରୁଣ କୁମାର ଜେନା, ବିଏସ୍‌ସି ଲାଟେରାଲ ଏଣ୍ଟ୍ରିରେ ସୁରଜ କୁମାର ଝା, ଫାର୍ମ ଲାଟେରାଲ ଏଣ୍ଟ୍ରିରେ ଦେବାଶିଷ ବେହେରା, ଏମ୍‌ବିଏରେ ତ୍ରିବିକ୍ରମ ପ୍ରଧାନ, କମ୍ପ୍ୟୁଟର ସାଇନ୍ସରେ ଏମ୍‌ସିଏ ବା ଏମ୍‌ଏସ୍‌ସି ପାଇଁ ନରେନ ପାତ୍ର, ଇଣ୍ଟିଗ୍ରେଟେଡ ଏମ୍‌ବିଏରେ ଶ୍ରୀମୟୀ ପାଣିଗ୍ରାହୀ, ବି.କ୍ୟାଟରେ ଦେବ ମଣ୍ଡଳ, ଏମ୍ ଫାର୍ମରେ ଶ୍ୟାମସୁନ୍ଦର ବେହେରା, ଏମ୍.ଆର୍କରେ ସାଇ ଆର୍ଯ୍ୟ ଅନୁଷ୍କା ନାୟକ, ଏମ୍. ପ୍ଲାନରେ ସାଗରିକା ଆଚାର୍ଯ୍ୟ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଅନୁରୂପ ଭାବେ ଏମ୍‌ଟେକ୍ ବିଭାଗର ସମସ୍ତ ପାଠ୍ୟକ୍ରମ ପାଇଁ ସ୍ୱାଗତ କୁମାର ବେହୁରା ଟପ୍ପର ହୋଇଛନ୍ତି। ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପରୀକ୍ଷା ଫଳ ଘୋଷଣା କରିବା ସହ ରେଜଲ୍ଟ ପୁସ୍ତିକା ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ପରିଶ୍ରମ ଓ ଅଧ୍ୟବସାୟକୁ ଅବ୍ୟାହତ ରଖିଲେ ଜୀବନରେ ସଫଳତା ମିଳିବ। ଜଣେ ସଫଳ ଓ ପ୍ରତିଷ୍ଠିତ ନାଗରିକ ହୋଇ ଓଡ଼ିଶାର ନାମକୁ ଦେଶ ଓ ବିଦେଶରେ ଅଧିକ ଋଦ୍ଧିମନ୍ତ କରିବା ପାଇଁ ପରାମର୍ଶ ଦେଇଛନ୍ତି।

**ଜୁଲାଇ ତୃତୀୟ ସପ୍ତାହରେ ସ୍ୱତନ୍ତ୍ର ଓଜେଇଇ**

ସୂଚନାଯୋଗ୍ୟ, ର୍ୟାଙ୍କ୍ ଅନୁଯାୟୀ ଚଳିତ ୨୦୨୬-୨୭ ଶିକ୍ଷାବର୍ଷରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମଲେଖାଇବା ପାଇଁ କାଉନସେଲିଂରେ ଅଂଶ ଗ୍ରହଣ କରିବେ। ଏହାପରେ ପ୍ରାୟ ୧୬ ଟି ବୈଷୟିକ ଏବଂ ବୃତ୍ତିଗତ ପାଠ୍ୟକ୍ରମରେ ନାମଲେଖା ହେବ। ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ମାଧ୍ୟମରେ ପ୍ରବେଶିକା ପରୀକ୍ଷା ହୋଇଥିଲା। ରାଜ୍ୟର ସମସ୍ତ ଜିଲ୍ଲା ସମେତ କୋଲକାତା, ପାଟନା ଏବଂ ରାଞ୍ଚିର ପ୍ରାୟ ୯୯ଟି ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଥିଲେ। ଓଜେଇଇ ପରୀକ୍ଷା ଫଳ ଘୋଷଣା କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଓଜେଇଇ ଅଧ୍ୟକ୍ଷ ଦେବପ୍ରକାଶ ଶତପଥୀ, ଓଜେଇଇ ସଚିବ ରଞ୍ଜନ କୁମାର ଜେନା, ବିଭାଗୀୟ ଅତିରିକ୍ତ ଶାସନ ସଚିବ ବିଶ୍ୱରଞ୍ଜନ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ନେଇ ବର୍ଷିଲା ବିଜେଡି

# ଜନତାଙ୍କୁ ଶୋଷଣ କରୁଛନ୍ତି ଡବଲ ଇଞ୍ଜିନ ସରକାର



- ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଉଥିବା ବେଳେ ସରକାର ଦରବୃଦ୍ଧି କରି ବ୍ରିଟିଶରାଜ୍ ଚଳାଇଛନ୍ତି
- ସରକାରଙ୍କ ତୈଳ ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ବୋଝ ଉପରେ ନଳିତା ବିଡ଼ା ସଦୃଶ
- ପେଟ୍ରୋଲ, ଡିଜେଲକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରି ଜନତାଙ୍କୁ ଆଶ୍ୱସ୍ତ କରନ୍ତୁ ସରକାର

ଭୁବନେଶ୍ୱର,୮।୬(ସମିସ): ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳର ମୂଲ୍ୟ ହ୍ରାସ ପାଉଥିବା ବେଳେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର କ୍ରମାଗତ ଦରବୃଦ୍ଧି ଘଟିଚାଲିଛି। ଗତ କିଛି ବର୍ଷ ମଧ୍ୟରେ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ଦୁଇଗୁଣା ବୃଦ୍ଧି ପାଇଛି। ୨୦୧୪ ମସିହାରେ ଘରୋଇ ସିଲିଣ୍ଡରର ମୂଲ୍ୟ ପ୍ରାୟ ୪୧୫ ଟଙ୍କା ଥିଲା, ବର୍ତ୍ତମାନ ତାହା ୯୬୮ ଟଙ୍କାରେ ପହଞ୍ଚିଛି। ସେହିପରି ପେଟ୍ରୋଲ, ଡିଜେଲ ଓ କମର୍ସିଆଲ ଗ୍ୟାସ ସିଲିଣ୍ଡରର ଦର ମଧ୍ୟ ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଥିବାରୁ ସାଧାରଣ ଜନତାଙ୍କ ହାଣ୍ଡିଶାଳ ଉପରେ ଚଡ଼କ ପଡ଼ିଛି। ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଦରବୃଦ୍ଧି କରି ଡବଲ ଇଞ୍ଜିନ ସରକାର ଜନତାଙ୍କୁ ଶୋଷଣ କରୁଛନ୍ତି ବୋଲି କଡ଼ା ସମାଲୋଚନା କରିଛି ବିଜେଡି।

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ ଦରବୃଦ୍ଧି ଯୋଗୁଁ ନିମ୍ନ ଓ ମଧ୍ୟବିତ୍ତ ପରିବାର, କ୍ଷୁଦ୍ର ବ୍ୟବସାୟୀ, ଚା' ଦୋକାନୀ ଓ ହୋଟେଲ ବ୍ୟବସାୟୀଙ୍କ ଉପରେ ଗଭୀର ପ୍ରଭାବ ପଡ଼ୁଛି। ରନ୍ଧନ ଗ୍ୟାସର ଦର କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଯୋଗୁଁ ସାଧାରଣ ଲୋକଟିଏ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଦର ହ୍ରାସ ପାଇଥିବା ସତ୍ତ୍ୱେ ତାହାର ସୁଫଳ ସାଧାରଣ ଲୋକଙ୍କୁ ମିଳୁନାହିଁ। କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଅତ୍ୟଧିକ ଭ୍ୟାଟକୁ କମାଇ, ଦରବୃଦ୍ଧି ଯୋଗୁଁ ହନ୍ତସନ୍ତ ହେଉଥିବା ସାଧାରଣ ଜନତାଙ୍କ ପ୍ରତି ସମ୍ବେଦନଶୀଳ ହୁଅନ୍ତୁ। ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରନ୍ତୁ, ଏହାଦ୍ୱାରା ତୈଳ ମୂଲ୍ୟ ହ୍ରାସ ପାଇବା ସହ ସାଧାରଣ ଲୋକଙ୍କ ଉପରେ ଆର୍ଥିକ ବୋଝ କମିପାରିବ। ସେ ଆହୁରି ମଧ୍ୟ କହିଥିଲେ ଯେ ବିଜେପି ସରକାରରେ ମହିଳା ହିଂସା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ନାରୀ ନିର୍ଯାତନା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ମହିଳାଙ୍କ ସୁରକ୍ଷା ପ୍ରତି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି ସରକାର। ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ, କିନ୍ତୁ ସରକାର ନିଜ ଦାୟିତ୍ୱରୁ ବିମୁଖ ହୋଇ ଉତ୍ସବ ମନାଇବାରେ ବ୍ୟସ୍ତ ରହୁଛନ୍ତି। ରାଜ୍ୟ ସରକାର ପେଟ୍ରୋଲ, ଡିଜେଲ ଓ ଗ୍ୟାସର ଦରକୁ ହ୍ରାସ କରି ସାଧାରଣ ଜନତାଙ୍କ ଆର୍ଥିକ ବୋଝକୁ କମ୍ କରନ୍ତୁ। ବିଜେଡିର ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ବିଜୁ ମହିଳା ଜନତା ଦଳର ଉପସଭାନେତ୍ରୀ ତଥା କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ଉପସଭାନେତ୍ରୀ ତଥା କର୍ପୋରେଟର ମାନସୀ ସୁନ୍ଦରରାୟ ଉପସ୍ଥିତ ଥିଲେ।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ଏକାଧିକ ବ୍ୟାଙ୍କ୍ ଲକରରେ ବୈକୁଣ୍ଠଙ୍କ ସମ୍ପତ୍ତି

- ୫ମ ଲକର୍‌ରୁ ୭୦୩ ଗ୍ରାମ ସୁନା ଜବତ
- ଏଯାଏଁ ଠାବ ହେଲାଣି ୧.୨୫୫ କେଜି ସୁନା

ଭୁବନେଶ୍ୱର ୮।୬ (ସମିସ): ଆଇଟିଡିଏ ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ) ବୈକୁଣ୍ଠନାଥ ବେହରାଙ୍କ ସମ୍ପତ୍ତି ବ୍ୟାଙ୍କ୍ ଲକରରେ ଲୁଚି ରହିଛି। ଲକର୍‌ରେ ସେ ନିଜ ସମ୍ପତ୍ତି ଲୁଚାଇ ରଖିବାକୁ ନିରାପଦ ମଣୁଥିଲେ। ବହୁ ବର୍ଷ ଧରି ଏଭଳି ଭାବେ କୋଟି କୋଟି ଟଙ୍କାର ସୁନା, ରୂପା ଏବଂ ନଗଦ ଟଙ୍କା ଲୁଚାଇ ରଖିଥିଲେ। ହେଲେ ମାତ୍ର ୩ଦିନ ମଧ୍ୟରେ ଭିଜିଲାନ୍ସ ତାଙ୍କ ସମ୍ପତ୍ତି ସବୁକୁ ଏହି ଲକରଗୁଡ଼ିକରୁ ଖୋଜି ବାହାର କରିଦେଇଛି। ସୋମବାର ତାଙ୍କ ୫ମ ଲକର୍‌ରୁ ୭୦୩ ଗ୍ରାମ ସୁନା ଏବଂ ୩୭୫ ଗ୍ରାମ ରୁପା ଅଳଙ୍କାର ଭିଜିଲାନ୍ସ ଜବତ କରିଛି। ଏତେ ମାତ୍ରାରେ ସୁନା ମିଳିବା ପରେ ତାଙ୍କ ଜବତ ସୁନାର ପରିମାଣ ୧କେଜିରୁ ଟପି ଯାଇଛି। ବିଭିନ୍ନ ଲକରରୁ ଏବେପର୍ଯ୍ୟନ୍ତ ଜବତ ସୁନାର ପରିମାଣ ୧.୨୫୫ କେଜି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମାମଲା ଏବଂ ଚଢ଼ଉ ଜାରି ରହିଛି। ଏଣୁ ତାଙ୍କର ଜବତ ସମ୍ପତ୍ତି ତାଲିକା ଆଗକୁ ଆହୁରି ବୃଦ୍ଧି ପାଇପାରେ ବୋଲି ବିଭାଗ ଅନୁମାନ କରୁଛି।



ଭିଜିଲାନ୍ସ ସୂତ୍ର ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ (ଡିଏ) ଅଭିଯୋଗରେ ପୂର୍ବରୁ ବୈକୁଣ୍ଠଙ୍କର ୪ଟି ବ୍ୟାଙ୍କ ଲକର୍ ଯାଞ୍ଚ ସରିଥିଲା। ପ୍ରଥମ ଦିନରେ ୨ଟି ଲକରରୁ ୨କୋଟିରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଜବତ କରାଯାଇଥିଲା। ଆଜିର ଯାଞ୍ଚ ବେଳେ ଲକରରୁ ୭୦୩ ଗ୍ରାମ ଓଜନର ବିଭିନ୍ନ ପ୍ରକାର ସୁନା ଅଳଙ୍କାର ମିଳିଛି। ଏଥିରେ ହାର, ଚେନ୍, ଚୁଡ଼ି, ମୁଦି ଆଦି ରହିଛି। ଏହା ସହିତ ୩୭୫ ଗ୍ରାମ ଓଜନର ରୂପା ଅଳଙ୍କାର ଏବଂ ବାସନ ମଧ୍ୟ ଜବତ ହୋଇଛି। ଜବତ ସୁନାର ବଜାର ମୂଲ୍ୟ ପ୍ରାୟ ୭୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଏହା ପୂର୍ବରୁ ଚାରିଟି ଲକର ଏବଂ ଘର ଚଢ଼ଉରୁ ପ୍ରାୟ ୫୫୨ ଗ୍ରାମ ସୁନା ମିଳିଥିଲା। ଆଜିର ଜବତ ପରେ ମୋଟ ସୁନାର ପରିମାଣ ୧.୨୫୫ କେଜିରେ ପହଞ୍ଚିଛି। ଏହା ବ୍ୟତୀତ ନଗଦ ଟଙ୍କା, ଜମି କାଗଜପତ୍ର, ଏଫ୍‌ଡି ଓ ଅନ୍ୟାନ୍ୟ ବିନିଯୋଗ ସମ୍ପର୍କିତ ଦସ୍ତାବିଜ ମଧ୍ୟ ଭିଜିଲାନ୍ସ ହାତରେ ଲାଗିଛି। ତାଙ୍କର ସମସ୍ତ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୨୦କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି।

## ବାପା ବେକରେ ଶାବଳ ଭୁସିଦେଲା ପୁଅ

ତୁରୁମୁଙ୍ଗା, ୮।୬ (ସମିସ): ପୁଅର ଶାବଳ ମାଡ଼ରେ ବାପା ମୃତ। କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା ବ୍ଲକ୍ ଦିଗିପଶି ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ଧ୍ରୁବ ନାଏକ (୭୩)। ରବିବାର ରାତିରେ ପରିବାରରେ କୌଣସି କାରଣକୁ ନେଇ ପ୍ରଥମେ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ପୁଅ ଉଦ୍ଧବ ନାଏକ ମଦ ନିଶାରେ ଏକ ଶାବଳରେ ଧ୍ରୁବଙ୍କୁ ଆକ୍ରମଣ କରିଥିଲା। ତାଙ୍କ ବେକରେ ଶାବଳ ଭୁସି ଦେଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ଧ୍ରୁବଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ପାଟଣା ପୁଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳକୁ ଜବତ କରିଛି। ପୁଲିସ ଉଦ୍ଧବଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ଏନେଇ ପାଟଣା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତନାଘନା ଚଳାଇଛି।



# ବ୍ରାହ୍ମଣୀରେ ବୁଡ଼ିଗଲେ ୩

## ଜଣଙ୍କ ମୃତଦେହ ଉଦ୍ଧାର, ୨ ନିଖୋଜ

ତାଳଚେର, ୮।୬ (ସମିସ): ଅନୁଗୋଳ ଜିଲ୍ଲା ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀରେ ସୋମବାର ଏକ ବଡ଼ ଅଘଟଣ ଘଟିଛି। ତାଳଚେର ଟାଉନ୍ ଆଖଣ୍ଡଳମଣି ମନ୍ଦିର ନିକଟ କଲମ୍ବାରି ଘାଟରେ ଗାଧୋଇବା ବେଳେ ୩ଜଣ ଯୁବକ ଭାସି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ୨ଜଣ ନିଖୋଜ ହୋଇଯାଇଛନ୍ତି। ମୃତକ ହେଲେ, ତାଳଚେର ଷ୍ଟେସନ୍ ଅଞ୍ଚଳର ଗଣେଶ ଗୋଛାୟତ। ରିପୋର୍ଟ ଲେଖା ହେବା ସୁଦ୍ଧା ନିଖୋଜ ଶକ୍ତି ସାହୁ ଓ ପ୍ରିନ୍ସ ଲୋହାରଙ୍କ ପତ୍ତା ମିଳିପାରିନାହିଁ। ସମସ୍ତଙ୍କ ବୟସ ୧୫ରୁ ୧୮ ବର୍ଷ ମଧ୍ୟରେ ହେବ ବୋଲି ଜଣାଯାଇଛି।

ସୂଚନାନୁଯାୟୀ, ସୋମବାର ଅପରାହ୍ଣ ୧ଟା ବେଳେ ଗଣେଶ, ଶକ୍ତି ଓ ପ୍ରିନ୍ସଙ୍କ ସମେତ ତାଳଚେର ଷ୍ଟେସନ୍ ଅଞ୍ଚଳର ୮ ଯୁବକ କଲମ୍ବାରି ଘାଟକୁ ଗାଧେଇବାକୁ ଯାଇଥିଲେ। ଜଣେ ଯୁବକ ଘାଟରେ ବସିଥିବା ବେଳେ ଅନ୍ୟ ୭ଜଣ ଗାଧେଇବାକୁ ନଦୀକୁ ଡେଇଁଥିଲେ। ଅସାବଧାନତା ଯୋଗୁଁ ସେମାନଙ୍କ ମଧ୍ୟରୁ ଜଣେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ୨ଜଣ ଭାସି ଯାଇଥିଲେ। ଅନ୍ୟ ୪ ଜଣ କୂଳକୁ ପହଁରି ଆସିବାରେ ସଫଳ ହୋଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ପାଣି ଭିତରୁ ଗଣେଶଙ୍କୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରି



ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଗ୍ନିଶମ ବାହିନୀ ଓ ତାଳଚେର ପୁଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ଚଳାଇଥିବା ବେଳେ ତାଳଚେର ଏସ୍‌ଡିପିଓ ଓ ତାଳଚେର ଭାରପ୍ରାପ୍ତ ଥାନାଧିକାରୀ ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ।

## ମୟୂରଭଞ୍ଜରେ ୬୫୦ ଶଯ୍ୟାର ନୂଆ ଟିଚିଂ ହସ୍ପିଟାଲ ଲୋକାର୍ପିତ

# ବଦଳିବ ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟ ମାନଚିତ୍ର: ମୁଖ୍ୟମନ୍ତ୍ରୀ

ବାରିପଦା, ୮।୬ (ସମିସ): ମୟୂରଭଞ୍ଜ ଓ ସମଗ୍ର ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଜି ଏକ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରିକଳ୍ପନା ପ୍ରକଳ୍ପ ଆଜି ପୂର୍ଣ୍ଣାଙ୍ଗ ରୂପ ପାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦାକୁ ଦିନିକିଆ ଗସ୍ତରେ ଆସି ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ନୂତନ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଂ ହସ୍ପିଟାଲ ଉଦ୍‌ଘାଟନ କରିବା ସହିତ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ୪୩୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ମୟୂରଭଞ୍ଜ ଜିଲ୍ଲାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ମୋଟ ୪୩୦.୨୬ କୋଟି ଟଙ୍କା ବିନିଯୋଗ କରାଯାଉଛି। ଏହି ବୃହତ୍ ବ୍ୟୟବରାଦ ଅଧୀନରେ ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟଜଳ ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ କ୍ଷେତ୍ର ସହ ଜଡ଼ିତ ୩୯ଟି ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଫଳରେ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସୁଧାର ଆସିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମ ମଧ୍ୟରେ ୨୮୨ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୨୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ୧୪୯ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୧୮ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ବିଶେଷ ଭାବେ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୮ଟି ପାନୀୟ ଜଳ ପ୍ରକଳ୍ପ ଆଜି ଉଦ୍‌ଘାଟିତ ହୋଇଛି।



୩୯ଟି ପ୍ରକଳ୍ପର ଶୁଭାରମ୍ଭ, ୧୦୦ କୋଟିର ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ଏହି ସାର୍ବଜନୀନ ବିକାଶ କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ପ୍ରମୁଖ ଆକର୍ଷଣ ଥିଲା, ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ ବିଲ୍ଡିଂର ଲୋକାର୍ପଣ। ଏହି ଅତ୍ୟାଧୁନିକ ବହୁମୁଖୀ ଚିକିତ୍ସାଳୟ କେବଳ ବାରିପଦା କିମ୍ବା ମୟୂରଭଞ୍ଜ ଜିଲ୍ଲା ନୁହେଁ, ବରଂ ସମଗ୍ର ଉତ୍ତର ଓଡ଼ିଶା ଓ ଏହାର ପଡ଼ୋଶୀ ଅଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂଆ ବିପ୍ଳବ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରାୟ ୨୫୮ କୋଟି ଟଙ୍କା ବ୍ୟୟରେ ଏହି ଆଧୁନିକ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଂ ହସ୍ପିଟାଲ ନିର୍ମିତ ହୋଇଛି। ଆଧୁନିକ ସୁବିଧା, ଉନ୍ନତ ନିଦାନ ସେବା, ବିଶେଷଜ୍ଞ ଚିକିତ୍ସା ବିଭାଗ, ଗୁରୁତର ଚିକିତ୍ସା ସୁବିଧା, ଜରୁରୀକାଳୀନ ସେବା ଓ ଉନ୍ନତ ଶିକ୍ଷାଦାନ ଭିତ୍ତିଭୂମି ସହିତ ଏହି ହସ୍ପିଟାଲ ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଅନେକ ଗୁଣରେ ଶକ୍ତିଶାଳୀ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପୋଖରୀ ବିଲ୍ ପାଇଁ ନେଉଥିଲେ ୩୫ ହଜାର ଲାଞ୍ଚ

# ଭିଜିଲାନ୍ସ ଜାଲରେ ଜଳବିଭାଜିକା ମନରେଗା ସହାୟିକା

ଭବାନୀପାଟଣା,୮।୬(ସମିସ): ଜଣେ ହିତାଧିକାରୀଙ୍କଠାରୁ କୃଷି ପୋଖରୀର ବିଲ୍ କରାଇ ଦେବାକୁ ୩୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଳାହାଣ୍ଡି ଜିଲ୍ଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ମନରେଗା ସହାୟକ ପ୍ରିୟଙ୍କା ଜେନା। ଜଣେ ହିତାଧିକାରୀଙ୍କ କୃଷି ପୋଖରୀର ବିଲ୍ ବାବଦକୁ ୨ଲକ୍ଷ ୬୮ ହଜାର ଟଙ୍କା ପାସ୍ କରାଇ ଦେବାକୁ ସେ ୩୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ନଦେଲେ ବକେୟା ବିଲ ପାସ କରିଦେବି ନାହିଁ ବୋଲି ଧମକ ଦେବା ସହ ୩୫ ହଜାର ଟଙ୍କା ଲାଞ୍ଚ ଦେବାକୁ ଅଡ଼ି ବସିଥିଲେ। ଏଥିରେ ଅତିଷ୍ଠ ହୋଇ ହିତାଧିକାରୀଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।



ଅଭିଯୋଗ ପାଇବା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଜାଲ ବିଛାଯାଇଥିଲା। ସୋମବାର ହିତାଧିକାରୀଙ୍କଠାରୁ ଭବାନୀପାଟଣା ଇରିଗେସନ୍ କଲୋନି ଛକ ନିକଟରେ ୩୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏନେଇ କୋରାପୁଟ ଭିଜିଲାନ୍ସ ବିଭାଗରେ ୯/୨୬ରେ ମାମଲା ରୁଜୁ କରାଯାଇଥିବା ବେଳେ ତାଙ୍କୁ ଅଟକ ରଖି ପଚରାଉଚୁରା କରୁଛି ଭିଜିଲାନ୍ସ ଟିମ୍। ସେ ରହୁଥିବା ସ୍ଥାନୀୟ ଦର୍ପଣ ସାଗରପଡ଼ା ଓ ଅନ୍ୟ ଏକ ସ୍ଥାନରେ ଚଢ଼ଉ ଜାରି ରହିଛି। ଆସନ୍ତାକାଲି ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।

## ସରକାରଙ୍କ 'ନିଶାମୁକ୍ତ ଓଡ଼ିଶା' ଅଭିଯାନ

# ମାଟିରେ ମିଶିଲା ୬ ନିଶା ମାଫିଆଙ୍କ ଘର

ରାଉରକେଲା, ୮।୬ (ସମିସ): ରାଉରକେଲାରେ ବର୍ଷବର୍ଷ ଧରି ନିଶା କାରବାର ଚଳାଇ ଆସୁଥିବା ମହତାବରୋଡ୍‌ସ୍ଥିତ ମୀନାପଡ଼ାର ୬ ନିଶାମାଫିଆଙ୍କ ଘର ଉପରେ ଉତ୍ତରପ୍ରଦେଶ ଷ୍ଟାଇଲରେ ବୁଲଡୋଜର୍ ଚାଲିଛି। ରାଜ୍ୟ ସରକାରଙ୍କ 'ନିଶାମୁକ୍ତ ଓଡ଼ିଶା ଅଭିଯାନ'ରେ ରାଉରକେଲା ପୁଲିସର ଏହା ସବୁଠାରୁ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ବୋଲି କୁହାଯାଉଛି। ପୁଲିସ, ସ୍ଥାନୀୟ ପ୍ରଶାସନ ଏବଂ ରାଉରକେଲା ଇସ୍ପାତ କାରଖାନାର ସହର ସେବା ଦ୍ୱାରା ମିଳିତ ଭାବେ ଏହି ଅଭିଯାନ କରାଯାଇଥିଲା। ଅଭିଯାନ ସମୟରେ ନିଶା କାରବାର ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ସମେତ ବହୁ ବିଚାରାଧୀନ ଅପରାଧିକ ମାମଲାରେ ଜଡ଼ିତ ବ୍ୟକ୍ତିମାନଙ୍କ ସହିତ ସମ୍ପୃକ୍ତ ୭ଟି ଘରକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଧରାଶାୟୀ କରାଯାଇଥିଲା।

ସୂଚନାଯୋଗ୍ୟ, ନିଶା କାରବାରର ଅମରାବତୀ ପାଲଟିଥିଲା ମୀନାପଡ଼ା। ସହରରେ ଖୋଲାଖୋଲି ଭାବେ ଚାଲୁଥିଲା ବ୍ରାଉନସୁଗାର, କୋକେନ, ଅଫିମ ଓ ଗଞ୍ଜେଇ କାରବାର। ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଗତବର୍ଷ ଜାନୁଆରୀରେ ମୀନାପଡ଼ାରେ ବଡ଼ଧରଣର ଚଢ଼ଉ ହୋଇଥିଲା ବେଳେ ଗତ ମେ' ୨୩ରେ ପୁଣି ମୀନାପଡ଼ା, ମହତାବରୋଡ୍, ରହମନଗର ଆଦି ଅଞ୍ଚଳରେ ଅତର୍କିତ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ୨ କୋଟି ଟଙ୍କାର ନିଶା ଜବତ ହୋଇଥିଲା। ସେହିପରି ଗତ ୨୦୨୨ ଫେବ୍ରୁଆରୀ ୨୮ରେ ରାଉରକେଲା ପୁଲିସ ପକ୍ଷରୁ ବଡ଼ ଧରଣର ଡ୍ରଗ୍ସ କାରବାରର ପର୍ଦ୍ଦାଫାସ କରାଯାଇଥିଲା।



ଏହି ଅବସରରେ ପ୍ରାୟ ୧୦ ଲକ୍ଷ ଟଙ୍କାର ଧଳା ଜହର ଅଥବା ହିରୋଇନ୍ ଜବତ କରାଯିବା ସହ ମୀନାପଡ଼ାର ରୋଶନ ଖାତୁନ୍ ଓରଫ ଶାନ୍ତି (୫୫), ଫରିଦା ଖାତୁନ୍ ଓରଫ ଜରିୱାଲା (୫୦), ମହମ୍ମଦ ଇମ୍ରାନ ଆଲାମ (୨୮) , ମହମ୍ମଦ ଆଲାମ (୨୪), ନୁରେଶା ଖାତୁନ୍ (୫୫), ରହିମା ଖାତୁନ୍ ଓରଫ ରୀତା (୫୫), ମନୀଷା ଖାତୁନ୍ (୨୫) ଏବଂ ମଧୁ ଓରଫ୍ ନୁରେଶା ଖାତୁନ୍ (୫୯) ଭଳି ୬ଜଣ ନିଶା ମାଫିଆଙ୍କୁ ପ୍ଲାଣ୍ଟସାଇଟ୍ ପୁଲିସ ଗିରଫ କରିଥିଲା। ଆଜି ସେମାନଙ୍କ ଘରକୁ ବୁଲଡୋଜର୍ ଦ୍ୱାରା ମାଟିରେ ମିଶାଇ ଦିଆଯାଇଥିଲା। କିଛି ଘର ପର୍ଯ୍ୟନ୍ତ ବୁଲଡୋଜର୍ ଯାଇନପାରିବାରୁ ଉକ୍ତ ଘରକୁ ଆରଏସପି ଲ୍ୟାଣ୍ଡ ଗାର୍ଡ କର୍ମଚାରୀମାନେ ଶାବଳ ଦ୍ୱାରା ଭାଙ୍ଗି ଦେଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାକୁ ଦୃଷ୍ଟିରେ ରଖି ୫ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଖୋଦ୍ ଏସ୍‌ପି ନିତେଶ ୱାଧୱାନୀ ଉପସ୍ଥିତ ରହି ପରିସ୍ଥିତି ପ୍ରତି ସତର୍କ ନଜର ରଖିଥିଲେ। ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ଡିଏସ୍‌ପି ମନୋରଂଜନ ପ୍ରଧାନଙ୍କ ନେତୃତ୍ୱରେ ବହୁସଂଖ୍ୟାରେ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଉଚ୍ଛେଦ ପୂର୍ବରୁ ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ ସଂଯୋଗକୁ କାଟି ଦିଆଯାଇଥିଲା।

- ଉତ୍ତରପ୍ରଦେଶ ଷ୍ଟାଇଲରେ ରାଉରକେଲାରେ ଚାଲିଲା ବୁଲ୍‌ଡୋଜର
- ୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ

# ବଜ୍ରପାତରେ ଦିଅର-ଭାଉଜ ସମେତ ୪ ମୃତ

ହିନ୍ଦୋଳ/ଖଜୁରିଆକଟା/ତିଗିରିଆ/କବିସୂର୍ଯ୍ୟନଗର,୮।୬(ସମିସ): ବଜ୍ରପାତ ରାଜ୍ୟରେ ୪ଜଣଙ୍କ ଜୀବନ ନେଇଛି। ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ଅଞ୍ଚଳରେ ଦିଅର-ଭାଉଜଙ୍କ ମୃତ୍ୟୁ ଘଟିଥିବା ବେଳେ କଟକ ଜିଲ୍ଲା ତିଗିରିଆ ଓ ଗଞ୍ଜାମ ଜିଲ୍ଲା କୋଦଳା ଅଞ୍ଚଳରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି।

ସୂଚନାନୁଯାୟୀ, ହିନ୍ଦୋଳ ଥାନା ଅଞ୍ଚଳର ବାଉଁଶ ପୋଖରୀ ଗାଁରେ ଆଜି ଅପରାହ୍ଣରେ ଅଚାନକ କାଳବୈଶାଖୀ ମାଡ଼ି ଆସିଥିଲା। ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଏହି ସମୟରେ ବନ୍ଧାଭୂଇଁ ଗ୍ରାମର ପୂର୍ବତନ ସଭାପତିଙ୍କ ସ୍ତ୍ରୀ ସୁବାସିନୀ ସାହୁ ଏବଂ ତାଙ୍କ ଦିଅର ଗଣିଆ ସାହୁ ନିଜ ଆମ୍ବ ବଗିଚାରେ ଥିଲେ। ବର୍ଷା ଯୋଗୁଁ ଉଭୟ ଏକ ଗଛମୂଳରେ ଆଶ୍ରୟ ନେଇଥିଲେ। ହଠାତ୍ ଉକ୍ତ ଗଛ ଉପରେ ବଜ୍ରପାତ ହୋଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ହିନ୍ଦୋଳ ଡାକ୍ତରଖାନା ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି, ତିଗିରିଆ ଥାନା ସାରିଆପଦା ଗ୍ରାମର ବୁଲା ପ୍ରଧାନ (୬୦)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ଆଜି ଅପରାହ୍ଣରେ କାଳବୈଶାଖୀ ହୋଇଥିଲା। ଏହି ସମୟରେ ସେ ଗାଁ ପାଖ ଜଙ୍ଗଲକୁ କାଠ ଗୋଟାଇବାକୁ ଯାଇଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ଘରକୁ ନ ଫେରିବାରୁ ପରିବାରଲୋକେ ତାଙ୍କୁ ଜଙ୍ଗଲରେ ଖୋଜାଖୋଜି କରି ଏକ ଖଜୁରୀ ଗଛ ମୂଳରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଏକ ଘଟଣାକ୍ରମେ, ଗଞ୍ଜାମ କୋଦଳା ନିକଟସ୍ଥ ଦେଓଗାଁଠାରେ ଗତ ସଂଧ୍ୟାରେ ବଜ୍ରପାତ ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ବିଚିତ୍ର ଗୌଡ଼। ସେ ଗାଈ ଚରାଇବା ପାଇଁ ଦେଓଗାଁ ହଜକୁ ଯାଇଥିଲେ। ସଂଧ୍ୟାରେ ସେ ଗାଈ ନେଇ ଘରକୁ ଫେରୁଥିବା ବେଳେ ବଜ୍ରପାତ ହେବାରୁ ସେ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପୋଲସରା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-341 ♦TUESDAY ♦9 JUNE 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୩୪୧ ♦ମଙ୍ଗଳବାର ♦୯ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




## ବିଶାଖାପାଟଣା ଇସ୍ପାତ କାରଖାନାରେ ଅଘଟଣ

# ତରଳ ଇସ୍ପାତ ପଡ଼ି ୮ ଶ୍ରମିକ ମୃତ

■ ବିଶାଖାପାଟଣା, ୮।୬ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଇସ୍ପାତ କାରଖାନାରେ ସୋମବାର ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି । କାରଖାନାର ଏକ ବିଶେଷ ଉତ୍ତାପ କେନ୍ଦ୍ରରେ ଅତ୍ୟଧିକ ଗରମ ଥିବା ତରଳ ଇସ୍ପାତ ଶ୍ରମିକମାନଙ୍କ ଉପରେ ପଡ଼ିଯିବାରୁ ଅତିକମରେ ୮ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଏଥିରେ ଅନେକ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି । ପ୍ରାଥମିକ ସୂଚନା ଅନୁଯାୟୀ, ତରଳ ଇସ୍ପାତ ନିଆଯାଉଥିବା ଏକ ବିଶାଳ ପାତ୍ର (ଲାଡଲ୍) ହଠାତ୍ ବିସ୍ଫୋରଣ ହେବା ଯୋଗୁଁ ଏହି ଅଘଟଣ ଘଟିଛି । ଏହି ଦୁର୍ଘଟଣା ପରେ ସମଗ୍ର କାରଖାନା ପରିସରରେ ଆତଙ୍କଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ଜୀବନ ବଞ୍ଚାଇବା ପାଇଁ ଶ୍ରମିକମାନେ ଏପଟସେପଟ ଦୌଡ଼ିବାକୁ ଲାଗିଥିଲେ । ପୋଲିସ ଅଧିକାରୀଙ୍କ ସୂଚନା ଅନୁସାରେ, ଇସ୍ପାତ କାରଖାନାର ସୁରକ୍ଷା ଓ ବୈଷୟିକ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ରାଜ୍ୟ ଗୃହମନ୍ତ୍ରୀ ବଙ୍ଗାଲାପୁଡ଼ି ଅନିତା ଏହି ଦୁର୍ଘଟଣା ସମ୍ପର୍କରେ ଜାଣିବା ପରେ ତୁରନ୍ତ ସ୍ଥାନୀୟ ଜିଲ୍ଲାପାଳ ଏବଂ ପୋଲିସ କମିସନରଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରି କ୍ଷୟକ୍ଷତିର ବିବରଣୀ ନେଇଛନ୍ତି । ଆହତ ଶ୍ରମିକମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇଦେବା ଏବଂ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଗୃହମନ୍ତ୍ରୀ ନିଜେ ଘଟଣାସ୍ଥଳକୁ ଗସ୍ତ କରି ସ୍ଥିତିର ଅନୁଧ୍ୟାନ କରୁଥିବା ସୂଚନା ମିଳିଛି ।

## ୭.୮ ତୀବ୍ରତା ଭୂକମ୍ପରେ ଦୋହଲିଲା ଫିଲିପାଇନ୍ସ

# ଭୁଶୁଡ଼ିଲା ଅଟ୍ଟାଳିକା; ୩୨ ମୃତ, ୧୩୪ ଆହତ

■ ମାନିଲା, ୮।୬ (ଏଜେନ୍ସି): ଦକ୍ଷିଣ ଫିଲିପାଇନ୍ସରେ ଏକ ଶକ୍ତିଶାଳୀ ଭୂକମ୍ପ ଯୋଗୁଁ ୩୨ ଜଣ ପ୍ରାଣ ହରାଇଛନ୍ତି ଏବଂ ୧୫୦ରୁ ଅଧିକ ଆହତ ହୋଇଛନ୍ତି । ଭୂକମ୍ପ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି । ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ, ମିନ୍ଦାନାଓ ଦ୍ୱୀପପୁଞ୍ଜ ନିକଟରେ ସୃଷ୍ଟି ହୋଇଥିବା ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୭.୮ ରେକର୍ଡ କରାଯାଇଛି । ଭୂପୃଷ୍ଠରୁ ପ୍ରାୟ ୬୩ କିଲୋମିଟର ଗଭୀରତାରେ ଏହି କମ୍ପନର କେନ୍ଦ୍ର ହୋଇଥିବା ବେଳେ ଏହା ସମଗ୍ର ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସୁନାମିର ବଡ଼ ଆଶଙ୍କା ସୃଷ୍ଟି କରିଛି । ଏହି ପ୍ରାକୃତିକ ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ୩୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି ଏବଂ ଅନେକ ନିଖୋଜ ଅଛନ୍ତି । ବିଭିନ୍ନ ସ୍ଥାନରୁ ଭୟାନକ ଭିଡିଓ ବର୍ତ୍ତମାନ ସାମନାକୁ ଆସିଛି, ଯେଉଁଥିରେ ବଡ଼ ବଡ଼



ଅଟ୍ଟାଳିକାଗୁଡ଼ିକ ଭୁଶୁଡ଼ି ପଡୁଥିବା ଦେଖାଯାଉଛି । ଚାରିଆଡ଼େ ଧୂଳିର ଆସ୍ତରଣରେ ଘୋଡ଼େଇ ହୋଇଯାଉଥିବା ମଧ୍ୟ ଦେଖିବାକୁ ମିଳୁଛି । ଜେନେରାଲ ସାଣ୍ଟୋସ ସହରର ଆନ୍ତର୍ଜାତୀୟ ▶ପୃଷ୍ଠା-୭

## ଟିଏମ୍‌ସିରେ ମହାବିଦ୍ରୋହ

# ମମତାଙ୍କୁ ଛାଡ଼ିଲେ ୨୦ ସାଂସଦ

## ଏନ୍‌ଡିଏକୁ ଦେବେ ସମର୍ଥନ; ବାଚସ୍ପତିଙ୍କୁ ଲେଖିଲେ ଚିଠି

■ ନୂଆଦିଲ୍ଲୀ, ୮।୬ (ଏଜେନ୍ସି): ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନ ।।ରେ ବିପର୍ଯ୍ୟୟ ପରେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଏବେ ଦଳ ଭିତରେ ବଡ଼ ଧରଣର ବିଦ୍ରୋହର ସମ୍ମୁଖୀନ ହୋଇଛନ୍ତି । ରାଜ୍ୟରେ ବିଧାୟକ ଦଳ ଦୁଇ ଫାଳ ହେବା ପରେ ଏବେ ସଂସଦୀୟ ଦଳରେ ମଧ୍ୟ ବଡ଼ ଧରଣର ଫାଟ ସୃଷ୍ଟି ହୋଇଛି । ଇଣ୍ଡିଆ ମେଣ୍ଟ ବୈଠକରେ ଯୋଗଦେବା ଲାଗି ମମତା ଆଜି ଦିଲ୍ଲୀ ଆସିଥିବା ବେଳେ ତାଙ୍କ ଦଳର ଅତିକମ୍‌ରେ ୨୦ ଜଣ ଲୋକସଭା ସାଂସଦ ତାଙ୍କୁ ବଡ଼ ଧରଣର ଝଟକା ଦେଇ ଏନ୍‌ଡିଏ ସହିତ ହାତ ମିଳାଇବାକୁ ଘୋଷଣା କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଏହି ବିଦ୍ରୋହୀ ସାଂସଦ ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖି ସେମାନଙ୍କୁ ପୃଥକ ଗୋଷ୍ଠୀର ମାନ୍ୟତା ଦେବାଲାଗି ଅନୁରୋଧ କରିଛନ୍ତି ।




ଏକଦା ମମତାଙ୍କ ସବୁଠାରୁ ଘନିଷ୍ଠ ରୂପେ ପରିଚିତ ଲୋକସଭା ସାଂସଦ କାକୋଲି ଘୋଷ ଏହି ବିଦ୍ରୋହର ନେତୃତ୍ୱ ନେଉଛନ୍ତି । ତାଙ୍କ ସହିତ ଅଛନ୍ତି ମମତାଙ୍କ ଅନ୍ୟତମ ଘନିଷ୍ଠ ଶତାବ୍ଦୀ ରାୟ । କାକୋଲି ଘୋଷ ଆଜି ଏଠାରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ତାଙ୍କ ସହିତ ଲୋକସଭାର ଅନ୍ୟ ୧୯ ଜଣ ଟିଏମ୍‌ସି ସାଂସଦ ବାଚସ୍ପତି ଓମ୍ ବିର୍ଲାଙ୍କୁ ପତ୍ର ଲେଖି ସେମାନଙ୍କୁ ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ଦେବାଲାଗି ଦାବି କରିଛନ୍ତି । ସେମାନେ କେନ୍ଦ୍ରରେ ଏନଡିଏ ସରକାରକୁ ସମର୍ଥନ ଜଣାଇବେ ବୋଲି କହିଛନ୍ତି । ତାଙ୍କ ଗୋଷ୍ଠୀରେ ଅଛନ୍ତି ଫିଲ୍ମ

### ଶୁଭେନ୍ଦୁଙ୍କୁ ଭେଟିଲେ ୧୪ ସାଂସଦ

### ରାଜ୍ୟସଭା, ଟିଏମ୍‌ସିରୁ ଇସ୍ତଫା ଦେଲେ ସୁଖେନ୍ଦୁ ଶେଖର ରାୟ

ତାରକା ସାଂସଦ ସର୍ମିଳା ସରକାର । ତେବେ ସେ ଅନ୍ୟମାନଙ୍କ ନାମ ପ୍ରକାଶ କରି ନାହାନ୍ତି । ମିଳିଥିବା ସୂଚନା ଅନୁଯାୟୀ ଏହି ୨୦ ଜଣ ସାଂସଦ ଗତକାଲି ରାତିରେ ବିଜେପି ନେତା ଭୂପେନ୍ଦର ଯାଦବଙ୍କ ଘରେ ଏକାଠି ▶ପୃଷ୍ଠା-୭

# ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ

■ ଭୁବନେଶ୍ୱର, ୮।୬ (ସମିସ): ରାଜ୍ୟରେ ଆରମ୍ଭ ହୋଇଛି ପ୍ରାକ୍ ମୌସୁମୀ ବର୍ଷା । ବର୍ତ୍ତମାନ ରାଜ୍ୟକୁ ଲଗାତାର ଭାବେ ବଙ୍ଗୋପସାଗର ପଟୁ ବାଦଲ ପ୍ରବେଶ କରୁଛି । ଏହି ବାଦଲ ଦ୍ୱାରା ରାଜ୍ୟରେ ବର୍ଷା ହେଉଛି । ସାଧାରଣତଃ ଅନ୍ୟ ସମୟରେ ହେଉଥିବା ବର୍ଷା ବେଳେ ଭୂପୃଷ୍ଠରୁ ସମୁଦ୍ର ଆଡ଼କୁ ବାଦଲ ଚଳନ କରିଥାଏ । କିନ୍ତୁ ମୌସୁମୀ ସମୟରେ ବାଦଲ ସମୂହ ବଙ୍ଗୋପାସଗର ପଟରୁ ଓଡ଼ିଶାମୁହାଁ ହୋଇ ଅନ୍ୟ ରାଜ୍ୟଗୁଡ଼ିକୁ ଯାଇଥାଏ । ଗତ ଦୁଇ ଦିନ ହେବ ରାଜ୍ୟକୁ ବଙ୍ଗୋପସାଗର ପଟୁ ବାଦଲ ପ୍ରବେଶର ମାତ୍ରା ବଢୁଛି ଓ ଅଧିକାଂଶ ସ୍ଥାନରେ ଏହାଦ୍ୱାରା ବର୍ଷା ହେଉଥିବାରୁ ଏହାକୁ ପ୍ରାକ୍ ମୌସୁମୀ ବର୍ଷା ବୋଲି କୁହାଯାଉଛି । ତେବେ ଲଗାତାର ବର୍ଷା ସତ୍ତ୍ୱେ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ରାଜ୍ୟକୁ ପ୍ରବେଶ କରୁଥିବାରୁ ଗୁଳୁଗୁଳି ଜାରି ରହିଛି । ଏହା ମଧ୍ୟ ପ୍ରାକ୍ ମୌସୁମୀ ସ୍ଥିତିର ଅନ୍ୟତମ ଲକ୍ଷଣ ଭାବେ ଗଣନା କରାଯାଉଛି ।


ରାଜ୍ୟରେ ପ୍ରାକ-ମୌସୁମୀ ବର୍ଷା ଲାଗି ରହିଥିବା ବେଳେ ଆଗାମୀ ୨-୩ ଦିନ ମଧ୍ୟରେ ଓଡିଶାକୁ ମୌସୁମୀ ଅଗ୍ରସର ପାଇଁ ପାଗ

### ୧୧ରୁ ବଢ଼ିବ ବର୍ଷା

ଅନୁକୂଳ ରହିଛି ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି । ସୋମବାର ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶର ଆହୁରି କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହୋଇଥିବା ବେଳେ ତେଲଙ୍ଗନାର କିଛି ଅଞ୍ଚଳକୁ ମଧ୍ୟ ମୌସୁମୀ ସ୍ପର୍ଶ କରିଛି । ପାଣିପାଗ କେନ୍ଦ୍ର କହିଛି ଯେ ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ । ଦିନରେ ଗୁଳୁଗୁଳି ସହ ଅପରାହ୍ଣ ପରେ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିବ । ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଆଦି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ । ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସାଙ୍ଗକୁ ପବନର ବେଗ ୫୦ରୁ ୬୦ କିମି ପର୍ଯ୍ୟନ୍ତ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିବା ବେଳେ ଉପକୂଳବର୍ତ୍ତୀ ଜିଲ୍ଲାରେ ଗୁଳୁଗୁଳି ହେବ ବୋଲି କୁହାଯାଇଛି । ତେବେ ୧୧ ତାରିଖରୁ ବର୍ଷାର ପରିମାଣରେ ମାତ୍ରାଧିକ ବୃଦ୍ଧି ସହ ୧୧ ଓ ୧୨ ତାରିଖରେ ଦକ୍ଷିଣ ଓଡ଼ିଶାର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି ।

## ଉଜ୍ଜ୍ୱଳା ହିତାଧିକାରୀଙ୍କୁ ଝଟ୍‌କା

# ଆଉ ୯ ନୁହେଁ; ଏଣିକି ୪ ସିଲିଣ୍ଡର



■ ଭୁବନେଶ୍ୱର, ୮।୬ (ସମିସ): ଉଜ୍ଜ୍ୱଳା ହିତାଧିକାରୀଙ୍କ ପାଇଁ ଖରାପ ଖବର । ପୂର୍ବରୁ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ମିଳୁଥିବା ବାର୍ଷିକ ୯ଟି ସିଲିଣ୍ଡର କୋଟାକୁ ୪କୁ ହ୍ରାସ କରିଛନ୍ତି କେନ୍ଦ୍ର ସରକାର । ସୋମବାର ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଦେଶର କୋଟିକୋଟି ଉଜ୍ଜ୍ୱଳା ହିତାଧିକାରୀଙ୍କୁ ନିରାଶ କରିଛି । ଉଜ୍ଜ୍ୱଳା ପରିବାରମାନଙ୍କ ବାସ୍ତବ ବାର୍ଷିକ ଗ୍ୟାସ ବ୍ୟବହାରକୁ ଦୃଷ୍ଟିରେ ଏହି ନିଷ୍ପତ୍ତି ନିଆଯାଇଥିବା ପେଟ୍ରୋଲିୟମ ମନ୍ତ୍ରଣାଳୟ ସୂଚନା ଦେଇଛି । ସରକାରୀ ତୈଳ ବିପଣନ କମ୍ପାନୀମାନେ ଘରୋଇ ଏଲ୍‌ପିଜି ସିଲିଣ୍ଡର ପ୍ରତି ପ୍ରାୟ ୭୦୦ ଟଙ୍କା କ୍ଷତି ସହୁଥିବାରୁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି ।

ମିଳିଥିବା ସୂଚନା ଅନୁସାରେ ଉଜ୍ଜ୍ୱଳା ଉପଭୋକ୍ତାମାନେ ପ୍ରତି ସିଲିଣ୍ଡର ପାଇଁ ସର୍ବାଧିକ ୩୦୦ ଟଙ୍କା ରିଆତି ପାଇବେ । ମାତ୍ର ପୂର୍ବରୁ ବର୍ଷକୁ ୯ଟି ସିଲିଣ୍ଡର ପର୍ଯ୍ୟନ୍ତ ଏହି ରିଆତି ଦିଆଯାଉଥିଲା, ଏବେ କେବଳ ୪ଟି ସିଲିଣ୍ଡର ଉପରେ ରିଆତି ପ୍ରଦାନ କରାଯିବ । ଅବଶିଷ୍ଟ ସିଲିଣ୍ଡରକୁ ସେମାନେ ବଜାର ମୂଲ୍ୟରେ କିଣିପାରିବେ । ▶ପୃଷ୍ଠା-୭

## ଗିରିପାଲିରେ ଡବଲ ମର୍ଡର୍

# ଶୋଇଥିବା ମା’-ଝିଅଙ୍କୁ ମାରିଦେଲା

■ ସମ୍ବଲପୁର, ୮।୬ (ସମିସ): ଘର ଅଗଣାରେ ଶୋଇଥିବା ମା’- ଝିଅଙ୍କୁ ବୀଭତ୍ସ ହତ୍ୟା । ସମ୍ବଲପୁର ଜିଲ୍ଲା ଶାସନ ଥାନା ଅନ୍ତର୍ଗତ ଗିରିପାଲି ଖଡ଼ିଆପଡ଼ାରେ ଘଟିଥିବା ଏହି ଡବଲ୍-ମର୍ଡର ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ରବିବାର ବିଳମ୍ବିତ ରାତିରେ ଏହି ଆପରାଧିକ ଘଟଣା ଘଟିଛି । ମୃତକଦ୍ୱୟ ହେଲେ, ଉରକୁଲି ପାତ୍ର (୬୦) ଓ ତାଙ୍କ ଝିଅ ଲିଳିମା ଯୁଉଡ଼ା (୩୫) । ଏହି ଘଟଣାରେ

### ଅଭିଯୁକ୍ତ ଗିରଫ

ପୁଲିସ ନମ୍ବର ୧୫୮/୨୬ରେ ହତ୍ୟା ମାମଲା ରୁଜୁ କରି ପଡ଼ୋଶୀ ଯୁବକ ଅଜୟ ପଧାନ (୨୦)କୁ ଗିରଫ କରିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଜୟ ଏକ ଚେନ୍ ସ୍ପ୍ରୋକେଟ୍ ସାହାଯ୍ୟରେ ମା’-ଝିଅଙ୍କୁ ହତ୍ୟା କରିବା ପରେ ଥାନାକୁ ଖବର ଦେଇଥିବା ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ ସୂଚନା ଦେଇଛନ୍ତି ।

ସୂଚନାନୁଯାୟୀ, ଗତକାଲି ଉରକୁଲିଙ୍କ ପୁଅ, ବୋହୂ ଓ ପରିବାରର ଅନ୍ୟ ସଦସ୍ୟ ବୋହୂଘର



ଗାଁରେ ହେଉଥିବା ଏକ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ଯାଇଥିଲେ । ଘରେ କେବଳ ଉରକୁଲି ଓ ତାଙ୍କ ଝିଅ ଲିଳିମା ଥିଲେ । ଭୀଷଣ ଗରମ ଓ ଗୁଳୁଗୁଳି ଯୋଗୁଁ ମା’-ଝିଅ ଘର ବାହାରେ ଅଗଣାରେ ଶୋଇଥିଲେ । ଏହି ସମୟରେ ଅଜୟ ସେମାନଙ୍କୁ ଆକ୍ରମଣ କରିଥିଲା । ପରେ ଏ ସଂପର୍କରେ ପୁଲିସକୁ ଖବର ଦେଇଥିଲା । ରାତିରେ ▶ପୃଷ୍ଠା-୭

## ଚାକିରି ଦେବାକୁ କହି ଟଙ୍କା ଠକିନେଲା ଦଲାଲ୍

# ସାହାଯ୍ୟ ଆଳରେ ଦୁଷ୍କର୍ମ କଲା ଦାଦା

■ ଭୁବନେଶ୍ୱର ୮।୬ (ସମିସ): ପୁଣି ରାଜଧାନୀ ଉପକଣ୍ଠରେ ଏକ ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଛି । ରାଜଧାନୀରେ ଚାକିରି ଖୋଜୁଥିବା ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ସହଯୋଗ କରିବା ଆଳରେ ସଂପର୍କୀୟ ଦାଦା ହଷ୍ଟେଲରୁ ନେଇ ପିପିଲି ଥାନା ଅଞ୍ଚଳର ଏକ ହୋଟେଲରେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଲିଖିତ ଏତଲା କ୍ରମେ ଯାଜପୁର ଜିଲ୍ଲା ବଡ଼ଚଣା ଅଞ୍ଚଳର ହିମାଂଶୁ ସାମଲ ଓରଫ ଜିତୁଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମିନା କହିଛନ୍ତି ।

ସୂଚନା ମୁତାବକ, ଭରତପୁର ଅଞ୍ଚଳର ଜଣେ ଯୁବତୀ ରାଜଧାନୀରେ ଚାକିରି ଖୋଜୁଥିଲେ । ଝିଅର ଚାକିରି ପାଇଁ ତାଙ୍କ ମା’ ଜଣେ ବ୍ୟକ୍ତିଙ୍କୁ ୩୫ ହଜାର ଟଙ୍କା ଦେଇଥିଲେ । ପରିବାରର ନିକଟତର ହୋଇ ଏହି ବ୍ୟକ୍ତି ଯୁବତୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବି ବ୍ୟବହାର କରୁଥିଲା । ଏକାଧିକ ଲୋକଙ୍କୁ ଚାକିରି କରାଇଦେବାକୁ କହି ଏହି ବ୍ୟାଙ୍କ ଆକାଉଣ୍ଟରେ ଠକେଇ ଟଙ୍କା ବି ନେଉଥିଲା । ଶେଷରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଚାକିରି ତ ଦେଇ ପାରିଲେନି; ଓଲଟା ୩୫ ହଜାର ଟଙ୍କା ନେଇ ଫେରାର୍ ହୋଇଗଲା । ସେମାନେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଲେ । ଏହାସହ ଯୁବତୀଙ୍କ ପରିବାର ଲୋକେ ଭୟଭୀତ ହେଲେ । କାଳେ ପୁଲିସ ତାଙ୍କୁ ଠକେଇ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଗ୍ରହଣ କରିବା ଅଭିଯୋଗରେ ଗିରଫ କରିଦେବ । ଏଣୁ ଯୁବତୀଙ୍କ ମା’ ତାଙ୍କ ସମ୍ପର୍କୀୟ ଭାଇ ତଥା ଯୁବତୀଙ୍କ ଦାଦା ଜିତୁ ସହ ଯୋଗାଯୋଗ କଲେ । ଜିତୁ ମଧ୍ୟ ପୁଲିସ କେସ୍‌ରୁ ପରିବାର ଲୋକଙ୍କୁ ମୁକୁଳାଇ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା । ରାଜଧାନୀର ଏକ ହଷ୍ଟେଲରେ ରହୁଥିବା ଯୁବତୀଙ୍କୁ ସେ ଏକ ଫୋନ୍ ନମ୍ବରରୁ ପ୍ରଥମେ କଲ୍ କରି ପୁଲିସର ମିଛ ପରିଚୟ ଦେଇ ଗିରଫଦାରୀର ଧମକ ଦେଇଥିଲା । ପରେ ଯୁବତୀଙ୍କୁ ନିଜ ଫୋନ୍‌ରୁ କଲ୍ କରି କିଛି ହେବ ନାହିଁ ବୋଲି କହି ସାହସ ଦେଇଥିଲା । ତେବେ ପୁଲିସ ଗିରଫ କରିଦେବ କହି ଡରାଇବା ସହ ଯୁବତୀଙ୍କୁ ଡରାଇ ପିପିଲିର ଏକ ହୋଟେଲକୁ ଡକାଇ ଆଣି ସେଠାରେ ଦୁଷ୍କର୍ମ କରିଥିଲା ।

# ନବୀନ ଡାକିଲେ ସାଂଗଠନିକ ବୈଠକ

## ପରାଜିତ ନେତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା

■ ଭୁବନେଶ୍ୱର, ୮।୬ (ସମିସ): ଆସନ୍ତା ୧୦ ତାରିଖ ଅପରାହ୍ନରେ ଶଙ୍ଖ ଭବନରେ ଅନୁଷ୍ଠିତ ହେବ ବିଜେଡିର ସାଙ୍ଗଠନିକ ବୈଠକ । ଗତ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା ବିଜେଡି ନେତାମାନଙ୍କ ସହ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଭିନ୍ନ ପ୍ରସଙ୍ଗରେ ବିଚାରବିମର୍ଶ କରିବେ । ବିଶେଷ ଭାବରେ ସମ୍ପ୍ରତି ରାଜ୍ୟରେ ଆରମ୍ଭ ହୋଇଥିବା ଏସ୍‌ଆଇଆର (ସ୍ୱତନ୍ତ୍ର ସଘନ ସଂଶୋଧନ) ଓ ବିଭିନ୍ନ ବ୍ଲକ, ପୌରାଞ୍ଚଳ, ପଞ୍ଚାୟତରେ ସାଙ୍ଗଠନିକ କାର୍ଯ୍ୟକ୍ରମ, ସାମ୍ପ୍ରତିକ ସରକାରର ଜନବିରୋଧୀ ନୀତି ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେବ । ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି । ଏହି ଅବସରରେ ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦଳର



ସଭାପତି ନବୀନ ପଟ୍ଟନାୟକ ନିୟମିତ ନିର୍ବାଚିତ ପ୍ରତିନିଧିଙ୍କ ଠାରୁ ନେଇ ସାଙ୍ଗଠନିକ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି । ସେହି କ୍ରମରେ ନିର୍ବାଚନ ମଣ୍ଡଳୀରେ ଗତ ସାଧାରଣ ନିର୍ବାଚନର ପ୍ରାର୍ଥୀମାନଙ୍କ ସହ ସାଂଗଠନିକ ବ୍ୟାପାର, ବିଭିନ୍ନ ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିବେ ।

## ୫ ବିଭାଗର ୧୦ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ

# ଆତିଥ୍ୟ ଭିତ୍ତିଭୂମି ପାଇଁ ୫୫୦୦ ଏକର ଭୂମି ବ୍ୟାଙ୍କ

■ ଭୁବନେଶ୍ୱର,୮।୬ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୫ଟି ବିଭାଗର ମୋଟ ୧୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ୧୦ ପ୍ରସ୍ତାବ ମଧ୍ୟରେ ପର୍ଯ୍ୟଟନ ବିଭାଗ ଅଧୀନରେ ଆତିଥ୍ୟ ଭିତ୍ତିଭୂମି ପାଇଁ ଭୂମି ବ୍ୟାଙ୍କ ଯୋଜନା ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଜଳତଟ ବିକାଶ ଯୋଜନା ପରି ଦୁଇଟି ନୂତନ ଯୋଜନାକୁ ଅନୁମୋଦନ ଦେଇଛି ରାଜ୍ୟ କ୍ୟାବିନେଟ । ଗୃହୀତ ପ୍ରସ୍ତାବ ମଧ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗର ୪ଟି, ଜଳସମ୍ପଦ ବିଭାଗର ୨ଟି, ଶିଳ୍ପ ବିଭାଗର ୨ଟି ପ୍ରସ୍ତାବ ସହ ପର୍ଯ୍ୟଟନ ଏବଂ ରାଜସ୍ୱ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବ ଅନ୍ତର୍ଭୁକ୍ତ ରହିଛି ।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସୂଚନା ଅନୁଯାୟୀ କ୍ୟାବିନେଟ ବୈଠକରେ ଆତିଥ୍ୟ ଭିତ୍ତିଭୂମି ପାଇଁ ଭୂମି ବ୍ୟାଙ୍କ ଯୋଜନାକୁ ଅନୁମୋଦନ ମିଳିଛି । ରାଜ୍ୟରେ ପର୍ଯ୍ୟଟନ ନେତୃତ୍ୱାଧୀନ



- ପର୍ଯ୍ୟଟନ ଭିତ୍ତିଭୂମି ସୁଦୃଢ଼ ପାଇଁ ୫ ବର୍ଷରେ ୧୫୦୦ କୋଟି ବ୍ୟୟବରାଦ
- ଜଳତଟ ବିକାଶ ଯୋଜନାକୁ ମୋହର, ଖର୍ଚ୍ଚ ହେବ ୫୦୦ କୋଟି ଟଙ୍କା
- ଅଯୋଧ୍ୟାସାଗର ନିମ୍ନଭାଗରେ ୪୪୦ କୋଟି ୩୩ ଲକ୍ଷ ବ୍ୟୟରେ ପ୍ରକଳ୍ପ
- ୪୦୦୦ ମହିଳା ଶ୍ରମଜୀବୀଙ୍କ ପାଇଁ ଖୋର୍ଦ୍ଧା କାଲିବେଟି ଶିଳ୍ପାଞ୍ଚଳରେ ହଷ୍ଟେଲ
- ଦୟା ଓ ଗଙ୍ଗୁଆ ନାଳର ସଂଗମ ସ୍ଥଳରେ ବର୍ଜ୍ୟ ଜଳ ବିଶୋଧନ କେନ୍ଦ୍ର ନିର୍ମାଣ
- ପିଏମ୍ ଆବାସ(ସହର) ହିତାଧିକାରୀଙ୍କୁ ଷ୍ଟାମ୍ପ ପେପର୍ ଓ ନିବନ୍ଧନ ଶୁଳ୍କ ଛାଡ଼

ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏକ ଦୃଢ଼ ଭିତ୍ତିଭୂମି ସୃଷ୍ଟି ତଥା ଆତିଥ୍ୟ କ୍ଷେତ୍ରରେ ବଡ଼ ପରିମାଣର ନିବେଶକୁ ଆକୃଷ୍ଟ କରିବା ଏହାର ପ୍ରମୁଖ ଲକ୍ଷ୍ୟ ବୋଲି କୁହାଯାଇଛି । ଉନ୍ନତ ପର୍ଯ୍ୟଟନ ଭିତ୍ତିଭୂମି ସୃଷ୍ଟିରେ ଜମି ଏକ ପ୍ରମୁଖ ସମସ୍ୟା ହୋଇଥବା ବେଳେ ଏହି ଯୋଜନା ଅଧୀନରେ ଏହି ସମସ୍ୟାର ସମାଧାନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏହି ଯୋଜନା ଅଧୀନରେ ରାଜ୍ୟବ୍ୟାପୀ ୫୫୦୦ ଏକର ଜମି ପର୍ଯ୍ୟାୟକ୍ରମେ ଚିହ୍ନଟ କରାଯାଇ ପର୍ଯ୍ୟଟନ ଭୂମି ବ୍ୟାଙ୍କରେ ସାମିଲ କରାଯିବ । ଏଥିରେ ଚିଲିକା, କୋଣାର୍କ, ପୁରୀ(ଶାମୁକା), ଧଉଳି, ହୀରାକୁଦ, ସାତକୋଶିଆ, ଶିମିଳିପାଳ, ଭିତରକନିକା, ଦାରିଙ୍ଗିବାଡ଼ି, ଦେଓମାଳି, ବୌଦ୍ଧ ସର୍କିଟ, ଜିରାଙ୍ଗ, ତାଳସାରୀ ଏବଂ ଟାମ୍ପରା-ଆର୍ଯ୍ୟପଲ୍ଲୀ ଭଳି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ କ୍ଷେତ୍ର ସାମିଲ କରାଯିବ । ଆବଶ୍ୟକତା ଅନୁଯାୟୀ ଅନ୍ୟ ପର୍ଯ୍ୟଟନ ସମ୍ଭାବ୍ୟ ଗନ୍ତବ୍ୟସ୍ଥଳୀକୁ ପରବର୍ତ୍ତୀ ସମୟରେ ▶ପୃଷ୍ଠା-୭

## ରନ୍ଧନ ଗ୍ୟାସ୍ ସିଲିଣ୍ଡରର କଳାବଜାରୀ; ପ୍ରଶାସନ ନିରବ

# ଘରେ ରୋଷେଇ ପାଇଁ ମିଳୁନି; ହୋଟେଲରେ ଯାହାକୁ ଯେତେ

କୁଣ୍ଢେଇ,୮।୬(ସମିସ)



କାକଟପୁରଠାରୁ ଅସ୍ତରଙ୍ଗ, କୋଣାର୍କଠାରୁ କାକଟପୁର ମଧ୍ୟରେ ଘରୋଇ ରନ୍ଧନ ଗ୍ୟାସ୍‌ର କଳାବଜାରୀ ଏବଂ ବେଆଇନ କାରବାର ବୃଦ୍ଧି ପାଇବାରେ ଲାଗିଛି। ସାଧାରଣ ଗ୍ରାହକଙ୍କ ପାଇଁ ଉଦ୍ଦିଷ୍ଟ ସବ୍‌ସିଡି ଗ୍ୟାସ୍ ସିଲିଣ୍ଡରକୁ ବିଭିନ୍ନ ହୋଟେଲ, ମିଠା ଦୋକାନ, ଚା’ ଦୋକାନ ଏବଂ ବ୍ୟାବସାୟିକ ପ୍ରତିଷ୍ଠାନରେ ବେଧଡ଼କ ଭାବେ ବ୍ୟବହାର କରାଯାଉଛି। ମାତ୍ର ଦୁର୍ଭାଗ୍ୟର ବିଷୟ, ସବୁ ଜାଣି ମଧ୍ୟ ସ୍ଥାନୀୟ ଯୋଗାଣ ବିଭାଗ ଓ ପ୍ରଶାସନ ପକ୍ଷରୁ ଚଢ଼ଉ ଶୂନ୍ ହୋଇ ରହିଛି, ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିୟମ ଅନୁଯାୟୀ, ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକରେ କେବଳ ନୀଳ ରଙ୍ଗର କମର୍ସିଆଲ ସିଲିଣ୍ଡର ବ୍ୟବହାର ହେବା କଥା। କିନ୍ତୁ କାକଟପୁର ବଜାର ସମେତ ଗ୍ରାମାଞ୍ଚଳର ଛୋଟବଡ଼ ହୋଟେଲ ଓ ଢାବାଗୁଡ଼ିକରେ ଲାଲ୍ ରଙ୍ଗର ଘରୋଇ ସିଲିଣ୍ଡର ବହୁଳ ଭାବେ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଖୋଲାଖୋଲି ଭାବେ ଏହି ବେଆଇନ କାରବାର ଚାଲିଥିଲେ ହେଁ ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଘରେ ରୋଷେଇ ପାଇଁ ଗ୍ୟାସ୍ ବୁକିଂ କଲେ ଗୋଟେ ଟାଙ୍କି ପାଇବା ପାଇଁ ଦୀର୍ଘ ୪୫ ଦିନ ଅପେକ୍ଷା କରିବାକୁ ପଡୁଛି। କିନ୍ତୁ ହୋଟେଲ, ମିଠା ଦୋକାନ, ଚା’ ଦୋକାନରେ ଗ୍ୟାସ୍ ଟାଙ୍କି ଯାହାକୁ ଯେତେ ଗଦା ହୋଇଛି। ସେମାନଙ୍କୁ ଦିନକୁ ୨/୩ଟି ଟାଙ୍କି ମିଳୁଥିବା ଅଭିଯୋଗ ହେଉଛି।

ଅଭିଯୋଗ ଅନୁଯାୟୀ, କେତେକ ଅସାଧୁ ବ୍ୟବସାୟୀ ଘରୋଇ ସିଲିଣ୍ଡରରୁ ଗ୍ୟାସ୍ ଚୋରି କରି ଛୋଟ ଛୋଟ ସିଲିଣ୍ଡରରେ ଭର୍ତ୍ତି (ରିଫିଲିଂ) କରି ଚଢ଼ାଦରରେ ବିକ୍ରି କରୁଛନ୍ତି। ଏହା କେବଳ ଆର୍ଥିକ କଳାବଜାରୀ ନୁହେଁ, ବରଂ ଅତ୍ୟନ୍ତ ବିପଜ୍ଜନକ ମଧ୍ୟ। କୌଣସି ସୁରକ୍ଷା ବ୍ୟବସ୍ଥା ନ ଥାଇ ଜନଗହଳିପୂର୍ଣ୍ଣ ସ୍ଥାନରେ ଏଭଳି ରିଫିଲିଂ ଯୋଗୁଁ ବଡ଼ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଗୋଟିଏ ପଟେ ସାଧାରଣ ଗ୍ରାହକମାନେ ଠିକ୍ ସମୟରେ ଗ୍ୟାସ୍ ସିଲିଣ୍ଡର ନ ପାଇ ହଇରାଣ ହେଉଥିବାବେଳେ, ଅନ୍ୟପଟେ କଳାବଜାରୀମାନେ ମାଲେମାଲ୍ ହେଉଛନ୍ତି। ପ୍ରଶାସନର ଏଭଳି ନିଷ୍କ୍ରିୟତା ପଛରେ କୌଣସି ସଲାସୁତରା ରହିଛି କି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। କାକଟପୁର ଅଞ୍ଚଳରେ ତୁରନ୍ତ ଯୋଗାଣ ବିଭାଗ ପକ୍ଷରୁ ଆକସ୍ମିକ ଚଢ଼ଉ କରାଯାଉ। ବେଆଇନ ଭାବେ ଗ୍ୟାସ୍ ମହଜୁଦ ଏବଂ ବ୍ୟାବସାୟିକ ବ୍ୟବହାର କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ନଚେତ୍ ଆଗାମୀ ଦିନରେ ଜନଆନ୍ଦୋଳନ ଉଗ୍ର ରୂପ ନେବ।

- ଘରୋଇ ବ୍ୟବହାର ପାଇଁ ମିଳୁଛି ୪୫ ଦିନରେ ଗୋଟିଏ ଟାଙ୍କି
- ହୋଟେଲ, ମିଠା ଦୋକାନୀଙ୍କୁ ଦିନକୁ ୨/୩ଟି ମିଳୁଛି

## ୨ୟ ବାର୍ଷିକ ଇପିଜିପି ମହୋତ୍ସବ



ନିମାପଡ଼ା,୮।୬(ସମିସ): ନିମାପଡ଼ାସ୍ଥିତ ଟାଉନ୍ ହଲ୍ ପରିସରରେ ଥିବା ମୁକ୍ତାକାଶ ରଙ୍ଗମଞ୍ଚରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଇପିଜିପି ମହୋତ୍ସବ-୨୦୨୬ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ଶୁଭ୍ରମନ୍ୟୁ ଶତପଥିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିଭାବେ ଅଧ୍ୟକ୍ଷା ଶୁଭ୍ରଜ୍ୟୋତ୍ସ୍ନା ଶତପଥି, ସୁବ୍ରତ ଦାସ, ପ୍ରିୟ ରଞ୍ଜନ ତ୍ରିପାଠୀ, ସନ୍ଦୀପ ନାରାୟଣ ଦାସ, ଧିରେନ୍ଦ୍ର ନାଥ ଦାସ, ସତ୍ୟନାରାୟଣ ଶତପଥି, ବିଜୟ କୁମାର ପାତ୍ର, ଆଇନଜୀବୀ ସରୋଜ କୁମାର ମହାନ୍ତି, ନିମାପଡ଼ା ପ୍ରେସ୍ କ୍ଲବ୍ ସମ୍ପାଦକ ରମାକାନ୍ତ ବେହେରା ପ୍ରମୁଖ ଯୋଗଦେଇ ବିଗତ ୨ ବର୍ଷ ଭିତରେ ଇପିଜିପି ଅନୁଷ୍ଠାନ ଯଥେଷ୍ଟ ଅଗ୍ରଗତି କରିଥିବା ନେଇ ଅତିଥିମାନେ ମତବ୍ୟକ୍ତ କରିବା ସହ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଶିକ୍ଷକଶିକ୍ଷୟିତ୍ରୀଙ୍କ ନିଷ୍ଠାପର ଶିକ୍ଷାଦାନ ଫଳରେ ଏହି ଶିକ୍ଷାନୁଷ୍ଠାନରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଫ୍‌ଲାଇନ୍‌ରେ ପାଠ ପଢ଼ିବା ସହିତ ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅନ୍‌ଲାଇନ୍‌ରେ ଇପିଜିପି ଅନୁଷ୍ଠାନ ସହିତ ସାମିଲ୍ ହୋଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ଭବିଷ୍ୟତରେ ପ୍ରତି ଜିଲ୍ଲାରେ ଅଫ୍‌ଲାଇନ୍ ସେଣ୍ଟର ଖୋଲିବା ସହିତ ଉନ୍ନତମାନର ଅନ୍‌ଲାଇନ୍ ପ୍ରଶିକ୍ଷଣ ସେବା ଯୋଗାଇଦେବାକୁ ଚେୟାରମ୍ୟାନ ଶୁଭ୍ରମନ୍ୟୁ ଶତପଥି ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ନିରଞ୍ଜନ ପଳତା ପରିଚାଳନା କରିଥିଲେ।

## ଜେଲ୍ ହାଜତକୁ ଗଲା ଦୁର୍ଦ୍ଧାନ୍ତ ଅପରାଧୀ ଚନ୍ଦନ

ପୁରୀ,୮।୬(ସମିସ): ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ପରେ ଜେଲ୍ ହାଜତକୁ ଗଲା ଦୁର୍ଦ୍ଧାନ୍ତ ଅପରାଧୀ ଚନ୍ଦନ ଜେନା। ଗତ ୩୦ ତାରିଖ ରାତିରେ ବାସେଳୀସାହି ଥାନା ଅଞ୍ଚଳରେ ପୁଲିସ ଚନ୍ଦନକୁ ଏନ୍‌କାଉଣ୍ଟର କରିଥିଲା। ଅଭିଯୁକ୍ତ ଚନ୍ଦନ ସେହିଦିନ ଶ୍ରୀସେତୁ ରୋଡ୍ ଅଞ୍ଚଳରେ କିଛି ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କ ସହ ଏକତ୍ରିତ ହୋଇ ରାସ୍ତାରେ ଲୁଟ୍ ଯୋଜନା କରୁଥିଲା। ଖବର ପାଇବା ପରେ ବାସେଳୀସାହି ଥାନାର ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲା। ଯାଞ୍ଚ ସମୟରେ ଓମ୍‌କାରେଶ୍ୱର ମନ୍ଦିର ନିକଟରେ କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପୁଲିସ ଦେଖିଥିଲା। ପୁଲିସକୁ ଦେଖି ସେମାନେ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଚନ୍ଦନ ଜେନା ଚଳାଉଥିବା ମୋଟରସାଇକଲ ଭାରସାମ୍ୟ ହରାଇ ସ୍ଲିପ୍ କରି ତଳେ ପଡ଼ିଯାଇଥିଲା। ମୋଟରସାଇକଲରୁ ପଡ଼ିଯିବା ପରେ ଚନ୍ଦନ ପୁଲିସ ଟିମ୍ ଉପରକୁ ଗୁଳି ଚଳାଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ଓ ଅଭିଯୁକ୍ତଙ୍କୁ କାବୁ କରିବା ପାଇଁ ପୁଲିସ ପକ୍ଷରୁ ପାଲଟା ଗୁଳି ଚାଳନା କରାଯାଇଥିଲା। ଏହି ଗୁଳିବିନିମୟରେ ଚନ୍ଦନର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ଆହତ ଅବସ୍ଥାରେ ତାକୁ ପୁଲିସ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ପୁରୀ ମେଡିକାଲ ପରେ କଟକ ମେଡିକାଲ୍ ସ୍ଥାନାନ୍ତର କରାଯାଇଥିଲା। ତେବେ ଚନ୍ଦନ ସୁସ୍ଥ ହେବା ପରେ ତାକୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

### ● କାକଟପୁରରେ ଆମ୍ ଆଦ୍‌ମୀ ପାର୍ଟିର ସମ୍ମିଳନୀ

## ସରକାରଙ୍କ ଉପରେ ବର୍ଷିଲେ ଜିଲ୍ଲା ସଭାପତି ସଞ୍ଜୀବ



କାକଟପୁର,୮।୬(ସମିସ): କାକଟପୁର ଅଞ୍ଚଳରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପୁରୀ ଜିଲ୍ଲା ଆପ୍ ସଭାପତି ସଞ୍ଜୀବ କୁମାର ମହାନ୍ତି ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। କେନ୍ଦ୍ରରେ ଏବଂ ଓଡ଼ିଶାରେ ଭାରତୀୟ ଜନତା ପାର୍ଟିର ସରକାର ଗଠନ ହେବାର ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଓଡ଼ିଶାର ଜନସାଧାରଣ ଖୁସି ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସଭାପତି ଶ୍ରୀ ମହାନ୍ତି କହିଛନ୍ତି, ଦିଲ୍ଲୀରୁ ମିଳିଥିବା ସ୍ପଷ୍ଟ ନିର୍ଦ୍ଦେଶ ଏବଂ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଓଡ଼ିଶାରେ ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି ସମସ୍ତ ସ୍ଥାନରେ ପ୍ରାର୍ଥୀ ଦେବ। କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଲୋକେ ଆଜି ବି ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ଏବଂ ରୋଜଗାର ଭଳି ମୌଳିକ ସମସ୍ୟାରୁ ବଞ୍ଚିତ ଅଛନ୍ତି। ଅଘୋଷିତ ବିଦ୍ୟୁତ୍ କାଟ୍, ‘ବସୁଧା’ ଯୋଜନାରେ ପାନୀୟ ଜଳର ଅଭାବ ଏବଂ ନିଯୁକ୍ତି ନ ମିଳିବା କାରଣରୁ ସ୍ଥାନୀୟ ଲୋକେ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ଏପରିକି ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ କୋଣାର୍କ ଏବଂ ପ୍ରସିଦ୍ଧ ମା’ ମଙ୍ଗଳାଙ୍କ ପୀଠରେ ବିକାଶ ନାମରେ କେବଳ ରଙ୍ଗ ମାରିବା ବ୍ୟତୀତ କୌଣସି ପ୍ରକୃତ ଉନ୍ନତିମୂଳକ କାର୍ଯ୍ୟ ହେଉନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ କାକଟପୁର ଅଞ୍ଚଳରେ ଦଳ ପକ୍ଷରୁ ଏକ ବ୍ୟାପକ ସଦସ୍ୟତା ଅଭିଯାନ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ରବୀନ୍ଦ୍ର ନାଥ ସାହୁ, ସମ୍ପାଦକ ସତ୍ୟଜିତ୍ ମହାନ୍ତି, କୃଷକ ମୋର୍ଚ୍ଚା ସଭାପତି ଦେବ ପ୍ରଧାନ, କାକଟପୁର ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି, ମହିଳା ମୋର୍ଚ୍ଚା ସଭାନେତ୍ରୀ ସୋନାଲି ରାଉତ, କୋଣାର୍କ ମ୍ୟୁନିସିପାଲିଟିର ସଭାପତି ବିଶ୍ୱଜିତ୍ ପରିଡ଼ା, କାକଟପୁର ପର୍ଯ୍ୟବେକ୍ଷକ ରମାକାନ୍ତ ସ୍ୱାଇଁଙ୍କ ସମେତ ବହୁ ସ୍ଥାନୀୟ ନେତା ଓ କର୍ମୀ ଉପସ୍ଥିତ ରହି ଦଳୀୟ ସଂଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ ସଂକଳ୍ପ ନେଇଥିଲେ।

### ● ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଓ ବାର୍ତ୍ତାଳାପ ଭାଇରାଲ୍

## ପୀଡ଼ିତାଙ୍କ ଆତ୍ମହତ୍ୟା ଉଦ୍ୟମ; ଦୁଇ ଅଭିଯୁକ୍ତ ଗିରଫ

ବଳଙ୍ଗା,୮।୬(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଲଜ୍ଜାଜନକ ଘଟଣା ଘଟିଛି। ଦୁଇ ଜଣ ଯୁବକ ଜଣେ ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ରଖି ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଓ ବାର୍ତ୍ତାଳାପ ମୋବାଇଲ୍‌ରେ ରେକର୍ଡ କରିଥିଲେ। ପରବର୍ତ୍ତୀ ସମୟରେ ଭାଇରାଲ୍ ଧମକ ଦେଇ ପୁନର୍ବାର ସମ୍ପର୍କ ରଖିବାକୁ ଡାକିଥିଲେ। ସମ୍ପୃକ୍ତ ଯୁବତୀ ଜଣକ ମନା କରିବାରୁ ଜଣେ ଅଭିଯୁକ୍ତ ତାଙ୍କ ଭାଇଙ୍କ ମୋବାଇଲକୁ ଅନ୍ତରଙ୍ଗ ବାର୍ତ୍ତାଳାପ ପଠାଇଥିଲା। ଏହା ଜାଣିବା ପରେ ପୀଡ଼ିତା ଜଣକ ଘରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ କବାଟ ଭାଙ୍ଗି ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ବର୍ତ୍ତମାନ ଯୁବତୀ ଜଣକ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାର ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ବଳଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ୧୭୭/୨୬ରେ ଏକ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨ ଅଭିଯୁକ୍ତ ଚନ୍ଦନ ବେହେରା (୨୭), ମୁନା ବେହେରା (୨୯)ଙ୍କୁ ଗିରଫ କରିଛି। ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ୍ ନାମଞ୍ଜୁର ହେବାରୁ ଉପକାରାଗାରକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ଯୁବତୀଙ୍କ ସହ ସେହି ଗ୍ରାମର ୨ ଅଭିଯୁକ୍ତ ଶାରୀରିକ ସମ୍ପର୍କ ରଖିବା ସହ ମୋବାଇଲ୍‌ରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଓ ବାର୍ତ୍ତାଳାପ ରେକର୍ଡିଂ କରିଥିଲେ। ପରବର୍ତ୍ତୀ ସମୟରେ ଭାଇରାଲ୍ ଧମକ ଦେଇ ବିଭିନ୍ନ ସମୟରେ ସମ୍ପର୍କ ରଖି ଆସୁଥିଲେ। ଯୁବତୀ ଜଣକ କିଛିଦିନ ପାଇଁ ନିଜ ସମ୍ପର୍କୀୟଙ୍କ ଘରକୁ ପଳାଇଥିଲେ। ଗତ ଶୁକ୍ରବାର ଯୁବତୀ ଜଣକ ଗାଁରେ ଯାତ୍ରା ହେଉଥିବାରୁ ଘରକୁ ଆସି ମନଦୁଃଖରେ ବସିଥିଲେ। ତାଙ୍କ ଭାଉଜ ପଚାରିବାରୁ କାହାରିକୁ ନ କହିବା ସର୍ତ୍ତରେ ସମସ୍ତ କଥା କହିଥିଲେ। ସେଦିନ ସନ୍ଧ୍ୟାରେ ଅଭିଯୁକ୍ତମାନେ ଯୁବତୀଙ୍କୁ ଫୋନ୍ କରି ଡାକିବା ସହ ନ ଆସିଲେ ତାଙ୍କ ଭାଇଙ୍କ ମୋବାଇଲକୁ ଅନ୍ତରଙ୍ଗ ଭିଡିଓ ଛାଡ଼ିବା ପାଇଁ ଧମକ ଦେଇଥିଲେ। ଯୁବତୀ ଜଣକ ନ ଯିବାରୁ ଜଣେ ଅଭିଯୁକ୍ତ ଯୁବତୀଙ୍କ ଭାଇ ମୋବାଇଲକୁ ଅନ୍ତରଙ୍ଗ ବାର୍ତ୍ତାଳାପ ଛାଡ଼ି ଦେଇଥିଲା। ଏନେଇ ଅଭିଯୁକ୍ତ ଜଣକ ସମ୍ପୃକ୍ତ ଯୁବତୀଙ୍କୁ ଫୋନ୍ କରି କହିଥିଲା। ଘଟଣା ପରେ ଯୁବତୀ ଜଣକ ଲୋକଲଜ୍ଜା ଭୟରେ ପଙ୍ଖାରେ ପିନ୍ଧା ଲୁଗା ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବର ପାଇ ବଳଙ୍ଗା ପୁଲିସର ଏକ ଟିମ୍ ଡାକ୍ତରଖାନାରେ ପହଞ୍ଚି ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି।

### ● ‘ବାବା ଆଖଣ୍ଡଳମଣି ନବପ୍ରତିଭା ସଙ୍ଗୀତ ଶିକ୍ଷା କେନ୍ଦ୍ର’ର ରୌପ୍ୟ ଜୟନ୍ତୀ

## ବୈକୁଣ୍ଠ, ଚନ୍ଦ୍ରିକା, ତପନଙ୍କୁ ‘ଉତ୍କଳଶ୍ରୀ ସମ୍ମାନ’



ପୁରୀ,୮।୬(ସମିସ): ‘ବାବା ଆଖଣ୍ଡଳମଣି ନବପ୍ରତିଭା ସଙ୍ଗୀତ ଶିକ୍ଷା କେନ୍ଦ୍ର’ର ରୌପ୍ୟ ଜୟନ୍ତୀ ସମାରୋହ ଏବଂ ‘ଉତ୍କଳଶ୍ରୀ ସମ୍ମାନ-୨୦୨୬’ ପ୍ରଦାନ ସମାରୋହ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ମହାସମାରୋହରେ ଅନୁଷ୍ଠିତ ହୋଇ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ବର୍ଷୀୟାନ ଗୀତିକାର ଆର୍ତ୍ତତ୍ରାଣ ଶତପଥି, ନୃତ୍ୟଗୁରୁ ପାଗଳ ସ୍ୱାଇଁ, ବ୍ୟଙ୍ଗକବି ତଥା ଅଭିନେତା ବାଇଧର ମାଝୀ, ଅଧିବକ୍ତା ସଞ୍ଜୀବ କୁମାର ମହାପାତ୍ର ଏବଂ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନର ଉପସଭାପତି ଗଙ୍ଗାଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବରିଷ୍ଠ ଓଡ଼ିଶୀ ନୃତ୍ୟଗୁରୁ ବୈକୁଣ୍ଠ ନନ୍ଦ, ନୃତ୍ୟଶିଳ୍ପୀ ଚନ୍ଦ୍ରିକା ମହାରଣା, ନୃତ୍ୟ ଶିଳ୍ପୀ ତପନ ବେହେରାଙ୍କୁ ‘ଉତ୍କଳଶ୍ରୀ ସମ୍ମାନ’ ପ୍ରଦାନ କରାଯାଇଥିବାବେଳେ ନୃତ୍ୟ ଶିଳ୍ପୀ ଶ୍ରଦ୍ଧା ସମୀକ୍ଷା ନାୟକ ଏବଂ ଶିଶୁ ନୃତ୍ୟଶିଳ୍ପୀ ଶ୍ରୀବିଦ୍ୟା ସାଇମାଙ୍କୁ ‘ନବ ପ୍ରତିଭା’ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଗୁରୁ ଅଶୋକ କୁମାର ଦାସ ଏବଂ ବବିତା ଦାସଙ୍କ ନିର୍ଦ୍ଦେଶନାରେ କଳାକାରମାନେ ଓଡ଼ିଶୀ ନୃତ୍ୟରେ ମଙ୍ଗଳାଚରଣ, ଅଭିନୟ, ଦଶାବତାର, ଶିବ ପଞ୍ଚାକ୍ଷର, ସମ୍ବଲପୁରୀ ଲୋକନୃତ୍ୟ ଆଦି ପରିବେଷଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ସୁଧାଂଶୁ ଭୂଷଣ ରଥ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁରେନ୍ଦ୍ରନାଥ ନାୟକ, ମୀରାମ୍ବିକା ପାତ୍ର, ସ୍ମୃତି ସ୍ମରଣିକା ଜଗଦ୍ଦେବ ରାୟ, ପ୍ରୀତିଲକ୍ଷ୍ମୀ ମିଶ୍ର, କରବୀ ରଥ, ଅନିମା ମହାନ୍ତି, ଇତିଶ୍ରୀ ମହାନ୍ତି, ସୁନିତା ସାହୁ, ଯଶସ୍ୱିନୀ ଦାଶ, ରାଜଶ୍ରୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପ୍ରକାଶ ଥାଉକି, ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ସମେତ ଯାଜପୁର, ମୟୂରଭଞ୍ଜ, ବଲାଙ୍ଗିର, କଟକ ଆଦି ସ୍ଥାନରୁ ପ୍ରତିଭାମାନେ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଚାରିଛକ,୮।୬(ସମିସ): ଚାରିଛକ-କାକଟପୁର ରାସ୍ତାର ଅମରେଶ୍ୱର ଛକ ନିକଟରେ ରବିବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଆଗରଶାସନ ଗ୍ରାମର ବାସୁଦେବ ଭୋଇ (ରୁଷିଆ) (୪୦) ଘରୁ ଚାଲିଚାଲି ଅମରେଶ୍ୱର ବଜାରକୁ ଯାଉଥିବା ସମୟରେ ଅମରେଶ୍ୱର ଛକ ନିକଟରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେବା ଫଳରେ ସେ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣାସ୍ଥଳରୁ ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରକୁ ପଠାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

### ● ଅର୍ଜୁନ ହତ୍ୟାକାଣ୍ଡ ମାମଲା

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସିପି ଓ ରାଜ୍ୟ ମାନବାଧିକାର ଆୟୋଗଙ୍କୁ ଗୁହାରି



ବଳଙ୍ଗା,୮।୬(ସମିସ): ପୁରୀ ଜିଲ୍ଲା ବଳଙ୍ଗା ପଞ୍ଚାୟତ ଅନ୍ତର୍ଗତ ତୋଟାସାହି ଗ୍ରାମର ଅର୍ଜୁନ ମଲ୍ଲିକ ଦୀର୍ଘ ବର୍ଷ ଧରି ଭୁବନେଶ୍ୱର ପାହାଳ ଥାନା ଜଗନ୍ନାଥପୁର ନିକଟସ୍ଥ ଇଏଫ୍‌ସି ରିଟେଲ ସ୍ପେସ୍ ଲିମିଟେଡ୍ କମ୍ପାନୀରେ କାମ କରୁଥିଲେ। ଗତ ମାସ ୨୦ ତାରିଖରେ ଅର୍ଜୁନଙ୍କ ଝୁଲନ୍ତା ମୃତଦେହ କମ୍ପାନୀ ଭିତରୁ ପାହାଳ ପୁଲିସ ଉଦ୍ଧାର କରିଥିଲା। ଦରମା ଟଙ୍କା ଆତ୍ମସାତ୍ କରିବା ଉଦ୍ଦେଶ୍ୟରେ କମ୍ପାନୀ ମ୍ୟାନେଜର କେତେକ କର୍ମଚାରୀଙ୍କ ସହାୟତାରେ ଅର୍ଜୁନଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିବା ନେଇ ଅର୍ଜୁନଙ୍କ ବାପା ନବ କିଶୋର ମଲ୍ଲିକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିଲା। ଘଟଣାକୁ ୨୦ ଦିନ ପୂରିବାକୁ ବସିଥିଲାବେଳେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରୁ ନ ଥିବା ଅର୍ଜୁନଙ୍କ ପତ୍ନୀ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ କରି ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଅର୍ଜୁନଙ୍କ ପତ୍ନୀ ସସ୍ମିତା ମଲ୍ଲିକ ସୋମବାର ଭୁବନେଶ୍ୱର ପୁଲିସ କମିସନର(ସିପି) ଓ ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ବ୍ରଜପାତରେ ଦୁଇ ଆହତ

କଣାସ,୮।୬(ସମିସ): ସୋମବାର ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବେଗରେ ପବନ ବହିବା ସହ ଝିପିଝିପି ବର୍ଷା ସାଙ୍ଗକୁ ଘନଘନ ବ୍ରଜପାତ ହୋଇଥିଲା। କଣାସ ବ୍ଲକ୍ ଖଣ୍ଡହୋତା ପଞ୍ଚାୟତ ନାବେଡ଼ା ଗ୍ରାମର ଇନ୍ଦ୍ରମଣୀ ପରିଡ଼ା (୫୫), ଦୁଃଖୀଶ୍ୟାମ ପରିଡ଼ା (୪୬) ବଜ୍ରପାତରେ ଆହତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଇନ୍ଦ୍ରମଣୀ ଓ ଦୁଃଖୀଶ୍ୟାମ ଗ୍ରାମର ଏକ ଦୋକାନ ଦୁଆରେ ବସିଥିବାବେଳେ ବ୍ରଜପାତ ଘଟିଥିଲା।

## ପିଛା ଛାଡୁନି ଝାଡ଼ାବାନ୍ତି; ପୁଣି ୪ ଆକ୍ରାନ୍ତ



କଣାସ,୮।୬(ସମିସ): କଣାସ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ୨୦ ଦିନ ହେଲା ଝାଡ଼ାବାନ୍ତି ଲାଗି ରହିଥିବାବେଳେ ୭୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସୋମବାର ତୁଳସୀପୁର ଗ୍ରାମର ଘନଶ୍ୟାମ ମାଣ୍ଡି (୭୪), ଜଗନ୍ନାଥପୁର ଗ୍ରାମର ନିଶାମଣୀ (୭୦), ତୁଳସୀ ବେହେରା (୩୮) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ପାନୀୟ ଜଳ ସମସ୍ୟାକୁ ନେଇ ଝାଡ଼ାବାନ୍ତି ହେଉଥିବା ରୋଗୀମାନଙ୍କ ପରିବାର ଲୋକ କହୁଥିବାବେଳେ ଅତ୍ୟଧିକ ଗରମ ଯୋଗୁଁ ଝାଡ଼ାବାନ୍ତି ହେଉଥିବା ଚିକିତ୍ସା କରୁଥିବା ଡାକ୍ତର କହୁଛନ୍ତି।

## ବ୍ୟବସାୟୀଙ୍କ ବିୟୋଗରେ ଶୋକ

ଚାରିଛକ,୮।୬(ସମିସ): ସୋମବାର ଅପରାହ୍ଣରେ ଚାରିଛକ ବଜାରର ୫୦ ବର୍ଷର ପୁରାତନ ବ୍ୟବସାୟୀ ସନାତନ ସାହୁ (୭୦)ଙ୍କର ହୃଦ୍‌ଘାତରେ ଭୁବନେଶ୍ୱରସ୍ଥିତ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପରଲୋକ ହୋଇଯାଇଛି। ରବିବାର ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୋମବାର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ସନ୍ଧ୍ୟାରେ ତାଙ୍କ ମରଶରୀର ଚାରିଛକସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବ୍ୟବସାୟୀ ତାଙ୍କୁ ଶେଷ ଦର୍ଶନ କରିଥିଲେ। ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରଠାରେ କରାଯାଇଛି। ବଡ଼ପୁଅ ଦିଲ୍ଲୀପ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଆସନ୍ତା ବୁଧବାର ସକାଳେ ବ୍ୟବସାୟୀ ସଂଘ ପକ୍ଷରୁ ଚାରିଛକ ବଜାରରେ ଶୋକସଭା କରିବା ପରେ ସମସ୍ତ ବ୍ୟାବସାୟିକ ପ୍ରତିଷ୍ଠାନ ବନ୍ଦ ରହିବ ବୋଲି ସଂଘର ସଭାପତି ସନ୍ତୋଷ ପ୍ରଧାନ ପ୍ରକାଶ କରିଛନ୍ତି।

## ଅସ୍ତରଙ୍ଗରେ ବ୍ଲକ୍‌ସ୍ତରୀୟ ଜିଲ୍ଲାପାଳଙ୍କ ଜନଶୁଣାଣି

# ଜିଲ୍ଲାପାଳ ଓ ଏସ୍‌ପି ଅନୁପସ୍ଥିତ; କମୁଛି ଅଭିଯୋଗ

ଅସ୍ତରଙ୍ଗ,୮।୬(ସମିସ)





ସୋମବାର ଅସ୍ତରଙ୍ଗ ବ୍ଲକ୍ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ କରିବାକୁ ଆସିଥିବା ବ୍ୟକ୍ତିବିଶେଷ ବାହାରେ ନିଜର ନାମ ପଞ୍ଜୀକରଣ କରି ଅଭିଯୋଗ କରିଥିଲେ। ଏଥିରେ ମାତ୍ର ୩୬ଟି ଅଭିଯୋଗ ଗ୍ରହଣ ହୋଇଥିଲାବେଳେ ତାକୁ ତର୍ଜମା କରିବା ସହ ଜଣ ଜଣକୁ ବ୍ୟକ୍ତିଗତ ଭାବେ ଡାକି ଅଭିଯୋଗ ଶୁଣିବା ଓ ଆବଶ୍ୟକସ୍ଥଳେ ସମାଧାନ ପାଇଁ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଏହାକୁ ହସ୍ତାନ୍ତର କରାଯାଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉକ୍ତ ଶୁଣାଣିରେ ଜିଲ୍ଲାପାଳ ଓ ଏସ୍‌ପି ଅନୁପସ୍ଥିତ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ତେଣୁ ଅଭିଯୋଗ ହାର ଧୀରେ ଧୀରେ କମିକମି ଯାଉଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଅଭିଯୋଗ ଶୁଣାଣି କରିଥିଲେ।

ଅଭିଯୋଗ ମଧ୍ୟରେ ଭତ୍ତା, ପାନୀୟ ଜଳ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ଉନ୍ନୟନମୂଳକ କାର୍ଯ୍ୟ, ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ, ଅବକାରୀ, ମିଶନ ଶକ୍ତି, ସମ୍ପନ୍ୱିତ ମହିଳା ଶିଶୁ ବିକାଶ, ବିପର୍ଯ୍ୟସ୍ତ ବିଦ୍ୟୁତ୍ ସେବା, ପରିବହନ ବିଭାଗ ସମେତ ଅନ୍ୟାନ୍ୟ ସମସ୍ୟାକୁ ଭିତିକରି ଲୋକମାନେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀଙ୍କୁ ବ୍ୟକ୍ତିଗତ ଭାବେ ଡାକି ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ଏଥିସହ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ କେତେକ ଅଭିଯୋଗକୁ ସମ୍ପୃକ୍ତ ବିଭାଗର ମୁଖ୍ୟ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାୟକ, ଅସ୍ତରଙ୍ଗ ବିଡିଓ ସସ୍ମିତା ବେହେରା, ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଅସ୍ତରଙ୍ଗ ତହସିଲ୍‌ଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅସ୍ତରଙ୍ଗ ବନଖଣ୍ଡ ଅଧିକାରିଣୀ ମୋନାଲିସା ମହାପାତ୍ର ଏବଂ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ସବୁଠାରୁ ବଡ଼କଥା ହେଲା, ଅଭିଯୋଗ ଶୁଣାଣି କାର୍ଯ୍ୟ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ହୋଇଥିଲାବେଳେ ଏଥର ଅଭିଯୋଗ ସଂଖ୍ୟା କମିଛି। ସକାଳୁଆ ଅଫିସ୍, ପ୍ରବଳ ଗୁଳୁଗୁଳି, ବାରମ୍ବାର ଅଭିଯୋଗ କରି ସମାଧାନ ନ ହେବା, ଜନଶୁଣାଣିରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅନୁପସ୍ଥିତ ଦେଖି ବହୁ ଲୋକ ଅଭିଯୋଗ କରିବାକୁ ଅନିଚ୍ଛା ପ୍ରକାଶ କରିଆସୁଛନ୍ତି। ଅଭିଯୋଗର ସମାଧାନ ହେଉ କି ନ ହେଉ, ଲୋକଙ୍କର ଆଶା ଜିଲ୍ଲାପାଳଙ୍କୁ ଭେଟି ନିଜର ଦୁଃଖ ଜଣାଇଲେ ଏକପ୍ରକାର ସାନ୍ତ୍ୱନା ମିଳିବ। କିନ୍ତୁ ଜିଲ୍ଲାପାଳଙ୍କ ଅନୁପସ୍ଥିତି ଦେଖି କେତେକ ଅଭିଯୋଗକାରୀ ମୁହଁ ଫେରାଇବା ଓ ଜନଶୁଣାଣି କାର୍ଯ୍ୟକ୍ରମ ଏକ ପ୍ରହସନରେ ପରିଣତ ହୋଇଛି ବୋଲି ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି।

୮/୬/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୭,୧୮,୮୨୩/- ସୁନା:୦୧.୨୦୦ ଗ୍ରାମ୍ ରୁପା: ୪୯.୫୦୦ ଗ୍ରାମ୍





### କାଳବୈଶାଖୀ ବଦଳାଇଲା ଯାତ୍ରା ରୁଟ୍

# ପୁରୀରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରର ଜରୁରୀ ଅବତରଣ

ପୁରୀ,୮।୬(ସମିସ)



ମୟୂରଭଞ୍ଜରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହେଲିକପ୍ଟର୍ ପୁରୀରେ ଜରୁରୀ ଅବତରଣ କରିଛି। କାଳବୈଶାଖୀ ଜନିତ ବର୍ଷା ପବନ ଯୋଗୁଁ ପାଇଲଟ୍ ହେଲିକପ୍ଟରକୁ ପୁରୀ ସମଙ୍ଗ ପାର୍କିଂରେ ଜରୁରୀ ଅବତରଣ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମେତ ହେଲିକପ୍ଟର୍‌ରେ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଏବଂ ଅନ୍ୟ ସମସ୍ତ ସଦସ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି।

ସୂଚନାନୁଯାୟୀ, ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜ ଜିଲ୍ଲା ଗସ୍ତ ଶେଷ କରି ସୋମବାର ଅପରାହ୍ଣରେ ଭୁବନେଶ୍ୱର ଫେରୁଥିଲେ। କିନ୍ତୁ, ହେଲିକପ୍ଟରଟି ଭୁବନେଶ୍ୱର ଆକାଶମାର୍ଗ ନିକଟରେ ପହଞ୍ଚିବା କ୍ଷଣି ହଠାତ୍ ପାଗ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିଲା। ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଯୋଗୁଁ ଆକାଶରେ ଦୃଶ୍ୟମାନତା ପ୍ରାୟ ଶୂନ୍ୟ ହୋଇଯାଇଥିଲା। ଫଳରେ ପାଇଲଟ୍‌ଙ୍କୁ ରନୱେ ଦେଖାଯାଇ ନଥିଲା। ମଝି ଆକାଶରେ ବିପଦକୁ ଆଗୁଆ ଆକଳନ କରି ଏବଂ ଭିଭିଆଇପି ସୁରକ୍ଷାକୁ ପ୍ରାଥମିକତା ଦେଇ ପାଇଲଟ୍ ତୁରନ୍ତ ଭୁବନେଶ୍ୱରରେ ଲ୍ୟାଣ୍ଡିଂ କରିବା ନିଷ୍ପତ୍ତିକୁ ବାତିଲ କରିଥିଲେ। ଏୟାର୍ ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ସହ ଯୋଗାଯୋଗ କରି ହେଲିକପ୍ଟରକୁ ସିଧାସଳଖ ପୁରୀ ଡାଇଭର୍ଟ କରାଯାଇଥିଲା। ସେହି ସମୟରେ ପୁରୀର ପାଗ ସ୍ଥିର ଥିଲା। ପୁରୀ ହେଲିପ୍ୟାଡ୍‌ରେ ହେଲିକପ୍ଟରଟି ସୁରକ୍ଷିତ ଭାବେ ଅବତରଣ କରିଥିଲା।

ତେବେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର୍ ପୁରୀରେ ଅବତରଣ କରିବାର ମାତ୍ର କିଛି ସମୟ ପରେ ଏଠାରେ ମଧ୍ୟ ପାଣିପାଗ ଦ୍ରୁତଗତିରେ ବଦଳି ଯାଇଥିଲା। କାଳବୈଶାଖୀ ପ୍ରଭାବରେ ପ୍ରବଳ ବିଜୁଳି, ଘଡ଼ଘଡ଼ି ସହ ପବନ ଓ ବର୍ଷା ଆରମ୍ଭ ହୋଇଯାଇଥିଲା। ଏହା ପୂର୍ବରୁ ହିଁ ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପୁରୀ ସର୍କିଟ ହାଉସ୍‌କୁ ଅଣାଯାଇଥିଲା। ପାଗ ସ୍ୱାଭାବିକ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍ ଭୁବନେଶ୍ୱରରୁ ପୁରୀ ଆସି ପହଞ୍ଚିଥିଲା। ପରେ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ସଡ଼କ ପଥରେ ସୁରକ୍ଷିତ ଭାବେ ଭୁବନେଶ୍ୱର ଫେରିଯାଇଛନ୍ତି। ସମଙ୍ଗ ପାର୍କିଂରେ ଜରୁରୀ ଅବତରଣ ସମୟରେ ପୁରୀ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସୁରକ୍ଷିତ ଥିବାରୁ ପ୍ରଶାସନ ଆଶ୍ୱସ୍ତ ହୋଇଛି।

## ଦାମ୍ପତ୍ୟରେ ସନ୍ଦେହ; ଝୁଲି ପଡ଼ିଲେ ସ୍ୱାମୀ

ପୁରୀ,୮।୬(ସମିସ)

ପରକୀୟା ପ୍ରୀତିକୁ ନେଇ ପରସ୍ପରକୁ ସନ୍ଦେହ କରୁଥିଲେ। ଯେଉଁଥିପାଇଁ ଦାମ୍ପତ୍ୟ ଜୀବନରେ କଳହ ସୃଷ୍ଟି ହୋଇଥିଲା। ପ୍ରତିଦିନ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ାକୁ ନେଇ ସେମାନେ ମାନସିକ ଚିନ୍ତାରେ ଥିଲେ। ଶେଷରେ ଆତ୍ମହତ୍ୟାକୁ ବାଛିନେଲେ ସ୍ୱାମୀ। ସୋମବାର ପେଣ୍ଠକଟା ଫାଣ୍ଡି ଅଞ୍ଚଳରେ ଜରେ ଯୁବକ ଫ୍ୟାନ୍‌ରେ ଏକ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାଁ ୱାଇ.ଏମ୍. ରାଜୁ। ଏ ସମ୍ପର୍କରେ ପେଣ୍ଠକଟା ଫାଣ୍ଡି ଏସ୍‌ଆଇ କହିଛନ୍ତି, ପରକୀୟା ପ୍ରୀତିକୁ ନେଇ ସ୍ୱାମୀ-ସ୍ତ୍ରୀ ପରସ୍ପରକୁ ସନ୍ଦେହ କରୁଥିଲେ। ଏଥିପାଇଁ ପ୍ରାୟ ସମୟ ସେମାନଙ୍କ ଭିତରେ ଝଗଡ଼ା ହେଉଥିଲା। ସୋମବାର ଝଗଡ଼ା ପରେ ଅପରାହ୍ଣ ସାଢ଼େ ୧ଟାରେ ୱାଇ. ଏମ୍. ରାଜୁ ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶବ ଜବତ କରାଯାଇ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା

**ମୃତ୍ୟୁ ପୂର୍ବରୁ କରିଥିବା ଭିଡିଓ ଭାଇରାଲ**

ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଆନ୍ଧ୍ରପ୍ରଦେଶରେ ଥିବା ତାଙ୍କ ପରିବାରକୁ ସୂଚନା ଦିଆଯାଇଛି। ସେମାନେ ମଙ୍ଗଳବାର ସକାଳେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯିବ। ଏ ନେଇ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

## ଚାରି ନାହାକାରେ ପଡ଼ିଲା ପ୍ରଥମ ଭୂଇଁ ଛ'କାଠି

ପୁରୀ,୮।୬(ସମିସ): ଜୁଲାଇ ୧୬ ତାରିଖରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ତେଣୁ ରଥଖଳାରେ ରଥ ନିର୍ମାଣ କାମ ବେଶ୍ ଆଗୁଆ ଚାଲିଛି। ସୋମବାର ତିନିରଥର ପ୍ରଥମ ଭୂଇଁ ଫ୍ରେମ୍ ଖୋଲାଯିବା ପରେ ଚାରି ନାହାକାରେ ପ୍ରଥମ ଭୂଇଁର ଚଉଡ଼ା ବା ଛ' କାଠି ସଂଯୋଗ ହୋଇଛି। ମଙ୍ଗଳବାର ତିନିରଥର ୧୪ ନାହାକା ବୁଲିବା ପରେ ପ୍ରଥମ ଭୂଇଁର ବାକି ଅଂଶ ସଂଯୋଗ ହେବ। ମଙ୍ଗଳବାର ମହାରଣା ସେବକମାନଙ୍କୁ ୪ ଫୁଟ୍ ଲମ୍ବର ନଡ଼ିଆ ଗର ବା ଖଦିଓରା ଯୋଗାଇ ଦିଆଯିବ। ସେମାନେ ସେହି ନଡ଼ିଆ ଗରର ଉଭୟ ପାର୍ଶ୍ୱକୁ ଚିତା ବା ବାରିସୀରେ ହାଣି ସମତଳ କରିବେ। ଭୋଇ ସେବକଙ୍କ ସହାୟତାରେ ଦଣ୍ଡା ପକାଯିବା ପରେ ତା'ର ବିନ୍ଧ କାପ କରାଯାଇ ସେଟିଂ ହେବ। ଏହାପରେ ୧୪ ନାହାକା ବୁଲିବା ସହ ପ୍ରଥମ ଭୂଇଁ ଛ' କାଠିରେ ପାଖୁଡ଼ା ସଂଯୋଗ ହେବ। ସେହିପରି ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ସାଥୀ ଭୋଇ ସେବକମାନେ ଚାରି ନାହାକାର ଝାଙ୍କ ସଳଖା କାର୍ଯ୍ୟ ଶେଷ କରିଛନ୍ତି। (ତିନିରଥ ପାଞ୍ଚ ଦଣ୍ଡା ଗରଗରା ରେ ସଂଯୋଗ ହୋଇଥିବା ଚାରି ନାହାକାକୁ ସିଧା କରି ରଖିବା ପାଇଁ ସେଥିରେ ଖିଲ ବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି)। ସେହିପରି ତିନିରଥର ମଝି ଭୂଇଁ ବା ଦ୍ୱିତୀୟ ଭୂଇଁ ଫ୍ରେମ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରୂପକାର ସେବକମାନେ ତିନିରଥର ୮ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ସହ ସୋମବାର




ତିନିରଥର ଚାର ପରିଛାରେ ଚିତ୍ର ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। କମାର ସେବକମାନେ ଭୂଇଁ ନିର୍ମାଣ ପାଇଁ ଚଣାକ କଣ୍ଟା, ପ୍ରଥମ ଭୂଇଁ କଣ୍ଟା ନିର୍ମାଣ ଶେଷ କରି ତିନିରଥର ପୋଟଳ କଣ୍ଟା ସହ ଦ୍ୱିତୀୟ ଭୂଇଁ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦୀଠାରେ ପାହି ମହାରଣା ଅଣସର ଏବଂ ରଥଯାତ୍ରା ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ତିଆରି କରୁଛନ୍ତି।

**ପୁରୀରେ କାଳବୈଶାଖୀର ତାଣ୍ଡବ**

# ଘଡ଼ଘଡ଼ି ସାଙ୍ଗକୁ ବର୍ଷା ପବନ; ଅସ୍ତବ୍ୟସ୍ତ ସହର




ପୁରୀ,୮।୬(ସମିସ)

ସୋମବାର ଅପରାହ୍ଣରେ ହଠାତ୍ ବଦଳିଗଲା ପୁରୀର ପାଗ। ଅପରାହ୍ଣ ସାଢ଼େ ୪ଟା ବେଳକୁ ଆକାଶକୁ କଳାହାଣ୍ଡିଆ ମେଘ ଘୋଡ଼ାଇ ଦେଇଥିଲା। ଏହାର ଠିକ୍ ଅଧଘଣ୍ଟାଏ ପରେ ଆରମ୍ଭ ହୋଇଥିଲା କାଳବୈଶାଖୀର ପ୍ରକୋପ। ନିର୍ଘୁମ ବର୍ଷା ଛେଚିଥିଲା। କେବଳ ବର୍ଷା ନୁହେଁ, ଘଡ଼ଘଡ଼ି, ବିଜୁଳି ସାଙ୍ଗକୁ ପ୍ରବଳ ବେଗରେ ପବନ ହୋଇଥିଲା। ଫଳରେ ପୁରୀ ସହର ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା।

ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ପ୍ରବଳ ବର୍ଷା ହୋଇଥିଲା। ଏଥିଯୋଗୁଁ ସହରର ସବୁ ରାସ୍ତାଘାଟରେ ପାଣି ଜମି ଯାଇଥିଲା। ବଡ଼ଦାଣ୍ଡ ହେଉ କି ବେଳାଭୂମି ଅବା ସହରର ଗଳିକନ୍ଦି ରାସ୍ତାରେ ଲହଡ଼ି ମାରିଥିଲା ବର୍ଷା ଜଳ। ବିଭିନ୍ନ ଜାଗାରେ ଡ୍ରେନ୍ ଚୋକ୍ ହୋଇ ପାଣି ଉଛୁଳି ଥିଲା। ବର୍ଷା ପାଣି ଏବଂ ଡ୍ରେନ୍ ପାଣି ଏକାକାର ହୋଇଯାଇଥିଲା। ବଡ଼ଦାଣ୍ଡରେ ଆଣ୍ଠୁଏ ଉଚ୍ଚର ପାଣି ଜମିଯାଇଥିଲା। ଫଳରେ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକଙ୍କ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିଲା। ସେହିପରି ରଥଖଳାରେ ମଧ୍ୟ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା। ପ୍ରବଳ ବର୍ଷା ଯୋଗୁଁ ରଥଖଳାରେ ପାଣିର ସୁଅ ଛୁଟିଥିଲା।

**ଉପୁଡ଼ିଲା ଗଛ, ବଡ଼ଦାଣ୍ଡ ଜଳମଗ୍ନ, ଭିଜିଲା ତିନିରଥ**

ନିର୍ମାଣାଧୀନ ତିନିରଥ ବର୍ଷା ପାଣିରେ ସମ୍ପୂର୍ଣ୍ଣ ଭିଜି ଯାଇଥିଲା। ରଥ ନିର୍ମାଣ କାର୍ଯ୍ୟ ସେହି ସମୟରେ ବନ୍ଦ ରହିଥିଲା। ସିଂହଦ୍ୱାର ସମ୍ମୁଖରେ ମଧ୍ୟ ବର୍ଷା ପାଣିର ସୁଅ ଛୁଟିଥିଲା। ଭକ୍ତମାନେ ବର୍ଷାରୁ ସୁରକ୍ଷା ପାଇବା ପାଇଁ ଶ୍ରୀମନ୍ଦିର ଆଖପାଖ ଦୋକାନ, ମଠ ଆଦିକୁ ପଳାଇଥିଲେ।

ପବନ ଯୋଗୁଁ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଗଛ ଉପୁଡ଼ି ପଡ଼ିଥିଲା। ସେହିପରି ଖଣ୍ଡିଆବନ୍ଧ ରାସ୍ତା ଉପରେ ମଧ୍ୟ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଯାଇଥିଲା। ଯାତାୟାତ ବାଧାପ୍ରାପ୍ତ ହୋଇଥିବା ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ସଫା କରିଥିଲେ। ଫଳରେ ଯାତାୟାତ ସ୍ୱାଭାବିକ କରିଥିଲେ। ପବନରେ ରାସ୍ତାକଡ଼ରେ ଥିବା ଅନେକ ଛୋଟ ଦୋକାନର ପାଲ, ଆଜ୍‌ବେଷ୍ଟସ୍ ଓ ଅସ୍ଥାୟୀ ଛପର ଉଡ଼ି ଯାଇଥିଲା। ଦୋକାନୀମାନେ ଜିନିଷପତ୍ର ସମ୍ଭାଳିବାରେ ନାକେଦମ୍ ହୋଇଥିଲେ। ବିଜୁଳି, ଘଡ଼ଘଡ଼ି ଯୋଗୁଁ ସହରର କିଛି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ତେବେ ବର୍ଷା ଛାଡ଼ିବାର ପ୍ରାୟ ଘଣ୍ଟାଏ ପରେ ଧୀରେ ଧୀରେ ରାସ୍ତାଘାଟରୁ ପାଣି ନିଷ୍କାସିତ ହୋଇଥିଲା। ବର୍ଷା ଛାଡ଼ିବା ପରେ ମହାନଗର ନିଗମ କର୍ମଚାରୀ ବଡ଼ଦାଣ୍ଡ ଓ ଅନ୍ୟ ଜଳମଗ୍ନ ଅଞ୍ଚଳରୁ ଜଳ ନିଷ୍କାସନ ଉପରେ ଗୁରୁତ୍ୱ ଦେଇଥିଲେ।

## ଦାଦାବଟି ନ ଦେବାରୁ ବିଅର ବୋତଲରେ ଆକ୍ରମଣ

ପୁରୀ,୮।୬(ସମିସ): ବଡ଼ଶଙ୍ଖ ବଜାରକୁ ପନିପରିବା କିଣିବାକୁ ଯାଉଥିବା ଦୁଇ ଜଣ ଶ୍ରମିକଙ୍କୁ ରାସ୍ତାରେ ଅଟକାଇ 'ଦାଦାବଟି' ମାଗିବା ଓ ନ ଦେବାରୁ ବିଅର ବୋତଲରେ ଆକ୍ରମଣ କରି ଗୁରୁତର କରିଦେବା ଅଭିଯୋଗରେ କୁମ୍ଭାରପଡ଼ା ପୁଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲି ଉପର ରାମଚଣ୍ଡୀ ସାହିର ଅନୀଲ ନାୟକ ଏବଂ କାର୍ତ୍ତିକ ମଲ୍ଲିକ। ଅଭିଯୋଗ ଅନୁସାରେ, ରବିବାର ରାତି ପ୍ରାୟ ୮ଟା ସମୟରେ ଦୁଇ ଶ୍ରମିକ ମୟୂରଭଞ୍ଜର ରାମଚନ୍ଦ୍ର ସିଂହ ଓ ମଧୁସୂଦନ ସିଂହ ବଡ଼ଶଙ୍ଖ ବଜାରକୁ ପନିପରିବା କିଣିବାକୁ ଯାଉଥିଲେ। ରାସ୍ତାରେ ଅଭିଯୁକ୍ତ ଦ୍ୱୟ ସେମାନଙ୍କୁ ଅଟକାଇ ଦାଦାବଟି ମାଗିଥିଲେ। ରାମଚନ୍ଦ୍ର ଓ ମଧୁସୂଦନ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ହତ୍ୟା ଉଦ୍ଦେଶ୍ୟରେ ଦୁହିଁଙ୍କ ମୁଣ୍ଡକୁ ବିଅର ବୋତଲରେ ଆକ୍ରମଣ କରିଥିଲେ। ଫଳରେ ରାମଚନ୍ଦ୍ର ଓ ମଧୁସୂଦନଙ୍କ ମୁଣ୍ଡ ଓ ମୁହଁରେ ଗମ୍ଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ଆକ୍ରମଣ ପରେ ଅଭିଯୁକ୍ତମାନେ ଆହତମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକ ଆହତ ଦୁଇଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ଅଭିଯୋଗକାରୀ ଚନ୍ଦନପୁର ବୀରବଳଭଦ୍ରପୁରର ବାଉରୀବନ୍ଧୁ ଖଇଆ ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୋମବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସିଏମ୍ ଟ୍ରଫି ଖୋ ଖୋ ସେମିଫାଇନାଲ୍ ମ୍ୟାଚ୍ ଆରମ୍ଭ

ପୁରୀ,୮।୬(ସମିସ): ତାଳବଣିଆସ୍ଥିତ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ସୋମବାରଠାରୁ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫିର ଖୋ ଖୋ ପ୍ରତିଯୋଗିତାର ସେମିଫାଇନାଲ୍ ମ୍ୟାଚ୍ ଆରମ୍ଭ ହୋଇଛି। ପୂର୍ବରୁ ୪ଟି ଜୋନ୍ ମାଧ୍ୟମରେ ଅନୁଷ୍ଠିତ ଖୋ ଖୋ କ୍ରୀଡ଼ାର ଚାମ୍ପିଅନ ୪ଟି ବାଳକ ଓ ୪ଟି ବାଳିକା ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। ବାଳକ ବର୍ଗରେ ଜୋନ୍ ୧ରୁ ଗଞ୍ଜାମ, ଜୋନ୍ ୨ରୁ କଟକ, ଜୋନ୍ ୩ରୁ ପୁରୀ ଓ ଜୋନ୍ ୪ରୁ ସୁନ୍ଦରଗଡ଼ ଅଂଶଗ୍ରହଣ କରିଥିବାବେଳେ ବାଳିକା ବର୍ଗରେ



ଜୋନ୍ ୧ରୁ ଗଞ୍ଜାମ, ଜୋନ୍ ୨ରେ ଖୋର୍ଦ୍ଧା, ଜୋନ୍ ୩ରେ ପୁରୀ ଓ ଜୋନ୍ ୪ରେ କେନ୍ଦୁଝର ଅଂଶଗ୍ରହଣ କରିଛନ୍ତି। ଚଳିତ ମାସ ୧୦ ତାରିଖରେ ଫାଇନାଲ୍ ମ୍ୟାଚ୍ ଏହି ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ ବୋଲି କ୍ରୀଡ଼ା ଅଧିକାରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ କ୍ରୀଡ଼ା ଶୃଙ୍ଖଳା, ସୁସ୍ଥତା ଓ ଭାଇଚାରାର ପ୍ରତୀକ ବୋଲି କହିବା ସହ ଏହାର ସୁଯୋଗ ଓ ଉପଯୋଗ କରି ନିଜ ପାଇଁ ପରିଚୟ ସୃଷ୍ଟି ପାଇଁ ଅନୁରୋଧ କରିଥିଲେ। ଅନ୍ୟତମ ଅତିଥି ଡେପୁଟି କଲେକ୍ଟର ରୁନୀତା ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସନ୍ଧ୍ୟାବତୀ ପ୍ରଧାନ, ଶିକ୍ଷାବିତ୍ ଶଶାଙ୍କ ଚୂଡ଼ାମଣୀ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଅଧ୍ୟକ୍ଷତା କରିବା ସହ ସମସ୍ତ କ୍ରୀଡ଼ାବିତ୍ ଓ ଅତିଥିଙ୍କୁ ସ୍ୱାଗତ କରିଥିଲେ। କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟମଣି ଜେନା ମଞ୍ଚ ପରିଚାଳନା କରିଥିଲେ।

## ରଥଯାତ୍ରାରେ ଏଲ୍‌ଇଡି ଟିଭି ବ୍ୟବସ୍ଥାର ଭୂମିପୂଜନ

ପୁରୀ,୮।୬(ସମିସ): ଚଳିତ ରଥଯାତ୍ରାରେ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କ ସୁବିଧା ପାଇଁ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବଡ଼ଦାଣ୍ଡ ସହ ଜିଲ୍ଲା ଓ ଜିଲ୍ଲା ଜାତୀୟ ରାଜପଥକୁ ସଂଯୋଗ କରୁଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏଲଇଡି ଟିଭିର ବ୍ୟବସ୍ଥା କରାଯାଉଛି। ଲାଗିବାକୁ ଥିବା ୬୫ଟି ଏଲ୍‌ଇଡି ଟିଭି ଦାୟିତ୍ୱ ନେଇଥିବା ଓଟିମୋ ଭିଜୁଆଲ୍ସ ସଂସ୍ଥା ସ୍ଥାପନ ସହ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବେ। ଏହି ପରିପ୍ରେକ୍ଷୀରେ ସୋମବାର ଶ୍ରୀମନ୍ଦିର ଦକ୍ଷିଣ ପାର୍ଶ୍ୱ ଦ୍ୱାର କୌଶଲ୍ୟା ଦାସ ମଠ ନିକଟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଭୂମିପୂଜନ କରିଥିଲେ। କାର୍ଯ୍ୟକ୍ରମରେ କୌଶଲ୍ୟା ଦାସ ମଠ ମହନ୍ତ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଓଟିମୋ ଭିଜୁଆଲ୍ସର ମୁଖ୍ୟ ବି.କେ. ସ୍ୱାଇଁ, କୋର୍ଡିନେଟର ମ୍ୟାନେଜର ସୁଶୀଲ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ।



## ମରଣାନ୍ତକ ଆକ୍ରମଣ ଘଟଣା; ମୁଖ୍ୟ ଅଭିଯୁକ୍ତ ଗିରଫ

ପୁରୀ,୮।୬(ସମିସ): ଗାଳିଗୁଲଜ ପରେ ଲୁହା ରଡ୍ ଓ ଲାଠିରେ ମାଡ଼ ମାରି ଦୁଇଜଣଙ୍କୁ ରକ୍ତାକ୍ତ କରିଥିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଲେଙ୍କା ସାହି ୪ର୍ଥ ଲେନ୍‌ରେ ଗତ ୧୨ ବର୍ଷ ହେଲା ଭଡ଼ା ଘରେ ରହୁଥିବା ସୁଷମା ମିଶ୍ର ଓ ତାଙ୍କ ପରିବାରକୁ ପଡ଼ୋଶୀ ଦୀପକ ପାଇକରା ବାରମ୍ବାର ଗାଳିଗୁଲଜ ଓ ଜୀବନରୁ ମାରିଦେବାର ଧମକ ଦେଉଥିଲେ। ଗତ ଶନିବାର ରାତି ୧୧ଟା ସମୟରେ ସୁଷମା ଘର ବାହାରେ ବସିଥିବାବେଳେ ଦୀପକ ହଠାତ୍ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ। କାରଣ ପଚାରିବାରୁ ସେ ସୁଷମାଙ୍କୁ ଟାଣି ନେଇ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହା ଦେଖି ସୁଷମାଙ୍କ ପରିବାର ଲୋକେ ଘରୁ ବାହାରି ଆସିଥିଲେ। ସେହି ସମୟରେ ଅଭିଯୁକ୍ତ ଦୀପକଙ୍କ ମା' ମଞ୍ଜୁ ପାଇକୋରା ଘରୁ ଲୁହା ରଡ୍, ବିଲହୁକ୍ ଓ ଲାଠି ଆଣି ତାଙ୍କ ଦୁଇପୁଅଙ୍କୁ ଦେଇଥିଲେ। ଏହାପରେ ଦୁଇ ଭାଇ ମିଶି ସୁଷମାଙ୍କ ସ୍ୱାମୀ ସୁଶାନ୍ତ ଓ ଜ୍ୱାଇଁଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଲୁହା ରଡ୍ ଓ ଲାଠିରେ ମାଡ଼ ମାରିଥିଲେ। ଆକ୍ରମଣରେ ଉଭୟ ଗୁରୁତର ଆହତ ହୋଇଥିଲେ। ରବିବାର ସନ୍ଧ୍ୟାରେ ସୁଷମା ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ପୁଲିସ ତଦନ୍ତ କରି ସେହିଦିନ ହିଁ ମୁଖ୍ୟ ଅଭିଯୁକ୍ତ ଦୀପକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ପୁଲିସ ତଦନ୍ତ ଜାରି ରଖିଛି।

**ଶ୍ରୀମନ୍ଦିରରେ ସୁନାଚେନ୍ ଲୁଟ୍**

## ନେପାଳୀ ଯୁବକଙ୍କୁ ମାଡ଼ିବସିଲା ପୁଲିସ

ପୁରୀ,୮।୬(ସମିସ): ଶ୍ରୀମନ୍ଦିର ଭିତରକାଠରେ ଶ୍ରୀଜିଉଙ୍କ ଦର୍ଶନ ସମୟରେ ଜଣେ ଶ୍ରଦ୍ଧାଳୁଙ୍କ ବେକରୁ ୩୫ ଗ୍ରାମ୍ ଓଜନର ସୁନାଚେନ୍ ଛିଣ୍ଡାଇ ନେବା ଅଭିଯୋଗରେ ସିଂହଦ୍ୱାର ଥାନା ପୁଲିସ ଜଣେ ନେପାଳୀ ଯୁବକଙ୍କୁ ଗିରଫ କରିଛି। ସେ ହେଉଛନ୍ତି ନେପାଳ ପର୍ସା ଜିଲ୍ଲା ନାଗୱା ଗ୍ରାମର ଦୀପକ ଯାଦବ (୨୯)। ପୁଲିସ ତାଙ୍କଠାରୁ ଲୁଟ୍ ହୋଇଥିବା ସୁନାଚେନ୍ ମଧ୍ୟ ଜବତ କରିଛି। ଅଭିଯୋଗ ଅନୁଯାୟୀ, ସୋମବାର ଭୁବନେଶ୍ୱର ଜିଜିପି କଲୋନୀର ଅଜୟ କୁମାର ଲେଙ୍କା (୫୩) ନିଜ ପରିବାର ସହ ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ସକାଳ ପ୍ରାୟ ୭ଟା ସମୟରେ ଭିତରକାଠରେ ଦର୍ଶନ କରୁଥିବାବେଳେ ଭକ୍ତଙ୍କ ପ୍ରବଳ ଭିଡ଼ର ସୁଯୋଗ ନେଇ ଅଭିଯୁକ୍ତ ଦୀପକ ପଛପଟୁ ଅଜୟଙ୍କୁ ଜୋର୍‌ରେ ଧକ୍କା ମାରିଥିଲେ। ସେହି ସମୟରେ ସେ ଅଜୟଙ୍କ ବେକରୁ ପ୍ରାୟ ୩୫ ଗ୍ରାମ୍ ଓଜନର ସୁନାଚେନ୍ ଛିଣ୍ଡାଇ ନେଇ ଘଟଣାସ୍ଥଳରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଅଜୟ ତୁରନ୍ତ ପାଟି କରି କର୍ତ୍ତବ୍ୟରତ ପୁଲିସ କର୍ମଚାରୀଙ୍କୁ ଜଣାଇଥିଲେ। ସଙ୍ଗେ ସଙ୍ଗେ କିଛି ପୁଲିସ କର୍ମଚାରୀ ଅଭିଯୁକ୍ତ ଦୀପକକୁ କାବୁ କରି ଥାନାକୁ ଆଣିଥିଲେ। ଅଜୟ ମଧ୍ୟ ଥାନାରେ ପହଞ୍ଚି ଅଭିଯୁକ୍ତକୁ ଚିହ୍ନଟ କରିଥିଲେ। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

**ଦେବସ୍ନାନ ପୂର୍ଣ୍ଣିମା ଓ ଅଲାରନାଥ ଦର୍ଶନ ପାଇଁ ବୈଠକ**

# କାମ ତ୍ୱରାନ୍ୱିତ କରିବା ପାଇଁ ସବୁ ବିଭାଗକୁ ନିର୍ଦ୍ଦେଶ

ପୁରୀ,୮।୬(ସମିସ): ଆସନ୍ତା ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପରେ ଦିବ୍ୟ ସ୍ନାନ କରି ଜ୍ୱରରେ ପଡ଼ିବେ ମହାପ୍ରଭୁ। ଆରମ୍ଭ ହେବ ଅନବସର। ସ୍ନାନ ପୂର୍ଣ୍ଣିମା ପରଦିନଠାରୁ ବ୍ରହ୍ମଗିରିସ୍ଥିତ ମହାପ୍ରଭୁ ଅଲାରନାଥଙ୍କ ଦର୍ଶନ ଆରମ୍ଭ ହେବ। ତେଣୁ ଏହି ଉଭୟ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ଏକ ବୈଠକ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଓ ଅନବସର ସମୟରେ ଅଲାରନାଥଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହେବା ସମ୍ଭାବନା ରହିଛି। ତେଣୁ ଉଭୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଶୃଙ୍ଖଳିତ ଓ ସୁନ୍ଦର ଭାବେ ପରିଚାଳନା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ପୂର୍ବରୁ ଚଳିତ ସ୍ନାନଯାତ୍ରା ଓ ରଥଯାତ୍ରାକୁ ସୁଚାରୁ ରୂପେ ପରିଚାଳନା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ମହାପ୍ରଭୁ ଅଲାରନାଥଙ୍କ ଦର୍ଶନ, ନୀତିକାନ୍ତି, ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା, ସୁରକ୍ଷିତ ଦର୍ଶନ ଓ ସମସ୍ତ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।



ପରିଚାଳନା କମିଟି ସଦସ୍ୟ ଓ ଅଲାରନାଥ ମନ୍ଦିରର ସେବାୟତମାନଙ୍କ ଅଭିଜ୍ଞତା, ଅନୁଭବ ଓ ପରାମର୍ଶ ଅନୁସାରେ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଅଲାରନାଥ ମନ୍ଦିରର ସ୍ଥିତି, ଆବଶ୍ୟକତାକୁ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ନିଆଗଲା। ବୈଠକର ନିର୍ଯ୍ୟାସ ଆଧାରରେ ସବୁ ବିଭାଗ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପରସ୍ପର ମଧ୍ୟରେ ସୁସମନ୍ୱୟ ଓ ସହଯୋଗ ରଖି କାର୍ଯ୍ୟ କଲେ ଅଧିକ ଶୃଙ୍ଖଳିତ ଭାବେ ଏହା ସମ୍ପନ୍ନ ହେବ ବୋଲି ମତ ଦେଇ ଯେଉଁ ବିଭାଗର ଯାହା ଦାୟିତ୍ୱ ଅତ୍ୟନ୍ତ ନିଷ୍ଠା ଓ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଶ୍ରୀ ପରିଡ଼ା ପରାମର୍ଶ ଦେଇଥିଲେ। ମହାପ୍ରଭୁଙ୍କ ଅନୁମୋଦିତ ନୀତିକାନ୍ତି ଅନୁସାରେ ସଠିକ୍ ଭାବେ ନୀତି ପରିଚାଳନା କରାଯିବ। ଏଥିପ୍ରତି ଶ୍ରୀମନ୍ଦିର ପ୍ରଶାସନ ଉପଯୁକ୍ତ ପଦକ୍ଷେପ ନେବେ। ସେହିପରି ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ, ବିଦ୍ୟୁତ୍, ପରିବହନ, ରେଳଯାତ୍ରା ଓ ଯାତ୍ରୀ ସୁବିଧା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂସ୍ଥଳ, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ବିପର୍ଯ୍ୟୟ ପରିଚାଳନା, ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ଓ ଜଳ ସିଞ୍ଚନ ବ୍ୟବସ୍ଥା, ଟେଲିଫୋନ୍ ସେବା, ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏସ୍‌ପି ପ୍ରତୀକ୍ ସିଂ, ପୁରୀ ମହାନଗର ନିଗମର କମିସନର ସ୍ନେହା ଅରୁଗୁଳା, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ, ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଶ୍ରୀମନ୍ଦିର କମାଣ୍ଡାଣ୍ଟ ତାପସ ଦାସ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପାଦକୀୟ



ଜ୍ଞାନ-ବିଜ୍ଞାନ ରାଷ୍ଟ୍ରଶକ୍ତିର ସର୍ବୋତ୍ତମ ଗଣତାନ୍ତ୍ରିକ ଉତ୍ସ।
-ଆଲ୍ଭିନ୍ ଟଫ୍ଲର

ସକାଳ
THE SAKALA

## ଖସି ଯାଉଥିବା ଗୋଡ଼

ଏସ୍ଆଇଆର ଜରିଆରେ ଭୋଟ ଲୁଟ୍(ନିର୍ବାଚନ ଅନିୟମିତତା) ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କୁ ପତ୍ର, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଓ ପ୍ରତି ଦୁଇମାସରେ ଥରେ ବୈଠକ ଭଳି କେତେକ ଅନାକର୍ଷଣୀୟ ଓ ଅନୌପଚାରିକ ପ୍ରସ୍ତାବ ପାରିତ ହେବା ସହିତ 'ଇଣ୍ଡିଆ' ମେଣ୍ଟର ବୈଠକ ସମାପ୍ତ ହୋଇଛି। ଗୋଟିଏ ପରେ ଗୋଟିଏ ଆଞ୍ଚଳିକ ଦଳ ଯେଭଳି ଭାବେ କ୍ଷମତାରୁ ଅପସରି ଯାଉଛନ୍ତି ଏବଂ ଏନ୍‌ଡିଏ ସହିତ ବିରୋଧୀ ସାଂସଦ ଓ ବିଧାୟକମାନଙ୍କର ଯେଭଳି ବିଲୀନ ଘଟିବାରେ ଲାଗିଛି ତାହା ବୈଠକରେ ମୁଖ୍ୟ ପ୍ରସଙ୍ଗ ହେବ ବୋଲି ରାଜନୈତିକ ବିଶାରଦମାନେ କଳ୍ପନା କରିଥିଲେ। କିନ୍ତୁ ସେଭଳି କୌଣସି ଆକର୍ଷଣୀୟ ଓ ପ୍ରଭାବଶାଳୀ ଆଲୋଚନା ହୋଇ ନଥିବାରୁ ଆପାତତଃ 'ଏନ୍‌ଡିଏ' ଆଶ୍ୱସ୍ତ ହୋଇଥିବ।

ଭାରତର ସାମ୍ପ୍ରତିକ ଗଣତାନ୍ତ୍ରିକ ସ୍ଥିତି ଏକ ଦୃଢ଼ ଓ ସଂଘବଦ୍ଧ ବିରୋଧୀ ଦଳ ଲୋଡୁଛି। ରାହୁଲ୍ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଯେ ଏହି ଭୂମିକା ନିର୍ବାହ କରିବା ସ୍ଥିତିରେ ନାହିଁ ଏହି ଧାରଣା କ୍ରମଶଃ ଦୃଢ଼ ହେବାରେ ଲାଗିଛି। ନେତୃତ୍ୱ କାହା ହାତରେ ରହିବ ନିର୍ବାଚନ ରଣାଙ୍ଗନରେ କିଏ ପ୍ରଧାନ ସେନାପତି ହେବ ତାହା ଯେକୌଣସି ଦଳର ଆଭ୍ୟନ୍ତରୀଣ ବ୍ୟାପାର। କିନ୍ତୁ ଭାରତ ଭଳି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ସୁରକ୍ଷା ଦୃଷ୍ଟିରୁ ସେ ନିଷ୍ପତ୍ତି ଗଣତନ୍ତ୍ର ସମ୍ମତ ହେବା ଆବଶ୍ୟକ। 'ଇଣ୍ଡିଆ' ମେଣ୍ଟ ବୈଠକ ଚାଲିଥିବା ବେଳେ ଅନ୍ୟତମ ଅଂଶୀଦାର ଟିଏମ୍‌ସିର ଜଣେ ରାଜ୍ୟସଭା ସାଂସଦ ଇସ୍ତଫା ଦେଇଛନ୍ତି ଏବଂ ଆହୁରି ୨୦ ଜଣ ଲୋକସଭା ସାଂସଦ ଏନ୍‌ଡିଏରେ ସାମିଲ୍ ହେବା ପାଇଁ ଲୋକସଭା ବାଚସ୍ପତିଙ୍କୁ ପତ୍ର ଲେଖିଥିବା ସୂଚନା ମିଳିଛି। ଅପରପକ୍ଷରେ ତାମିଲ୍‌ନାଡୁରେ ଟିଭିକେ ସହିତ କଂଗ୍ରେସ ନିର୍ବାଚନ ପରବର୍ତ୍ତୀ ମେଣ୍ଟ କରିଥିବା ଅଭିଯୋଗରେ ଡିଏମ୍‌କେ ଏବଂ ବ୍ୟକ୍ତିଗତ କାରଣରୁ ଆପ୍ ଏହି ବୈଠକରେ ଯୋଗ ଦେଇନାହାନ୍ତି। ତେଣୁ 'ଇଣ୍ଡିଆ' ମେଣ୍ଟର ବୈଠକର ଜାତୀୟ ରାଜନୀତି ଉପରେ ପ୍ରଭାବ ସେତେ ବାରି ହେଉନାହିଁ। ସମ୍ପ୍ରତି ଭାରତର ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାର ଆଧାର ଶିଳା ହେଉଛି ଶତ୍ରୁର ଶତ୍ରୁ ହିଁ ମିତ୍ର। ଏହା ପଛର ଥିବା ମୁଖ୍ୟ ଉଦ୍ଦେଶ୍ୟ କେବଳ ଯେ ଦଳୀୟ କ୍ଷମତା ଓ ସ୍ୱାର୍ଥ ହାସଲରେ ନିହିତ ତାହା ବୁଝାଇ କହିବା ଆବଶ୍ୟକ ନାହିଁ। ନିକଟରେ ପଶ୍ଚିମବଙ୍ଗ ବିଧାନସଭାରେ ଟିଏମ୍‌ସି ବିଧାୟକଙ୍କ ଭିନ୍ନ ଗୋଷ୍ଠୀଗଠନରେ ଏହାର କିଛିଟା ଝଲକ୍ ଦେଖିବାକୁ ମିଳିଥିବା ବେଳେ ଲୋକସଭାରେ ଏହାର ପ୍ରତିଫଳନ ଘଟିବାକୁ ଯାଉଛି। ସେହି ଦୃଷ୍ଟିରୁ 'ଇଣ୍ଡିଆ' ମେଣ୍ଟରେ ଯେଉଁ ରଣନୀତି ପ୍ରସ୍ତୁତ ହେବା କଥା ତାହା ଦେଖିବାକୁ ମିଳିନାହିଁ।

ବସ୍ତୁତଃ, 'ଇଣ୍ଡିଆ' ମେଣ୍ଟର ମୂଳଦୁଆ ପଡ଼ିବା ଠାରୁ ପ୍ରଧାନମନ୍ତ୍ରୀ କିଏ ହେବ ତାହାକୁ ନେଇ ଅଂଶୀଦାର ଦଳର ମୁଖ୍ୟମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ପ୍ରତିଯୋଗିତା ଆରମ୍ଭ ହୋଇସାରିଥିଲା। କ୍ଷମତା ଦୌଡ଼ 'ଇଣ୍ଡିଆ' ମେଣ୍ଟକୁ ଦୁର୍ବଳ କରିବା ସହିତ 'ଏନ୍‌ଡିଏ' ମେଣ୍ଟକୁ ସୁହାଇଥିଲା। ନୀତୀଶ କୁମାର ପ୍ରଧାନମନ୍ତ୍ରୀ ପଦ ଦୌଡ଼ରେ ଆଗରେ ଥିବା ବେଳେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍ ଦିଲ୍ଲୀ ଅଧ୍ୟାଦେଶକୁ ଜାତୀୟ ପ୍ରସଙ୍ଗର ରୂପ ଦେବାକୁ ଚାହିଁଥିଲେ। ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ରାହୁଲ୍ ଗାନ୍ଧୀଙ୍କୁ ଆଗକୁ ଛାଡ଼ିବାକୁ ପ୍ରସ୍ତୁତ ନଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଜାତୀୟ ସ୍ତରରେ କୌଣସି ଦଳ ଏକାକୀ ବିଜେପି ନେତୃତ୍ୱାଧୀନ 'ଏନ୍‌ଡିଏ'ର ମୁକାବିଲା କରିବା ସ୍ଥିତିରେ ନଥିବା ବେଳେ ଆଞ୍ଚଳିକ ଦଳଗୁଡ଼ିକ ମଧ୍ୟ ମତୈକ୍ୟର ଅଭାବ ଯୋଗୁଁ 'ଇଣ୍ଡିଆ' ମେଣ୍ଟର ସହଯୋଗୀ ଆଞ୍ଚଳିକ ଦଳମାନେ ନିଜ ନିଜ ରାଜ୍ୟରେ ମେଣ୍ଟ ଅଂଶୀଦାରଙ୍କ ବିପକ୍ଷରେ ହିଁ ଲଢ଼ି ପରୋକ୍ଷରେ 'ଏନ୍‌ଡିଏ' ମେଣ୍ଟକୁ ଫାଇଦା କରାଇଥିଲେ।

ଏବେ 'ଇଣ୍ଡିଆ' ମେଣ୍ଟର ମୁଖ୍ୟ ସମସ୍ୟା ହେଉଛି ଦେଶର ସର୍ବପୁରାତନ ଦଳ କଂଗ୍ରେସର ଛତ୍ରଛାୟାରେ ସବୁ ରାଜନୈତିକ ବିରୋଧୀ ଦଳ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତ ନୁହନ୍ତି। ଏଭଳି ପରିସ୍ଥିତିରେ ବିରୋଧୀ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଆଦର୍ଶଗତ ସମାନତା ନଥିବାରୁ କେବଳ ସାମୟିକ ବୁଝାମଣା, ନିର୍ବାଚନୀ ସାଲିସ୍ ଓ ପାରସ୍ପରିକ ବିରୋଧକୁ ଅନେକାଂଶରେ ଅଣଦେଖା କରି ଏକକ ଶତ୍ରୁ ସାଙ୍ଗରେ ଲଢ଼ିବା ପାଇଁ ଏକତ୍ରିତ ହେଉଛନ୍ତି। ଏହାଛଡ଼ା ବିରୋଧୀ ଦଳମାନଙ୍କ ମଧ୍ୟରେ ଥିବା ପୂର୍ବ ତିକ୍ତତା 'ଇଣ୍ଡିଆ' ମେଣ୍ଟରେ ପ୍ରଗତିରେ ଆଉ ଏକ ବାଧକ ହେଉଛି। ବିଜେପି ବିରୋଧରେ ଏକାଠି ହେବା ପାଇଁ କେନ୍ଦ୍ରର ନୀତି ଜନବିରୋଧୀ ବୋଲି ଭୋଟରମାନଙ୍କୁ ବୁଝାଇ ସମ୍ମିଳିତ ବିରୋଧାଭାସ ସୃଷ୍ଟି କରିବାକୁ ପଡ଼ିବ। ଆଞ୍ଚଳିକ ପ୍ରସଙ୍ଗରୁ ଊର୍ଦ୍ଧ୍ୱକୁ ଉଠି ବିରୋଧୀ ଦଳର ନେତାମାନଙ୍କର ଆଭିମୁଖ୍ୟ ଜାତୀୟ ସ୍ୱାର୍ଥ ସମ୍ବଳିତ ହେବା ଆବଶ୍ୟକ। ଏ କଥା 'ଇଣ୍ଡିଆ' ମେଣ୍ଟର ଆବାହକମାନେ ନ ବୁଝିବା ପର୍ଯ୍ୟନ୍ତ 'ଏନ୍‌ଡିଏ'ର କୌଣସି କ୍ଷତି ହେବ ନାହିଁ। ଅପରପକ୍ଷରେ 'ଇଣ୍ଡିଆ' ମେଣ୍ଟ ଗଠନ ହେବା ପରଠାରୁ ଆଞ୍ଚଳିକ ଦଳମାନଙ୍କର ବିପର୍ଯ୍ୟୟ ଆରମ୍ଭ ହୋଇସାରିଛି। ପ୍ରଥମେ ଆବାହକ ନୀତୀଶ କୁମାର ହଠାତ୍ 'ଏନ୍‌ଡିଏ'ର ହାତ ଧରିଥିବା ବେଳେ ଶରଦ୍ ପାୱାରଙ୍କ ଦଳ ଏନ୍‌ସିପି ଓ ଉଦ୍ଧବ ଠାକରେଙ୍କ ଶିବସେନା ଦୁଇ ଫାଳ ହୋଇଯାଇଥିଲା। ଏବେ ଟିଏମ୍‌ସି ସମଦଶା ଭୋଗିବାକୁ ଯାଉଛି।

ସ୍ୱୀକାର କରିବାକୁ ହେବ ଯେ ଏବେ ମଧ୍ୟ କଂଗ୍ରେସ ହିଁ ଜାତୀୟସ୍ତରରେ ବିଜେପିର ମୁକାବିଲା କରିବାର କିଛିଟା ଯୋଗ୍ୟତା ରଖିଛି ଏବଂ କେତେକ ରାଜ୍ୟରେ ଦଳ ଶାସନ କ୍ଷମତାରେ ରହିଛି। ତେଣୁ କଂଗ୍ରେସକୁ ବାଦ୍ ଦେଇ 'ଇଣ୍ଡିଆ' ମେଣ୍ଟର ପରିକଳ୍ପନା ସମ୍ଭବ ନୁହେଁ। ତେଣୁ ଏକକ ସର୍ବସମ୍ମତ ନେତୃତ୍ୱ ସହିତ ବିରୋଧୀ ଦଳଗୁଡ଼ିକ 'ସମାନ ସର୍ବନିମ୍ନ କାର୍ଯ୍ୟ ଯୋଜନା' ବା କୌଣସି ନୀତିଗତ ଅନୁବନ୍ଧନର ତର୍କକୁ ସମ୍ପୂର୍ଣ୍ଣ ଏଡ଼ାଇଯିବା ଉଚିତ ହେବ ନାହିଁ। ଗଣତନ୍ତ୍ରରେ ଶକ୍ତିଶାଳୀ ବିରୋଧୀଦଳର ଭୂମିକା ଅନସ୍ୱୀକାର୍ଯ୍ୟ। ଅସାଧୁ ଓ ସୁବିଧାବାଦୀ ମେଣ୍ଟ କରି କ୍ଷମତା ହାସଲ କରିବା ପ୍ରୟାସ ସର୍ବଦା ନିନ୍ଦନୀୟ। ଏହା ମଧ୍ୟ ବୃହତ୍ତର ଜନସମର୍ଥନ ଲାଭ କରିନଥାଏ ଏବଂ ସତ୍ତା ପାଇଁ ଲଢ଼େଇରେ ଆଭ୍ୟନ୍ତରୀଣ କନ୍ଦଳ ଯୋଗୁଁ ଦୁର୍ବଳ ହୋଇପଡ଼େ। 'ଇଣ୍ଡିଆ' ଏ କଥା ହୃଦୟଙ୍ଗମ କଲେ ଭାରତର ଗଣତନ୍ତ୍ର ପ୍ରତି ମଙ୍ଗଳକର ହେବ।

ଓଡ଼ିଆରେ ଏକ ପ୍ରବାଦ ଅଛି ଖସି ଯାଉଥିବା ଗୋଡ଼ ତଳକୁ ତଳକୁ। ବର୍ତ୍ତମାନ 'ଇଣ୍ଡିଆ' ମେଣ୍ଟର ଅଂଶୀଦାର ଦଳମାନଙ୍କର ସ୍ଥିତି ସେଭଳି ହେବାରେ ଲାଗିଛି। କ୍ଷମତା ରାଜନୀତିର ପଙ୍କ ଭିତରେ ଖସିଯାଉଥିବା ଦଳମାନଙ୍କୁ ଉଦ୍ଧାର କରିବାର କ୍ଷମତା ଓ ଦକ୍ଷତା କେବଳ କଂଗ୍ରେସର ରହିଛି। କିନ୍ତୁ ସେହି ଦଳ ଏବେ ପ୍ରବୀଣ ଓ ନବୀନଙ୍କ ମଧ୍ୟରେ ଚାଲିଥିବା ଅହଂ ଲଢ଼େଇରେ ଆକ୍ରାନ୍ତ। ନିରେଖି ଦେଖିଲେ କ୍ଷମତା ରାଜନୀତିରୁ କ୍ରମଶଃ ଅପସରି ଯାଉଥିବା ଏହି ଜାତୀୟ ଦଳର ଗୋଡ଼ ମଧ୍ୟ ଖସି ଖସି ଯାଉଛି। ତେଣୁ ପ୍ରଥମେ ସେହି ଦଳକୁ ଗୋଡ଼ ସଳଖି ରଖିବାକୁ ହେବ। ତା' ପରେ ଯାଇ ସେ ଅନ୍ୟମାନଙ୍କୁ ଉଦ୍ଧାର କରିପାରିବ।

## ଜଳ ନଷ୍ଟ: ଜଳ କଷ୍ଟ

**ଛନ୍ଦା ମିଶ୍ର**

ଛୋଟ ପିଲାଟିଏ, ବୟସ ଏଇ ଦଶ କି ବାର। ଗାଁର ପାନୀୟ ଜଳସଙ୍କଟ ଯେ କେତେ ଉତ୍କଟ, ତାହା ସେ ଏକ ଭିଡିଓ ମାଧ୍ୟମରେ ବଖାଣିଛନ୍ତି। ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକର ଚାହାଳି ଗ୍ରାମର ଏହି ନାବାଳକ, ପିଇବା ପାଣି ସମସ୍ୟା ସମ୍ପର୍କରେ ଉଲ୍ଲେଖ କରି ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଅନୁଗୁଳରେ ରହୁଥିବା ସାଇ ସନ୍ତୋଷ ମିଶ୍ର ଖରା ଛୁଟିରେ ଗାଁକୁ ଆସି ଜଳକଷ୍ଟକୁ ଦେଖି ବିବ୍ରତ ହୋଇ ଯାଇଥିଲେ। ଗାଁ ଠାରୁ ଦୁଇ କିଲୋମିଟର ଦୂର ଯିବା ପରେ ନଦୀ ବାଲିରେ ଚୁଆ ଖୋଳି ପାଣି ସଂଗ୍ରହ କରୁଥିବାର ଦୃଶ୍ୟ ତାଙ୍କୁ ବ୍ୟଥିତ କଲା। ସକାଳ ନହେଉଣୁ ଗାଁର ମହିଳା, ପୁରୁଷ, ବୃଦ୍ଧ ଓ ଶିଶୁମାନେ ଗରା ଓ ବାଲଟି ଧରି ଯାଉଥିବାର ଦୃଶ୍ୟ ଦେଖି ସେ କିଛି କରିବା ପାଇଁ ଆଗେଇ ଆସିଲେ। ଗ୍ରାମ ନିକଟରେ ଥିବା ବିଦ୍ୟାଳୟ ପରିସରର କୂଅଟି ପାଖରେ ଲୋକଙ୍କ ଲମ୍ବା ଭିଡ଼ ଦେଖିବାକୁ ମିଳିଛି। ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ବି ପ୍ରଶାସନର ତାହାର ସମାଧାନ ପାଇଁ ପଦକ୍ଷେପ ନେଇ ନାହିଁ। ମାତ୍ର ସାଇଙ୍କ ଏହି ଭିଡିଓଟି ଭାଇରାଲ୍ ହେବା ପରେ ଚାରିଦିନ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ ବୋଲି ନୂଆଗାଁ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

କଥାରେ ଅଛି ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ। ଆମେ ଯେଉଁମାନେ ଭାଗ୍ୟବାନ୍, ଜଳର ଅଭାବ କ'ଣ ଜାଣିନେ, ଜଳର ପ୍ରକୃତ ମୂଲ୍ୟ ବୁଝିବା ଏତେ ସହଜ ନୁହେଁ। ହେଲେ ଯେଉଁମାନେ ଗୋଟିଏ ବାଲଟି ଜଳରେ ପରିବାର ସାରା ଦିନ କାମ ଚଳାନ୍ତି, ସେମାନେ ଜଳକୁ ଏକ ଅମୂଲ୍ୟ ଦ୍ରବ୍ୟ ରୂପେ ଜ୍ଞାନ କରନ୍ତି। ଏବେ ଖରା ଦିନ। ଲାଇନ୍ ପ୍ରାୟ ସମୟରେ ଯାଉଚି। ଆମେ ଗାଧୋଇବାକୁ, ପିଇବାକୁ, ରାନ୍ଧିବା ପାଇଁ ଯେତିକି ଆବଶ୍ୟକ ତା' ଠାରୁ ଯଥେଷ୍ଟ ଅଧିକ ଜଳ ସଂଗ୍ରହ କରି ରଖି ଦେଉଛେ। ଏପରିକି ଅଧିକ ଜଳ ସଂଗ୍ରହ କରି ପରଦିନ ନଷ୍ଟ କରିବା ପାଇଁ ବି କୁଣ୍ଠାବୋଧ କରୁନେ। ଆମେ ଭୁଲି ଯାଉଛେ ଯେ ଲୋକେ ପାଣି ବୁନ୍ଦାଏ ପାଇଁ ବି ହେଉଛନ୍ତି ଡହଳବିକଳ ବୋଲି।

ଗାଁ ଗହଳିରେ ଲୋକେ ପରିଷ୍କାର ପାଣି ମୁନ୍ଦାଏ ପାଇବା ପାଇଁ ଅନେକ କସରତ କରନ୍ତି। ଗ୍ରୀଷ୍ମ ଋତୁରେ ତାହା ଗମ୍ଭୀର ରୂପ ଧାରଣ କରେ। ଜଗତସିଂହପୁରର କୁସୁପୁର ଗ୍ରାମରେ ଲୋକେ ପାଣି ବାଲଟିଏ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରନ୍ତି। ବାଲି ସାହି ହରିରାଜପୁର ଗ୍ରାମର ଲୋକେ ମହାନଦୀ ଶୁଖିଯିବା ପରେ ବାଲି ଖୋଳି ଚୁଆରୁ ପାଣି ଆଣି ବ୍ୟବହାର କରନ୍ତି। ନୟାଗଡ଼ର ସିନ୍ଦୁରିଆ, ଶରଧାପୁର, ଇଟାମାଟି ଆଦି ଗ୍ରାମଗୁଡ଼ିକରେ ଭୂତଳ ଜଳସ୍ତର ହ୍ରାସ ଏବଂ ଜଳରେ ଫ୍ଲୋରାଇଡ ସମସ୍ୟା ଯୋଗୁଁ ପାନୀୟ ଜଳର ଘୋର ଅଭାବ ଦେଖାଯାଏ। ନଗଡ଼ା ଓ ଗୁମୁଡୁମାହା ଆଦି ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ପାଇପ୍ ଜଳ ଯୋଗାଣ କଷ୍ଟକର ହେଉଥିବାରୁ ଚୁଆ ପାଣି ଉପରେ ଭରସା କରିବାକୁ ହୁଏ। ସେହିପରି ମୟୂରଭଞ୍ଜର ସୀତାରାମ ସାହି ଗ୍ରାମ, ଗଜପତିର କେଶରା, ଝାରସୁଗୁଡ଼ାର ହରିଜନ ପଡ଼ା, ବଡ଼ମାଲ - ଏହିପରି ଏ ତାଲିକା ଖୁବ୍ ଲମ୍ବା।

ତେବେ ଏ ଘୋର ସମସ୍ୟାର ମୂଳ କାରଣ ହେଉଛି, ଅତ୍ୟଧିକ ଜଳ ଉତ୍ତୋଳନ ଯୋଗୁଁ ଭୂତଳ ଜଳସ୍ତର ହ୍ରାସ, ରକ୍ଷଣାବେକ୍ଷଣ ଅଭାବରୁ ଗାଁର କୂଅ, ପୋଖରି, ଗାଡ଼ିଆ ଆଦି ପାରମ୍ପରିକ ଉତ୍ସଗୁଡ଼ିକର ଅବକ୍ଷୟ, ପାହାଡ଼ିଆ ଅଞ୍ଚଳରେ ପଥୁରିଆ ମାଟି ଯୋଗୁଁ ଜଳ ସଂରକ୍ଷଣ ନ ହୋଇ ପାରିବା ଆଦି ଅନ୍ୟତମ। ଯେଉଁଥିପାଇଁ ମହିଳା ଓ ଶିଶୁମାନଙ୍କୁ ପାଣି ଟିକିଏ ପାଇଁ ମାଇଲ ମାଇଲ ଚାଲିବାକୁ ହୋଇଥାଏ। ବାଧ୍ୟ ହୋଇ ସେମାନେ ଦୂଷିତ ଚୁଆ ବା ନଦୀ ପୋଖରୀର ପାଣି ପିଇ ଜଣ୍ଡିସ ଓ ଝାଡାବାନ୍ତିରେ ପଡ଼ନ୍ତି। ଯେତେବେଳେ ପିଇବା ପାଣି ପାଇଁ ମଣିଷ ଏତେ ହନ୍ତସନ୍ତ ହୁଏ, ସେତେବେଳେ ଗାଈଗୋରୁଙ୍କ କଥା କୁ କିଏ ବା ଗୁରୁତ୍ୱ ଦିଏ? ଏଇଥିପାଇଁ ଗ୍ରୀଷ୍ମକାଳୀନ ଚାଷବାସ ଖୁବ୍ କ୍ଷତିଗ୍ରସ୍ତ ହୁଏ। 'ବସୁଧା' ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ସ୍ୱଚ୍ଛ ପିଇବା ପାଣି ପହଞ୍ଚାଇବାର ପ୍ରୟାସ କରାଯାଉଚି। ଜଳସ୍ତର ବୃଦ୍ଧି ପାଇଁ ବର୍ଷା ଜଳ ସଂଗ୍ରହ ଓ ସଂରକ୍ଷଣ ଉପରେ ସଚେତନତା ସୃଷ୍ଟି କରାଯାଉଛି। ଜଳଛତ୍ରମାନ ଖୋଲିବା ସହିତ ଟାଙ୍କି ମାଧ୍ୟମରେ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ତା' ସତ୍ତ୍ୱେ ଅନେକସ୍ଥାନରେ ଲୋକେ ଜଳ ପାଇଁ ହେଉଛନ୍ତି ବିକଳ।

ତେବେ ଜଳ କଷ୍ଟ ଦୂର କରିବା ପାଇଁ ଅନେକ ବ୍ୟକ୍ତି ଓ ଗ୍ରାମବାସୀ, ସରକାରୀ ସାହାଯ୍ୟକୁ ଅପେକ୍ଷା ନ କରି ବ୍ୟକ୍ତିଗତ ସ୍ତରରେ ବେଶ୍ ପ୍ରଶଂଶନୀୟ ଉଦ୍ୟମ କରୁଛନ୍ତି। ଅନୁଗୁଳ ଜିଲ୍ଲାର ଭଗତପୁର ଗ୍ରାମ ଜଳ ସଂରକ୍ଷଣ ଓ ସାମୂହିକ ସହଭାଗିତାର ବିଶ୍ୱସ୍ତରୀୟ ମଡେଲ ପାଲଟିଛି। ପ୍ରାୟ ୧୩୫ଟି ପରିବାର ରହୁଥିବା ଏହି ଗ୍ରାମରେ ଏକଦା ଗ୍ରୀଷ୍ମଋତୁରେ ପାଣିର ଘୋର ସଙ୍କଟ ସୃଷ୍ଟି ହେଉଥିଲା। ଯେଉଁଥି ପାଇଁ ଗ୍ରାମବାସୀ ସହରମୁହାଁ ହେଉଥିଲେ। କିନ୍ତୁ ଗ୍ରାମବାସୀ ଓ ଜଳସମିତିର ମିଳିତ ଉଦ୍ୟମରେ ନାବାର୍ଡର ଆର୍ଥିକ ସହାୟତାରେ, ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକୁରିଟି ନାମକ ସଂସ୍ଥାର ମାର୍ଗଦର୍ଶନରେ ଗାଁ ଲୋକେ ନିଜେ ଶ୍ରମଦାନ କରି ପ୍ରାୟ ତିରିଶରୁ ଅଧିକ ପୋଖରି, ଚେକ୍ ଡ୍ୟାମ୍ ନିର୍ମାଣ କରି ଜଳ ସଂରକ୍ଷଣ କରିବା ସହିତ ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। ଫଳରେ ଗ୍ରାମର ଭୂତଳ ଜଳସ୍ତର ବୃଦ୍ଧି ପାଇବା ସହିତ ପାନୀୟ ଜଳସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିଛି। ସେହିପରି କଳାହାଣ୍ଡି ଜିଲ୍ଲାର ତୁକୁଗୁଡ଼ା ଗ୍ରାମର ଆଦିବାସୀ ମହିଳା ଶାନ୍ତିଲତା ମାଝୀ ଗ୍ରାମ୍ୟ ଉନ୍ନୟନ କମିଟି ଜରିଆରେ ଗାଁର ଶୁଖି ଯାଉଥିବା ଝରଣାଗୁଡ଼ିକୁ ପୁନର୍ଜୀବିତ କରିବା ପାଇଁ ନେତୃତ୍ୱ ନେଇଥିଲେ। ସେମାନେ ପାହାଡ଼ିଆ ଅଞ୍ଚଳରେ ୧୦୦୦ରୁ ଅଧିକ ଖାଲ ଖୋଳି ଏବଂ ପ୍ରାୟ ୯୦୦୦ ଗଛ ଲଗାଇ ଜଳଉତ୍ସକୁ ବଞ୍ଚାଇ ରଖିପାରିଛନ୍ତି। ଯାହାଦ୍ୱାରା ଆଜି ଗାଁକୁ ୨୪ ଘଣ୍ଟା ପାଣି ମିଳୁଛି।

ଗ୍ରାମବାସୀଙ୍କ ଏଭଳି ବ୍ୟକ୍ତିଗତ ଉଦ୍ୟମରେ ଯଦି କୌଣସି ପ୍ରଶାସନିକ ଅଧିକାରୀଙ୍କ ସହଯୋଗ ଓ ସମ୍ପୃକ୍ତି ହୁଏ ତେବେ କାର୍ଯ୍ୟ ସଫଳତାର ଶିଖର ଛୁଏଁ। ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟ ଭିତରେ ଥିବା ଦୁର୍ଗମ କେନ୍ଦୁଝରୀ ଗ୍ରାମରେ ପାଣି ପାଇଁ ଲୋକେ ପାଞ୍ଚ କିଲୋମିଟର ଯିବାକୁ ପଡୁଥିଲା। ତତ୍କାଳୀନ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲ ବ୍ୟକ୍ତିଗତ ଆଗ୍ରହ ଓ ସ୍ୱତନ୍ତ୍ର ଉଦ୍ୟମରେ ବିନା ବିଦ୍ୟୁତରେ କେବଳ ମାଧ୍ୟାକର୍ଷଣ ଶକ୍ତିର ବ୍ୟବହାର କରି ପାହାଡ଼ିଆ ଝରଣାର ପାଣିକୁ ପାଇପ୍ ଯୋଗେ ସେହି ଆଦିବାସୀ ଗ୍ରାମରେ ପହଞ୍ଚାଇ ଇତିହାସ ରଚିଲେ। ସେମିତି ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାର କେତେକ ଗ୍ରାମରେ ସ୍ଥାନୀୟ ଯୁବକମାନେ 'ଜଳବନ୍ଧୁ' ନାମରେ ସଂଗଠନ କରି ନିଜ ଖର୍ଚ୍ଚରେ ବାଲି ଚୁଆ ସଫା କରିବା ସହିତ ପୁରୁଣା କୂଅଗୁଡ଼ିକୁ ଗଭୀର କରି ଗ୍ରୀଷ୍ମ ଋତୁରେ ଲୋକଙ୍କ ପାଇଁ ପାଣିର ବ୍ୟବସ୍ଥା କରୁଛନ୍ତି। ଓଡ଼ିଶାରେ ଏପରି ଅନେକ୍ 'ଜଳଯୋଦ୍ଧା' ଅଛନ୍ତି, ଯେଉଁମାନେ ନିଜ ଗାଁ ଲୋକଙ୍କ ଜଳକଷ୍ଟ ଦେଖି ନ ପାରି ନିଜେ କୋଦାଳ ଧରି କୂଅପୋଖରି ବା ନାଳ ଖୋଳିବା ପାଇଁ ଆଗେଇ ଆସି ଆମ ପାଇଁ ଉଦାହରଣ ପାଲଟି ଯାଇଛନ୍ତି।

ଆମେ ଯେଉଁମାନେ ଜଳ କଷ୍ଟ କଣ ଜାଣିନାହୁଁ, ଜଳ ଆମ ପାଇଁ ସୁଲଭ ହୋଇପାରେ। ମାତ୍ର ଆମର ସାମାନ୍ୟ ଅସାବଧାନତା ଯୋଗୁଁ ଆମେ ଯେଉଁ ଜଳ ନଷ୍ଟ କରୁ ସେଥିପାଇଁ ଆଉ କେହି ଖୁବ୍ କଷ୍ଟ ଅନୁଭବ କରେ। ଦୈନନ୍ଦିନ ଜୀବନରେ କେତୋଟି ଛୋଟ ଛୋଟ ଅଭ୍ୟାସରେ ପରିବର୍ତ୍ତନ ଆଣି ଆମେ ଜଳ ସଂରକ୍ଷଣ ଅଭିଯାନରେ 'ଜଳବନ୍ଧୁ' ସାଜିପାରିବା। ଦାନ୍ତ ଘଷିବା, ହାତ ଧୋଇବା, ଦାଢ଼ି କାଟିବା ସମୟରେ ଟ୍ୟାପକୁ ଖୋଲା ନ ରଖି ଆବଶ୍ୟକ ମୁତାବକ ବନ୍ଦ କରିବା। ଘରେ ପାଇପ୍ ବା ଟ୍ୟାପରୁ ପାଣି ଲିକ୍ ହେଉଥିଲେ ତୁରନ୍ତ ତା'ର ମରାମତି କରିବା, ଗାଧୋଇବା ଓ ଗାଡ଼ି ଧୋଇବା ପାଇଁ ସାୱାର କିମ୍ବା ପାଇପ୍ ବ୍ୟବହାର ନ କରି ବାଲଟି ବ୍ୟବହାର କରିବା ଆଦି ଛୋଟ ମୋଟ ସଚେତନତା ଏ ଦିଗରେ ହେବ ଆମର ସହଯୋଗ। ଏସବୁ ସହିତ ଆମ ଛାତ ଉପରେ ପଡୁଥିବା ବର୍ଷାଜଳକୁ ସଂରକ୍ଷଣ କରି ଅଧିକରୁ ଅଧିକ ଗଛ ଲଗାଇ ଭୂତଳ ଜଳର ସ୍ତରକୁ ବୃଦ୍ଧି କରିବାରେ ସହାୟକ ହେବା। ଆମକୁ ମନେ ରଖିବାକୁ ହେବ ଯେ ଆମ ଦ୍ୱାରା ଜଳ ନଷ୍ଟ ଯୋଗୁଁ କେହି ଜଳ କଷ୍ଟ ଅନୁଭବ କଲେ, ସେ ପାପର ଭାଗୀଦାର ଆମେ ହିଁ ହେବା।

ଭୁବନେଶ୍ୱର, ମୋ: ୯୪୩୭୪ ୫୩୬୧୦

## ଆପଣ କିଣନ୍ତୁ, ଆମେ ବୋହିବୁ

**ବିଶ୍ୱନାଥ ପାଢ଼ୀ**

ଦିଲ୍ଲୀର ଲାଜପତ ନଗର ମାର୍କେଟ୍‌ରେ ସାପ୍ତାହିକ ଛୁଟି ଦିନର ଏକ ଗହଳିପୂର୍ଣ୍ଣ ଅପରାହ୍ନ। ପ୍ରବଳ ଗରମ। ଚାରିଆଡ଼େ ମଣିଷର ଭିଡ଼ ଓ କୋଳାହଳ। ସେହି ଗହଳି ଭିତରେ ଜଣେ ୬୭ ବର୍ଷୀୟା ବୃଦ୍ଧା ଓ ତାଙ୍କ ଝିଅ ଘର ପାଇଁ ପରଦା ଓ ବେଡ୍‌ସିଟ୍ କିଣୁଥିଲେ। ମାତ୍ର ଚାରି-ପାଞ୍ଚଟି ଦୋକାନ ବୁଲିଲା ବେଳକୁ ଦୁହିଁଙ୍କ ହାତରେ ଭାରି ଭାରି ବ୍ୟାଗ୍‌ର ବୋଝ ଓ ଗୋଡ଼ରେ ପ୍ରବଳ ବିନ୍ଧା ଆରମ୍ଭ ହୋଇଯାଇଥିଲା। ସେହି ସମୟରେ ଜଣେ ୟୁନିଫର୍ମ ପିନ୍ଧିଥିବା ଯୁବକ ତାଙ୍କ ପାଖକୁ ଆସି ହାତରୁ ସବୁ ବ୍ୟାଗ୍ ନିଜେ ଟେକିନେଲେ। ନିଜେ ଧରି ଥିବା ବ୍ୟାଗ୍‌ରୁ ଏକ ଫୋଲ୍ଡିଂ ଚେୟାର୍ ବାହାର କରି ବୃଦ୍ଧାଙ୍କୁ ବସିବାକୁ ଦେଲେ ଏବଂ ତାଙ୍କ ନିସ୍ତେଜ ହୋଇଯାଇଥିବା ମୋବାଇଲ୍‌କୁ ଚାର୍ଜ କରିବା ପାଇଁ ପାୱାର୍ ବ୍ୟାଙ୍କ ବଢ଼ାଇଦେଲେ। ବୃଦ୍ଧାଙ୍କ ମୁହଁରେ ଆଶ୍ୱସ୍ତିର ହସ ଖେଳିଗଲା। ଏହା କୌଣସି ସିନେମାର ଦୃଶ୍ୟ ନୁହେଁ, ବରଂ ନିକଟରେ ଦିଲ୍ଲୀର ଲାଜପତ ନଗରରେ ଆରମ୍ଭ ହୋଇଥିବା 'କ୍ୟାରିମ୍ୟାନ୍' ଷ୍ଟାର୍ଟଅପ୍‌ର ଏକ ବାସ୍ତବ ଚିତ୍ର। ଉପଭୋକ୍ତାଙ୍କ ସେବା ପାଇଁ ପ୍ରତିଘଣ୍ଟା ହିସାବରେ ମିଳୁଥିବା ଏହି ସହାୟକମାନେ ଏବେ ଦିଲ୍ଲୀ ବଜାରର ଚେହେରା ବଦଳାଇ ଦେଇଛନ୍ତି।

'କ୍ୟାରିମ୍ୟାନ୍' ହେଉଛି ଦିଲ୍ଲୀର ଜଣେ ସ୍ଥାନୀୟ ଯୁବକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ନିଆରା 'ସପିଂ ଆସିଷ୍ଟାନ୍ସ ସର୍ଭିସ୍(ବଜାର ସହାୟତା ସେବା)'। ଏହାର ସହଜ ସ୍ଲୋଗାନ ହେଉଛି 'ଆପଣ କିଣନ୍ତୁ, ଆମେ ବୋହିବୁ(ୟୁ ସପ୍, ୱି କ୍ୟାରି)। ଯେତେବେଳେ ଆପଣ ଲାଜପତ ନଗର ଭଳି ବଡ଼ ବଜାରକୁ ସପିଂ ପାଇଁ ଯିବେ, ଆପଣ ଘଣ୍ଟା ପ୍ରତି ୧୧୯ ଟଙ୍କା ରୁ ୧୪୯ ଟଙ୍କା (ସମୟ ଅନୁସାରେ ପ୍ୟାକେଜ୍) ଦେଇ ଜଣେ ପ୍ରଶିକ୍ଷିତ ସହାୟକ(କ୍ୟାରିମ୍ୟାନ୍)ଙ୍କୁ ନିଜ ସହିତ ନେଇପାରିବେ। ଏହି ସହାୟକମାନେ ଆପଣ କିଣୁଥିବା ସମସ୍ତ ଭାରି ବ୍ୟାଗ୍ ଓ ସାମଗ୍ରୀକୁ ନିଜେ ବୋହିବା ସହ(ସର୍ବାଧିକ ୧୨ କିଲୋ ପର୍ଯ୍ୟନ୍ତ) ସେମାନଙ୍କ ପାଖରେ ଥିବା ପାୱାର୍ ବ୍ୟାଙ୍କ ଦ୍ୱାରା ଆପଣଙ୍କ ମୋବାଇଲ୍ ଚାର୍ଜ, ଖରା କିମ୍ବା ବର୍ଷା ପାଇଁ ଛତା, ଛୋଟ ପିଲାଙ୍କୁ ଧରିବା, ପିଇବା ପାଇଁ ପାଣିର ବ୍ୟବସ୍ଥା ଇତ୍ୟାଦି ସୁବିଧା ଯୋଗାଇଥା'ନ୍ତି। ଆହୁରି ମଧ୍ୟ ଗ୍ରାହକ କ୍ଳାନ୍ତ ହୋଇପଡ଼ିଲେ ବସିବା ପାଇଁ ପୋର୍ଟେବଲ୍ ଫୋଲ୍ଡିଂ ଚେୟାର୍, ବଜାରରେ ଖାଇବା ଦୋକାନ କିମ୍ବା ବିଲ୍ କାଉଣ୍ଟର ଆଗରେ ଲମ୍ବା ଲାଇନ୍‌ରେ ଛିଡ଼ା ହେବା ସହ ଗାଡ଼ି ପାର୍କିଂ କିମ୍ବା ମେଟ୍ରୋ ଷ୍ଟେସନ ପର୍ଯ୍ୟନ୍ତ ସାଥିରେ ଯାଆନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀରେ ବିକଶିତ ହୋଇଥିବା ଏହି ଷ୍ଟାର୍ଟଅପ୍ ପ୍ରତିଷ୍ଠାତାମାନେ ନିଜ ବ୍ୟକ୍ତିଗତ ଅଭିଜ୍ଞତାରୁ ଏହି ଚିନ୍ତାଧାରା ପାଇଥିଲେ। ଦିଲ୍ଲୀର ଲାଜପତ ନଗର, ଚାନ୍ଦିନୀଚୌକ କିମ୍ବା ସରୋଜିନୀ ମାର୍କେଟ ଭଳି ସ୍ଥାନରେ ସପିଂ କରିବା ଏକ ଆନନ୍ଦଦାୟକ ଅନୁଭୂତି ହୋଇଥିଲେ ସୁଦ୍ଧା ପ୍ରବଳ ଭିଡ଼ ଓ ଭାରି ବ୍ୟାଗ୍ ଯୋଗୁଁ ଏହା ଶାରୀରିକ ଭାବେ ଅତ୍ୟନ୍ତ କ୍ଳାନ୍ତିକର ହୋଇଯାଏ। ବିଶେଷକରି ବୃଦ୍ଧବୃଦ୍ଧା, ଗର୍ଭବତୀ ଏବଂ ଛୋଟ ପିଲାଙ୍କୁ ଧରି ସପିଂ କରୁଥିବା ମାତାପିତାଙ୍କ ପାଇଁ ଏହା ଏକ ଯୁଦ୍ଧ ଜିତିବା ସଦୃଶ। ଏହି ସମସ୍ୟାର ସମାଧାନ ପାଇଁ ନିକଟରେ ୨୦୨୬ ଅପ୍ରେଲ ମାସରେ ଲାଜପତ ନଗରର ସେଣ୍ଟ୍ରାଲ୍ ମାର୍କେଟ୍ (ଡୋଲ୍ମା ଆଣ୍ଟି ମୋମୋ ଦୋକାନ ସାମ୍ନାରେ) ଏହି ସେବାର ପ୍ରଥମ ବୁଥ୍ ସ୍ଥାପନ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସପିଂରୁ ଶାରୀରିକ ଚାପ ଓ କ୍ଳାନ୍ତିକୁ ଦୂର କରି ଏହାକୁ ସହଜ ଓ ଆରାମଦାୟକ କରିବା।



ଏହା କୌଣସି ବିଳାସପୂର୍ଣ୍ଣ ସେବା ନୁହେଁ, ବରଂ ସହରୀ ଜୀବନରେ ଏକ ଅତି ଆବଶ୍ୟକୀୟ ବ୍ୟାବହାରିକ ସହାୟତା। ସ୍ଥାନୀୟ ଯୁବକ ବା ଛାତ୍ରମାନଙ୍କ ପାଇଁ ଏହା ଏକ ପାର୍ଟ-ଟାଇମ୍ କିମ୍ବା ଫୁଲ୍-ଟାଇମ୍ ସମ୍ମାନଜନକ ରୋଜଗାରର ମାଧ୍ୟମ ମଧ୍ୟ ସାଜିଛି, ଯେଉଁଥିରେ ସେମାନଙ୍କୁ ଦରମା ସହ କମିଶନ ମଧ୍ୟ ମିଳୁଛି। ସେବା ଆରମ୍ଭ ଓ ଶେଷ ସମୟରେ ମୋବାଇଲ୍‌କୁ ଓଟିପି ଓ ଇ-ରସିଦ୍ ଆସୁଥିବାରୁ ଏହା ସମ୍ପୂର୍ଣ୍ଣ ସୁରକ୍ଷିତ ଓ ବିଶ୍ୱାସଯୋଗ୍ୟ। ପରିବର୍ତ୍ତନଶୀଳ ସହରୀ ଜୀବନରେ ଆମେ ପ୍ରତିଟି ଛୋଟ ଛୋଟ କାମକୁ ଆଉ କାହା ଦ୍ୱାରା କରାଇନେବାକୁ ପସନ୍ଦ କରୁଛୁ। ଖାଦ୍ୟ ବିତରଣ ଠାରୁ ଆରମ୍ଭ କରି ଘର ସଫା କରିବା ପର୍ଯ୍ୟନ୍ତ। ସେହିକ୍ରମରେ 'କ୍ୟାରୀମ୍ୟାନ୍' ହେଉଛି ଆଧୁନିକ ବଜାରର ଏକ ସମୟୋଚିତ ଉଦ୍ଭାବନ। ଏହି ସୁବିଧା ଆମର ଶାରୀରିକ ପରିଶ୍ରମ ଓ ବ୍ୟାଗ୍ ବୋହିବାର କଷ୍ଟକୁ କମାଇ ଦେଇପାରେ। କିନ୍ତୁ ଏକଥା ମଧ୍ୟ ସତ ଯେ, ପୂର୍ବରୁ ପରିବାର ସହ ସପିଂ କରିବା ସମୟରେ ବାପା କିମ୍ବା ସ୍ୱାମୀ ଯେଉଁଭଳି ଭାବେ ହସିହସି ସବୁ ବ୍ୟାଗ୍ ନିଜ ହାତକୁ ନେଇଯାଉଥିଲେ, ସେହି ସ୍ନେହ ଆଉ ଭାବପ୍ରବଣତାକୁ କୌଣସି ଷ୍ଟାର୍ଟଅପ୍ କେବେହେଲେ ଟଙ୍କା ବଦଳରେ ପ୍ୟାକେଜ୍ କରି ବିକ୍ରି କରିପାରିବ ନାହିଁ।

ସତ୍ୟବାଦୀ(ପୁରୀ),ମୋ: ୯୨୩୮୮୩୧୬୫୮

## ଆଦ୍ୟ ଯୌବନରେ ପୃଥୁଳତା ଓ ହୃଦ୍‌ରୋଗ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ପୃଥୁଳତା ସହିତ ହୃଦ୍‌ରୋଗର ଆଶଙ୍କା ନିଶ୍ଚିତ। ଏପରିକି ବାଲ୍ୟକାଳରେ ମଧ୍ୟ 'ଶରୀର ଭାର ସୂଚକାଙ୍କ'(ବଡି ମାସ୍ ଇଣ୍ଡେକ୍ସ( ଅଧିକ ହେଲେ ଜୀବନର ପରବର୍ତ୍ତୀ କାଳରେ ତାହା ଏ ରୋଗର ଆଶଙ୍କା ସୃଷ୍ଟି କରେ। 'ଶରୀର ଭାର ସୂଚନା'ଙ୍କ ଗଣନା କରାଯାଏ କିଲୋଗ୍ରାମରେ ଶରୀରର ଓଜନକୁ ବର୍ଗମିଟରରେ ବ୍ୟକ୍ତିର ଉଚ୍ଚତାକୁ ବିଭାଜନ କରି। ଏହା ୧୮.୫ରୁ କମ୍ ରହିଲେ ବ୍ୟକ୍ତିଟି କମ୍ ଓଜନ ବିଶିଷ୍ଟ, ୧୮.୫ରୁ ୨୪.୯ ହେଲେ ସାଧାରଣ ବା ସୁସ୍ୱାସ୍ଥ୍ୟ ଫଳ, ୨୫ରୁ ୨୯.୯ ହେଲେ ଅଧିକ ଓଜନ ବିଶିଷ୍ଟ ଏବଂ ୩୦.୦ରୁ ଅଧିକ ହେଲେ ପୃଥୁଳକାୟ ବୋଲି ଧରାଯାଏ। କୌଣସି ବ୍ୟକ୍ତି ଶୈଶବ କାଳରେ ପୃଥୁଳକାୟ ହୋଇଥିଲେ ଏବଂ ତାହାକୁ ୮/୧୦ ବର୍ଷ ବୟସ ମଧ୍ୟରେ ନିୟନ୍ତ୍ରଣ କରାଯାଇପାରିଲେ ହୃଦରୋଗ ଆଶଙ୍କା ହ୍ରାସ ପାଏ। ଅନ୍ୟପକ୍ଷରେ, ଆଦ୍ୟ ଯୌବନ ପର୍ଯ୍ୟନ୍ତ ତାହା ପ୍ରସାରିତ ହେଲେ, ନତୁବା ସେହି କାଳରେ ଆରମ୍ଭ ହେଲେ ହୃଦ୍‌ରୋଗ ବିପତ୍ତି ଅନେକ ପରିମାଣରେ ବଢ଼ିଯାଏ।

୧୯୬୦-୧୯୬୮ ମସିହା ମଧ୍ୟରେ ଜନ୍ମିତ ୧, ୦୩, ୦୦୦ ଲୋକଙ୍କ ଉପରେ ହୋଇଥିବା ଏ ସମ୍ପର୍କିତ ଏକ ଅଧ୍ୟୟନ ନିକଟରେ (ଡିସେମ୍ବର ୨୦୨୫) ପ୍ରକାଶ ପାଇଛି। 'ଜର୍ଣ୍ଣାଲ ଅଫ୍ ଆମେରିକାନ ମେଡିକାଲ ଆସୋସିଏସନ -



ପେଡ଼ିଆଟ୍ରିକ୍ସ' ପତ୍ରିକାରେ। ଏଥିରେ ସ୍ୱିଡେନରେ କିଛି ଗବେଷକ ବିଭିନ୍ନ ବିଦ୍ୟାଳୟମାନଙ୍କରେ ଥିବା ପୁରାତନ ରେକର୍ଡରୁ ତାଙ୍କ ଉଚ୍ଚତା ଓ ଶରୀରର ଓଜନ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ପରବର୍ତ୍ତୀ ଜୀବନରେ ତାହା କିପରି ହୃଦ୍‌ରୋଗ ସହିତ ସମ୍ପୃକ୍ତ ହୋଇଛି, ତାହା ନିର୍ଦ୍ଧାରଣ କରିଛନ୍ତି। ଏଥିରୁ ଜଣାପଡ଼ିଛି ଯେ, ଉଭୟ ଶୈଶବ ଏବଂ ଆଦ୍ୟ ଯୌବନ କାଳରେ ପୃଥୁଳକାୟ ହେବା ହୃଦ୍‌ରୋଗ ବିପତ୍ତି ଆଶଙ୍କାକୁ ତ୍ୱରାନ୍ୱିତ କରିଥାଏ। ତେବେ ଶୈଶବରୁ ତାହା ଅଧିକ ବୟସ ପର୍ଯ୍ୟନ୍ତ ପ୍ରସାରିତ ହେଲେ କିମ୍ବା ଆଦ୍ୟ ଯୌବନରେ ଆରମ୍ଭ ହେଲେ ଏ ଆଶଙ୍କା ଅଧିକ ହୋଇଥାଏ। ବିଶେଷକରି ଆଦ୍ୟ ଯୌବନରେ ପୃଥୁଳତାର ପ୍ରଭାବ ସର୍ବାଧିକ। ଏଣୁ ବର୍ତ୍ତମାନ କାଳରେ ସୁଷମ ଖାଦ୍ୟ ଓ ଶାରୀରିକ ଶ୍ରମ ମାଧ୍ୟମରେ ଏହାକୁ ନିୟନ୍ତ୍ରଣ କରିବା ଉପରେ ଗବେଷକମାନେ ଗୁରୁତ୍ୱ ଆରୋପ କରିଛନ୍ତି।

ଏହି ଗବେଷକମାନଙ୍କ ମଧ୍ୟରୁ ଅନ୍ୟତମ ହେଲେ ପ୍ରଫେସର ତଥା ବରିଷ୍ଠ ସ୍ୱାସ୍ଥ୍ୟ ବିଜ୍ଞାନୀ କ୍ଲାଏସ ଓହେସନ୍। ସେ କହନ୍ତି ଯେ, ଯୌବନର ପ୍ରାରମ୍ଭରେ ପୃଥୁଳତା କାହିଁକି ହୃଦ୍‌ରୋଗର ଆଶଙ୍କାକୁ ସର୍ବାଧିକ ବୃଦ୍ଧି କରେ ତାହା ଆଜି ଯାଏଁ ସମ୍ପୂର୍ଣ୍ଣ ରୂପେ ବ୍ୟାଖ୍ୟା କରିବା ସମ୍ଭବ ହୋଇପାରିନାହିଁ। ତେବେ ସମ୍ଭବତଃ ଏ ବୟସରେ କ୍ଷରିତ ହେଉଥିବା ମାତ୍ରାଧିକ ଯୌନ ହର୍ମୋନର ଏଥିରେ ଭୂମିକା ରହିଛି। ତାଙ୍କ ମତରେ ଏହା ଶରୀର ମଧ୍ୟରେ କୋଲେଷ୍ଟରଲର ବୃଦ୍ଧି ଘଟାଏ। ତେବେ ବର୍ତ୍ତମାନ ସୁଦ୍ଧା ଏହି ପ୍ରକ୍ରିୟାର କ୍ରିୟାବିଧି ନିର୍ଦ୍ଧାରିତ ହୋଇପାରିନାହିଁ। ତାହା କରିବା ପାଇଁ ସେ ଏବଂ ତାଙ୍କ ସହଯୋଗୀମାନେ ଗବେଷଣା ଚଳାଇଛନ୍ତି।

ସେମାନଙ୍କ ମତରେ ଏହି ଅଧ୍ୟୟନର ଫଳାଫଳ ପୃଥୁଳତାର ଚିକିତ୍ସା ମାଧ୍ୟମରେ ହୃଦ୍‌ରୋଗର ଆଶଙ୍କା ହ୍ରାସ ଦିଗରେ ନୂତନ ପଥ ଉନ୍ମୁକ୍ତ କରିବ। ବାଲ୍ୟକାଳଠାରୁ ଆରମ୍ଭ କରି ଆଦ୍ୟ ଯୌବନ ପର୍ଯ୍ୟନ୍ତ ସବୁ ସମୟରେ ଏହାର ନିରାକରଣ ଏହାଦ୍ୱାରା ସମ୍ଭବ ହୋଇପାରିବ। ଅତଏବ ହ୍ରାସ ପାଇବ ତଦ୍‌ଜନିତ ହୃଦ୍‌ରୋଗର ଆଶଙ୍କା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ହାତୀଛୁଆ ଶବକୁ ଖାଇଗଲା କଲରାପତରିଆ!

ଭଞ୍ଜନଗର, ୮।୬(ସମିସ): ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ତାରସିଂ ରେଞ୍ଜ ଗାୟଗଣ୍ଡା ସେକ୍ସନ ପାଇଛାଲିଆ ସଂରକ୍ଷିତ ଜଙ୍ଗଲରୁ ଆଜି ବନ ବିଭାଗ ଏକ ହାତୀଛୁଆର କଙ୍କାଳ ଜବତ କରିଛି। ପାଖାପାଖି ୫ ବର୍ଷର ଏହି ମାଈ ହାତୀ ଛୁଆର ମୃତ୍ୟୁ ପ୍ରାୟ ୨ମାସ ତଳୁ ଘଟିଥିବା ଅନୁମାନ କରାଯାଉଛି।

■ ପାଇଛାଲିଆ ଜଙ୍ଗଲରୁ ହାତୀ କଙ୍କାଳ ଜବତ
■ ତାରାସିଂ ରେଞ୍ଜରେ ୩ ମାସରେ ମଲେଣି ୩ ହାତୀ

ପ୍ରାଣୀ ବିଶେଷଜ୍ଞମାନେ ହାତୀର କଙ୍କାଳକୁ ଯାଞ୍ଚ କରି ଅଧିକ ପରୀକ୍ଷା ପାଇଁ ହାଡ଼, ଚମଡ଼ା, ଦାନ୍ତକୁ ଭୁବନେଶର ଓୟୁଏଟି ଲାବୋରେଟୋରିକୁ ପଠାଇଛନ୍ତି। ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ତାରାସିଂ ରେଞ୍ଜର ପ୍ରଶାନ୍ତ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରିଥିଲେ। ତେବେ କେଉଁ କାରଣରୁ ହାତୀଟିର ମୃତ୍ୟୁ ହୋଇଛି, ତାହା ଜଣାପଡ଼ିନାହିଁ। ଅପରପକ୍ଷେ, ହାତୀର ମାଂସ ଓ ଚମଡ଼ାକୁ ଏକ କଲରାପତରିଆ ବାଘ ଖାଇଥିବା ସନ୍ଦେହ କରାଯାଉଛି। ବନ



କର୍ମଚାରୀମାନେ ଘଟଣାସ୍ଥଳରେ ବାଘର ଏକାଧିକ ପାଦଚିହ୍ନ ଠାବ କରିଥିବାରୁ ଏପରି କୁହାଯାଉଛି। କିନ୍ତୁ, ହାତୀଟି କେଉଁ ପରିସ୍ଥିତିରେ ମୃତ୍ୟୁବରଣ କରିଛି, ତାହା ସ୍ପଷ୍ଟ ହୋଇପାରିନାହିଁ। ଗତକାଲି ଜଣେ ଛେଳିଚରାଳି ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ଛୁଆ ହାତୀର କଙ୍କାଳ ଦେଖିବାକୁ ପାଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ସୋମବାର ବନ ବିଭାଗ ଅଧିକାରୀ ଏବଂ ଡାକ୍ତର ଟିମ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ସୂଚନାଯୋଗ୍ୟ, ଏହି ରେଞ୍ଜର ଗାୟଗଣ୍ଡା ନିକଟରେ ଗତ ମାସ ୧୦ ତାରିଖରେ ଗୋଟିଏ ୧୧ ବର୍ଷର ଅଣ୍ଡିରା ହାତୀ ଅସୁସ୍ଥ ହୋଇ ପ୍ରାଣ ହରାଇଥିଲା। ସେହିପରି ଗତ ମାର୍ଚ୍ଚ ମାସ ୧୦ ତାରିଖରେ ଗାୟଗଣ୍ଡା ନିକଟସ୍ଥ ଭୋଗରା ଜଙ୍ଗଲରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ଆଜି ଆଉ ଏକ ହାତୀ ଛୁଆର କଙ୍କାଳ ପାଇଛାଲିଆ ଜଙ୍ଗଲରୁ ମିଳିଛି। ଗୋଟିଏ ରେଞ୍ଜରେ ୩ ମାସରେ ୩ଟି ହାତୀଙ୍କ ମୃତ୍ୟୁ ଘଟଣା ବନ୍ୟପ୍ରାଣୀପ୍ରେମୀଙ୍କ ଚିନ୍ତା ବଢ଼ାଇଛି।

# ସହକାରୀ ରାଜସ୍ୱ ନିରୀକ୍ଷକ ନିଲମ୍ବିତ

ସମ୍ବଲପୁର, ୮।୬ (ସମିସ): ସମ୍ବଲପୁର ସଦର ତହସିଲ ଅନ୍ତର୍ଗତ ସଦର-୪ ରାଜସ୍ୱ ନିରୀକ୍ଷକ ମଣ୍ଡଳର ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ) ସୁରେନ୍ଦ୍ର ସାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଓଡ଼ିଶା ସିଭିଲ ସର୍ଭିସେସ (କ୍ଲାସିଫିକେସନ, କଣ୍ଟ୍ରୋଲ ଆଣ୍ଡ ଅପିଲ) ରୁଲ୍ସ, ୧୯୬୨ର ଧାରା ୧୨(୧)(କ) ଅନୁଯାୟୀ ସମ୍ବଲପୁର ଜିଲ୍ଲାପାଳ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସୁରେନ୍ଦ୍ର ସାଙ୍କ ବିରୋଧରେ ଏକ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଚାର ଚାଲିଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି।

# ଜୁଆ ଆଡ୍ଡାରୁ ୨୮.୪ ଲକ୍ଷ ନଗଦ ଜବତ

ରାଉରକେଲା, ୮।୬ (ସମିସ): ସେକ୍ଟର-୧୫ ଥାନା ଅନ୍ତର୍ଗତ ଲୁଆକେରାରେ ଚାଲିଥିବା ଏକ ବଡ଼ଧରଣର ଜୁଆ ଆଡ଼ାରେ ଚଢ଼ଉ କରି ପୁଲିସ ୨ ଜୁଆଡ଼ିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୮ ଲକ୍ଷ ୩୯ ହଜାର ୪୦୦ ଟଙ୍କା ଜବତ କରିଛି। ଗିରଫ ଜୁଆଡ଼ିଦ୍ୱୟ

■ ୨ ଜୁଆଡ଼ି ଗିରଫ; ୪୦୫ ଗ୍ରାମ୍ ସୁନା, ୩ଟି କାର, ୫ ବାଇକ୍ ଜବତ

ହେଲେ, ସେକ୍ଟର-୧୫ ଥାନା ଅନ୍ତର୍ଗତ ଲୁଆକେରା ଗାଁର ବାହାନ କଂସାରୀ(୪୮) ଏବଂ ଦିଲୀପ କଂସାରୀ(୫୯)।

ଏନେଇ ରାଉରକେଲା ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ ଲୁଆକେରା ଗାଁରେ ଏକ ଅନ୍ତଃରାଜ୍ୟ ବଡ଼ଧରଣର ସଂଗଠିତ ଜୁଆ ଆଡ଼ା ଚାଲିଥିବା ନେଇ ସୂଚନା ମିଳିବା ପରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ



ସୋମବାର ପୁଲିସର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ଉ କରିଥିଲା। ଚଢ଼ଉ ବେଳେ ପୁଲିସ ଲୁଆକେରା ଗାଁର ବାହାନ କଂସାର ଏବଂ ଦିଲୀପ କଂସାରୀଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରୁ ୨୭ଲକ୍ଷ ୩୯ହଜାର ୪ଶହ ଟଙ୍କା ନଗଦ ଜବତ କରିଥିଲା। ଏହାସହ ଚଢ଼ଉକାରୀ ଦଳ ଜୁଆଡ଼ିମାନଙ୍କର ୩ଟି ଦାମୀ କାର, ୪ଟି ବାଇକ୍, ଏକ ଟଙ୍କା ଗଣା ମେସିନ, ୪ଟି ମୋବାଇଲ ଫୋନ୍, ଜୁଆ ଖେଳରେ ବ୍ୟବହୃତ ୬୮ଟି ଡାଏସ୍, ୪ଟି ବାଉଁଶ ବାସ୍କେଟକୁ ଜବତ କରିଥିଲା। ହଠାତ୍ ପୁଲିସର ଚଢ଼ଉ ଦେଖି କିଛି ଜୁଆଡ଼ି ଖସିପଳାଇଥିଲେ। ଏନେଇ ସେକ୍ଟର-୧୫ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଛି। ଗିରଫଦ୍ୱୟଙ୍କ ନାମରେ ବନ୍ଧମୁଣ୍ଡା ଓ ବିଶ୍ରା ଥାନାରେ ପୂର୍ବରୁ ଜୁଆ ଖେଳ ସଂଗଠିତ କରିବା ଅଭିଯୋଗରେ ମାମଲା ରହିଛି।

## ଅବଶିଷ୍ଟାଂଶ

### ୭.୮ ତୀବ୍ରତା ଭୂକମ୍ପରେ...

ବିମାନବନ୍ଦର ନିକଟରେ ଥିବା ଅନେକ କୋଠା ଭାଙ୍ଗି ପଡ଼ିଛି। ଭୂକମ୍ପର ତୀବ୍ରତା ଏତେ ଭୟଙ୍କର ଥିଲା ଯେ ଡାଭାଓ ସହରାରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ଯୋଗୁଁ ହଠାତ୍ ଅନ୍ଧକାର ହୋଇଯାଇଥିଲା।

ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜ ଜୀବନ ବଞ୍ଚାଇବା ପାଇଁ ଶ୍ରେଣୀଗୃହରୁ ଖୋଲା ପଡ଼ିଆ ଆଡ଼କୁ ଦୌଡ଼ୁଥିବାର ଦୃଶ୍ୟ ସାମନାକୁ ଆସିଛି। ଭୂକମ୍ପ ଯୋଗୁଁ ସମୁଦ୍ର ମଧ୍ୟରେ ବଡ଼ ବଡ଼ ଜୁଆର ସୃଷ୍ଟି ହୋଇଛି। ଉପକୂଳବର୍ତ୍ତୀ ଅଞ୍ଚଳର ରାସ୍ତାଘାଟ ଏବଂ ଜନବସତି ମଧ୍ୟକୁ ସମୁଦ୍ରର ଲୁଣି ପାଣି ମାଡ଼ିଆସିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ସ୍ଥାନୀୟ ବାସିନ୍ଦାଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ଫିଲିପାଇନ୍ସ, ଇଣ୍ଡୋନେସିଆ ଏବଂ ଆମେରିକାର ଭୂକମ୍ପ ଏବଂ ସୁନାମି ନିରୀକ୍ଷଣ ସଂସ୍ଥାଗୁଡ଼ିକ ପକ୍ଷରୁ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳ ପାଇଁ ଜରୁରୀକାଳୀନ ସତର୍କ ସୂଚନା ଜାରି କରାଯାଇଛି। ସମୁଦ୍ରରେ ଏକରୁ ତିନି ମିଟର ଉଚ୍ଚତାର ସୁନାମି ତରଙ୍ଗ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ପ୍ରଶାସନ ପକ୍ଷରୁ ସମସ୍ତ ଉପକୂଳବାସୀଙ୍କୁ ନିରାପଦ ଏବଂ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଉଦ୍ଧାରକାରୀ ଦଳ ପ୍ରଭାବିତ ଅଞ୍ଚଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ ସହ ସହାୟତା କାର୍ଯ୍ୟ ଜାରି ରଖିଛନ୍ତି।

### ମମତାଙ୍କୁ ଛାଡ଼ିଲେ...

ହୋଇ ତାଙ୍କ ସହିତ ଆଲୋଚନା କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୪ ଜଣ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡ଼ିଛି। ତେବେ ଏହି ବୈଠକ କିମ୍ବା ସାକ୍ଷାତ ଆଲୋଚନା ବେଳେ କଲ୍ୟାଣ ବାନାର୍ଜୀ, ସୌଗତ ରାୟ, ସାୟୋନି ଘୋଷ କିମ୍ବା ମହୁଆ ମୈତ୍ର ଉପସ୍ଥିତ ନଥିବା କୁହାଯାଉଛି।

ସୂଚନାଯୋଗ୍ୟ ଯେ ଲୋକସଭାରେ ଟିଏମ୍‌ସିର ୨୮ ଜଣ ସାଂସଦ ଥିବା ବେଳେ ରାଜ୍ୟସଭାରେ ୧୩ ଜଣ ସାଂସଦ ଅଛନ୍ତି। ଲୋକସଭାରେ ସଂସଦୀୟ ଦଳରେ ବିଭାଜନ ପାଇଁ ଦୁଇ ତୃତୀୟାଂଶ ସଭ୍ୟ (୧୯) ଆବଶ୍ୟକ ଥିବା ବେଳେ ୨୦ ଜଣ ସଭ୍ୟ ବିଦ୍ରୋହ କରିଛନ୍ତି। ତେଣୁ ସେମାନଙ୍କ ପ୍ରତି ଦଳବଦଳ ବିରୋଧୀ ଆଇନ ଲାଗୁ ହେବ ନାହିଁ। ସେହିଭଳି ରାଜ୍ୟସଭାରେ ମଧ୍ୟ ବିଦ୍ରୋହ ପାଇଁ ଯୋଜନା ଚାଲିଛି। ଦଳର ବରିଷ୍ଠ ସାଂସଦ ତଥା ରାଜ୍ୟସଭାର ମୁଖ୍ୟ ସଚେତକ ସୁଖେନ୍ଦୁ ଶେଖର ରାୟ ଆଜି ଉଭୟ ଟିଏମସିରୁ ଏବଂ ସାଂସଦ ପଦରୁ ଇସ୍ତଫା ଦେଇଛନ୍ତି। ଫଳରେ ରାଜ୍ୟସଭାରେ ଏବେ ଟିଏମସି ସାଂସଦ ସଂଖ୍ୟା ୧୨କୁ ହ୍ରାସ ପାଇଛି। ରାଜ୍ୟସଭାରେ ମଧ୍ୟ ୫ ଜଣ ସାଂସଦ ସୁଖେନ୍ଦୁଙ୍କୁ ସମର୍ଥନ କରୁଥିବା ଜଣାପଡ଼ିଛି। ସୁଖେନ୍ଦୁ ଶେଖର ରାୟ ଦଳୀୟ ମୁଖ୍ୟ ମମତା ବାନାର୍ଜୀଙ୍କ ନିକଟକୁ ପଠାଇଥିବା ଇସ୍ତଫା ପତ୍ରରେ ରାଜ୍ୟର ଶାସନ ବ୍ୟବସ୍ଥାକୁ ତୀବ୍ର ସମାଲୋଚନା କରିଛନ୍ତି। ପଶ୍ଚିମବଙ୍ଗରେ ବ୍ୟାପକ ଦୁର୍ନୀତି, ନାରୀ ନିର୍ଯାତନା, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିର ସମ୍ପୂର୍ଣ୍ଣ ବିପର୍ଯ୍ୟୟ ଯୋଗୁଁ ଜନସାଧାରଣ ତୃଣମୂଳ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। ଏଥିସହ ସେ ଭାରତୀୟ ଜନତା ପାର୍ଟିର ସଫଳତା ଓ ବିକାଶମୂଳକ କାର୍ଯ୍ୟସୂଚୀକୁ ପ୍ରଶଂସା କରିଛନ୍ତି।

ଇତିମଧ୍ୟରେ ଟିଏମ୍‌ସିର ଲୋକସଭା ସାଂସଦ କିର୍ତି ଆଜାଦ କହିଛନ୍ତି ଯେ ଗତକାଲି ବିଜେପି ନେତା ଭୂପେନ୍ଦରଙ୍କ ଘରେ ଦଳର ୨୦ ଜଣ ସାଂସଦ ଉପସ୍ଥିତ ଥିଲେ ବୋଲି ଯାହା ପ୍ରଚାର କରାଯାଉଛି ସେଥିରେ ସତ୍ୟତା ନାହିଁ। ଏଥିରେ ଲୋକସଭାର ୧୨ ଏବଂ ରାଜ୍ୟସଭାର ଜଣେ ମାତ୍ର ସାଂସଦ ଥିଲେ। ବହୁସଂଖ୍ୟାରେ ସାଂସଦ ଟିଏମସି ଛାଡୁଛନ୍ତି ବୋଲି ବିଦ୍ରୋହୀମାନେ ମିଥ୍ୟା ପ୍ରଚାର କରୁଛନ୍ତି। ଏହାପଛରେ ବିଜେପିର ଷଡ଼ଯନ୍ତ୍ର ରହିଥିବା ସେ ଅଭିଯୋଗ କରିଛନ୍ତି। ସେହିଭଳି ମହୁଆ ମୈତ୍ର ଅନ୍ୟତମ ସାଂସଦ ୟୁସୁଫ ପଠାନଙ୍କୁ ମଧ୍ୟ ସମାଲୋଚନା କରି କହିଛନ୍ତି ଯେ ସେ ବିଜେପି କଥାରେ ପରିଚାଳିତ ହେଉଛନ୍ତି।

ସୂଚନାଯୋଗ୍ୟ ଯେ ଗତ ସପ୍ତାହ ରାଜ୍ୟରେ ଟିଏମ୍‌ସି ବିଧାୟକ ଦଳ ଦୁଇ ଫାଳ ହୋଇଯାଇଥିଲା। ଦଳର ୮୦ ବିଧାୟକଙ୍କ ମଧ୍ୟରୁ ୫୮ ଜଣ ମମତାଙ୍କ ବିରୋଧରେ ବିଦ୍ରୋହ କରି ଅଲଗା ଗୋଷ୍ଠୀ ଗଠନ କରିଛନ୍ତି। ପ୍ରଥମ ଥର ବିଧାୟକ ନିର୍ବାଚିତ ହୋଇଥିବା ରତବ୍ରତ ବାନାର୍ଜୀ ଏହି ବିଦ୍ରୋହର ନେତୃତ୍ୱ ନେଇଥିଲେ ଏବଂ ତାଙ୍କୁ ବିରୋଧୀ ଦଳ ନେତାର ମାନ୍ୟତା ମଧ୍ୟ ମିଳିସାରିଛି।

### ଶୋଇଥିବା ମା'-ଝିଅଙ୍କୁ...

ଥାନାଧିକାରୀ ପ୍ରବୀର କେଶରୀ ତ୍ରିପାଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଆଜି ସକାଳେ ଏହି ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ତଦନ୍ତ କରିଥିଲେ। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ଭାରପ୍ରାପ୍ତ ସଦର ଏସ୍‌ଡିପିଓ ଯୋଗେଶ ପଣ୍ଡା ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକଙ୍କ ସୂଚନା ଅନୁଯାୟୀ, ରାତିରେ ୧୧୨କୁ ପଡ଼ୋଶୀ ଅଜୟ ପଧାନ ଫୋନ କରି ଖବର ଦେଇଥିଲେ। ପ୍ରାଥମିକ ତଦନ୍ତରୁ ସେ ହତ୍ୟା କରିଥିବା ଅନୁମାନ କରି ତାଙ୍କୁ ଅଟକ ରଖାଯାଇଥିଲା। ଅପରପକ୍ଷେ, ଆଜି ବୁର୍ଲା ଭିମସାରରେ ମା'-ଝିଅଙ୍କ ବ୍ୟବଚ୍ଛେଦ ପରେ ଶବଦ୍ୱୟକୁ ପରିବାରକୁ ହସ୍ତାନ୍ତର କରାଯାଇଛି।

### ଆଉ ୯ ନୁହେଁ...

ଏଲପିଜି ଉପରେ ବଢୁଥିବା ସରକାରୀ ବ୍ୟୟ ଓ ଆନ୍ତର୍ଜାତିକ ବଜାରରେ ଉଚ୍ଚ ଇନ୍ଧନ ମୂଲ୍ୟ ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉଜ୍ଜ୍ୱଳା ଯୋଜନା ୨୦୧୬ ମସିହାରେ ଆରମ୍ଭ ହୋଇଥିଲା। ଏହା ମାଧ୍ୟମରେ ୧୦ କୋଟିରୁ ଉର୍ଦ୍ଧ୍ୱ ପରିବାରଙ୍କୁ ଏଲପିଜି ସଂଯୋଗ ପ୍ରଦାନ କରାଯାଇଛି।

### ଆତିଥ୍ୟ ଭିତ୍ତିଭୂମି...

ସାମିଲ କରାଯିବ। ଏହି ଯୋଜନା ୨୦୨୬-୨୭ରୁ ୨୦୩୦-୩୧ ଆର୍ଥିକ ବର୍ଷ ମୋଟ ୫ ବର୍ଷ କାର୍ଯ୍ୟକାରୀ ହେବ। ବାର୍ଷିକ ୩୦୦ କୋଟି ଲେଖାଏଁ ମୋଟ ୧୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ଯୋଜନା ଦ୍ୱାରା ହୋଟେଲ, ରିସର୍ଟ, ୱେଲ୍‌ନେସ ସେଣ୍ଟର, ଇକୋ-ଟୁରିଜିମ ପ୍ରକଳ୍ପ, ସମ୍ମିଳନୀ କକ୍ଷ ଏବଂ ଅନ୍ୟାନ୍ୟ ପର୍ଯ୍ୟଟନ ଭିତ୍ତିଭୂମିରେ ନିବେଶ ସୁଯୋଗ ସୃଷ୍ଟି ହେବ ବୋଲି ସରକାର ଆଶା ରଖିଛନ୍ତି। ସେହିପରି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିନରେ ଜଳତଟ ବିକାଶ ଯୋଜନାକୁ ଅନୁମୋଦନ ଦେଇଛି ରାଜ୍ୟ କ୍ୟାବିନେଟ। ଏହି ଯୋଜନା ପାଇଁ ମୋଟ ୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ।

ବିଭାଗର ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ, ଦୟା ଓ ଗଙ୍ଗୁଆ ନାଳର ସଂଗମ ସ୍ଥଳରେ ବର୍ଜ୍ୟ ଜଳ ବିଶୋଧନ କେନ୍ଦ୍ର ନିର୍ମାଣ ସହ ଇଞ୍ଜିନିୟରିଂ, କ୍ରୟ ଏବଂ ନିର୍ମାଣ(ଇପିସି) ଚୁକ୍ତିନାମା ଅନ୍ତର୍ଗତ ୫ ବର୍ଷ ପାଇଁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପ୍ରକଳ୍ପ ଟେଣ୍ଡର ପ୍ରକ୍ରିୟାର ଫଳାଫଳକୁ କ୍ୟାବିନେଟ ଅନୁମୋଦନ ଦେଇଛି। ଏଥିପାଇଁ ୧୦୦ କୋଟି ୮୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପ କାର୍ଯ୍ୟ ଏସ୍ ଏସ୍ ଇଷ୍ଟ ଇଣ୍ଡିଆ ଉଦ୍ୟୋଗ ଲିମିଟେଡ କାର୍ଯ୍ୟାନ୍ୱୟନ କରିବାକୁ ଥିବାବେଳେ ଏହା ୨୦୨୮ ମେ ୩୧ ତାରିଖ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ବିଡିଏ ଅଧୀନସ୍ଥ ଟାଉନ ପ୍ଲାନିଂ (ଟିପି ୧, ୨ ଏବଂ ୩) ପାଇଁ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟାନ୍ୱୟନ ହେବ। ଏହାସହ ଇଞ୍ଜିନିୟରିଂ, କ୍ରୟ ଏବଂ ନିର୍ମାଣ ଚୁକ୍ତିନାମା ଅନ୍ତର୍ଗତ ୫ ବର୍ଷିଆ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ବିଡିଂ ପ୍ରକ୍ରିୟାର ଫଳାଫଳକୁ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏଥିପାଇଁ ମୋଟ ୧୧୨ କୋଟି ୩୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଆସନ୍ତା ୨୦୨୮ ମସିହା ସୁଦ୍ଧା ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି। ବିଭାଗର ଚତୁର୍ଥ ପ୍ରସ୍ତାବ ଯଥା ପିଏମ୍ ଆବାସ(ସହର) ଅଧୀନରେ ଆର୍ଥିକ ଦୁର୍ବଳ ବର୍ଗ(ଇଡବ୍ଲ୍ୟୁଏସ୍) ହିତାଧିକାରୀଙ୍କ ଷ୍ଟାମ୍ପ ଡ୍ୟୁଟି ଓ ପଞ୍ଜୀକରଣ ବା ନିବନ୍ଧନ ଶୁଳ୍କ ଛାଡ଼କୁ ଅନୁମୋଦନ ମିଳିଛି। ଅନୁମୋଦନ ଅନୁଯାୟୀ ଶସ୍ତା ଆବାସ ଉପରେ ଲାଗୁ ହେଉଥିବା ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଶୁଳ୍କକୁ ୧ ପ୍ରତିଶତରୁ କମ୍ କରି ୦.୬ ପ୍ରତିଶତ ରୁ ୦.୭ ପ୍ରତିଶତ ପର୍ଯ୍ୟନ୍ତ ରଖାଯିବ।

ସେହିପରି ଜଳସମ୍ପଦ ବିଭାଗର ଅନୁମୋଦିତ ପ୍ରସ୍ତାବ ଅନୁଯାୟୀ, ସମ୍ବଲପୁରରେ ମହାନଦୀ ଉପରେ ଅବସ୍ଥିତ ଅଯୋଧ୍ୟାସାଗର ୱେୟାର୍‌ର ନିମ୍ନ ଭାଗରେ ଏକ ଆନ୍ତଃନଦୀ ଜଳାଶୟ(ଆଇଏସ୍‌ଏସ୍) ନିର୍ମାଣ କରାଯିବ। ପ୍ରସ୍ତାବିତ ପ୍ରକଳ୍ପରେ ଏକ ବ୍ରିଜ-କମ୍-ବ୍ୟାରେଜ ପ୍ରକଳ୍ପ ସହ ଆନୁଷଙ୍ଗିକ କାର୍ଯ୍ୟ କରାଯିବାର ଯୋଜନା ରହିଛି। ପ୍ରକଳ୍ପର ନିର୍ମାଣ ତଥା ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ମୋଟ ୪୪୦ କୋଟି ୩୩ ଲକ୍ଷ ୯୧୪୭୦ କୋଟିର ଟେଣ୍ଡରକୁ ଅମୁମୋଦନ ମିଳିଛି। ପ୍ରକଳ୍ପଟି ୩୦ ମାସ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବିଭାଗର ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ ନୟାଗଡ଼ ଜିଲ୍ଲାର ବୃତଙ୍ଗ ଜଳସେଚନ ପ୍ରକଳ୍ପର ସ୍ପିଲ୍ ୱେ ନିର୍ମାଣକୁ ଅନୁମୋଦନ ଦେଇଛି ରାଜ୍ୟ କ୍ୟାବିନେଟ। ଏଥିପାଇଁ ମୋଟ ୧୯୪ କୋଟି ୭ ଲକ୍ଷ ୨୮୮୭୦ ଟଙ୍କା ଖର୍ଚ୍ଚ ହେବ। ୩୦ ମାସ ମଧ୍ୟରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାଦ୍ୱାରା ଜିଲ୍ଲାର ୨୩୩୦୦ ହେକ୍ଟର ଚାଷଜମିରେ ଜଳସେଚନ କ୍ଷମତା ସୃଷ୍ଟି ହେବ।

ସେହିପରି ଶିଳ୍ପ ବିଭାଗ ଅଧୀନରେ ଖୋର୍ଦ୍ଧା କାଲିବେଟି ଶିଳ୍ପାଞ୍ଚଳରେ ମହିଳା ଶ୍ରମଜୀବୀ ହଷ୍ଟେଲ ବିକାଶ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟାକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏହି ଶ୍ରମିକ ହଷ୍ଟେଲ ୪୦୦୦ ମହିଳା କର୍ମଚାରୀଙ୍କୁ ସେବା ଯୋଗାଇବ ଏବଂ ସୁରକ୍ଷା, ଉତ୍ପାଦକତା ପରିବେଶ, ୟୁନିଟ ପିଛା ଖର୍ଚ୍ଚ ସଞ୍ଚୟ ଏବଂ କର୍ମସ୍ଥଳୀକୁ କମ୍ ଯାତ୍ରା ସମୟ ସୁନିଶ୍ଚିତ କରିବ। ଏଥିପାଇଁ ୨୧୦.୩୬ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୨୪ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।


OFFICE OF SUPERINTENDING ENGINEER
MINOR IRRIGATION DIVISION, MALKANGIRI
32001/350/2627
Letter No. 1042 /MI.MKG, Date 05.06.2026
**1st Corrigendum of Tender**
**Corrigendum to Tender Call Notice No. SEMIDMKG-03/26-27, dated 27.05.2026 (Online)**
In partial modification of the Tender Call Notice No. **SEMIDMKG-03/26-27**, dated **27.05.2026**, the following correction may please be noted and treated as part of the original tender documents:
i) For **Sl. No. 4** of the tender notice, the class of contractor has been inadvertently mentioned as **"C" & "B" Class**. It shall be read as **"B" Class only**.
All other terms and conditions of the Tender Call Notice No. **SEMIDMKG-03/26-27**, dated **27.05.2026 (Online)** shall remain unchanged.
Any addendum/corrigendum/cancellation of tender can be seen in the website: www.tendersodisha.gov.in
Superintending Engineer
M.I. Division, Malkangiri
OIPR-32001/32556/1/26-27/0004

GOVERNMENT OF ODISHA 25001/362/2627
OFFICE OF THE SUPERINTENDING ENGINEER,
KALAHANDI RWS&S DIVISION, BHAWANIPATNA
e-mail: eerwsskld@gmail.com, eerwss_kld@nic.in
Phone No: 06670-230784
INVITATION OF BID THROUGH e-TENDERING
Bid Identification No- 12/SE/RWSS/2026-27/Bpt Dated.04.06.2026
01. Name of the Work: As per ANNEXURE - A

| Procurement Officer | Bid Identification No | Availability of Tender Online for Bidding (Office Hour Only) From | To | Date of Opening (Technical Bid) |
|---|---|---|---|---|
| Superintending Engineer, Kalahandi RWS&S Division, Bhawanipatna | 12/SE/RWSS/2026-27/Bpt Dated-04.06.2026 | 12.06.2026, 10.00 AM | 29.06.2026, 05.30 PM | 30.06.2026, 10.00 AM onwards |

**Cost of tender paper to be made online payment system.**
Further details can be seen from the e-procurement portal http://tenderodisha.gov.in.
The original documents should be scanned and uploaded.
Superintending Engineer,
Kalahandi RWS&S Division,
Bhawanipatna
OIPR-25001/25005/1/26-27/0004

GOVERNMENT OF ODISHA 34001/318/2627
OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE
e-Procurement Notice
Bid Identification No. S.E (R&B)-05/2026-27/JYP(K)
No. 3637 Date: 06.06.2026
Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.
1. **Name of the Work:** Road & Building Works as mentioned in DTCN.
2. **No. of Works:** 4 Nos.
3. **Estimated Cost:** Rs. 17.04 lakh to Rs. 25.61 lakh.
4. **Period of Completion:** 1 (One) to 12 (Twelve) Months.
5. **Date & Time of Bidding:** From 11:00 Hrs. of 11.06.2026 up to 17:00 Hrs. of 17.06.2026.
6. **Last Date & Time for Receipt of Bids in Portal:** 17:00 Hrs. of 17.06.2026.
7. **Opening of Bids:** 11:00 Hrs. of 18.06.2026.
8. **Name & Address of the Officer Inviting Bid:** Superintending Engineer, Jeypore (R&B) Division, Jeypore.
Further details can be seen from www.tendersodisha.gov.in.
Superintending Engineer
Jeypore (R&B) Division, Jeypore
OIPR-34001/34027/1/26-27/0005

GOVERNMENT OF ODISHA 25001/354/2627
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE
e-Procurement for Building works
Bid Identification No: EERWJYP – Online -03/2026-27
Letter No. 3026 Date: 04.06.2026
01. Name of the work :: Building works
02. Total Number of works :: 20 (Twenty) Nos.
03. Approximate Estimated cost :: Rs. 1.27 lakhs to Rs. 8.47 lakhs (approximately)
04. Class of Contractor : "D" Class & "C" Class
05. Period of Completion :: within 60 days
06. Other Details

| Procurement Officer | Bid Identification No. | Sl. No. of works in notice | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o E.E., R.W. Division, Jeypore. |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Jeypore | Online Tender/03/ RWD-JYP/2026-27 | 20 Nos. | 11.06.2026 at 10.00 A.M. | 20.06.2026 up to 5.00 P.M. | 19.06.2026 up to 1.30 P.M. | 22.06.2026 at 10.00 A.M. |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.
Executive Engineer,
Rural Works Division: Jeypore.
OIPR-25001/25160/1/26-27/0003

A.E.S. COLLEGE, TARBHA
At/Po- Tarbha, Dist- Subarnapur
WALK-IN-INTERVIEW
Interested eligible candidates are hereby advised to attend a Walk-in-Interview for selection of the following posts:
1. Lecturer in Physics (Guest Faculty) (PG Degree having 55%)
2. Lecturer in Education (Guest Faculty) (PG Degree having 55%)
3. Asst. Librarian (Contractual) (B.Lib Degree)
The Interview will be held in the Office of the **Principal, A.E.S. College, Tarbha, Dist-Subarnapur at 10.00 am on dt. 25.06.2026.**
The undersigned reserves the rights to accept or cancel any or all of the candidatures without assigning any reason thereof.
**N.B.: No TA/DA will be provided for the same.**
Principal-cum-Secretary,
G.B., A.E.S. College, Tarbha

AFFIDAVIT
I, Rama Parida, aged about 74 years, S/o- Uday Parida, resident of At- Narayan Nagar, Kodala, Dist- Ganjam, PIN- 761032, Odisha declared by this affidavit No. 2022, dtd- 06/06/2026 that now onwards I shall be known as **RAMA CHANDRA PARIDA** for all future purposes.

AFFIDAVIT
By virtue of an affidavit CF No.51 sworn before The Executive Magistrate, Bhubaneswar, dated: 08/06/2026, I, Pratima Samantaray, resident of Plot No.795/C, Jharapada, Near Bharati Bidya Mandira, Po-Budheswari, PS- Laxmisagar, Bhubaneswar, Dist-Khordha, PIN-751006, declare that I have changed the name of son from PRITI RANJAN SAMANTARAY to PREET RANJAN SAMANTARAY. Henceforth, he shall be known as **PREET RANJAN SAMANTARAY** for all purposes.

AFFIDAVIT
I, Subash Kumar Khuntia, aged about 63 years, S/o- Golak Bihari Khuntia, resident of At/Po- Gobara, Ps- Gurudijhatia, Dist-cuttack, Pin- 754028, Odisha do hereby declare by this affidavit No. 3486, dtd- 29/05/2026, that now onwards I shall be known as **SUBAS KUMAR KHUNTIA** for all future purposes.

AFFIDAVIT
I, Kangresa Nayak, aged about 42 years, S/o- Bhagirathi Nayak, resident of At/Po- Pudamari, Dist- Ganjam, PIN- 761014, Odisha declared by this affidavit No.367, dtd- 08/06/2025 that now onwards I shall be known as **KANGRESH NAYAK** for all future purposes.

AFFIDAVIT
By virtue of an affidavit sworn before Notary Public, Bhubaneswar, my actual name is **PRAMOD DAS** in Aadhaar Card, but in my Metlife Policy name has been mentioned as **PRAMOD BHOI**. Hence, I declare that **PRAMOD DAS & PRABOD BHOI** both are one and same person for all purposes.

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-284
କାର୍ଯ୍ୟର ନାମ : ମଣ୍ଡଳ ଯନ୍ତ୍ରୀ / ପୂର୍ବ ଏବଂ ମଣ୍ଡଳ ଯନ୍ତ୍ରୀ/କେନ୍ଦ୍ରୀୟ ପରିସୀମା ଅଧିନସ୍ଥ 7 ନନ୍-ଇଣ୍ଟରଲକ୍‌ଡ ଲେଭେଲ କ୍ରସିଙ୍ଗ ଫାଟକରେ ସଙ୍କେତ ଓ ଦୂରସଂଚାର ସର୍ଭିସ୍ ରୁମ୍‌ର ନିର୍ମାଣ ସମ୍ବନ୍ଧୀୟ ଇଲେକ୍ଟ୍ରିକାଲ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 22,52,032.41, EMD : ₹ 45,100/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 6 (ଛଅ) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.25.06.2026ରିଖ 1530 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିଅରଫାଇଲ୍ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-222/R/26-27

AFFIDAVIT
I RASHMITA PATRA, W/O ANIL KUMAR PATRA, resident of At- Gulipatna, PO/PS - Umarkote, Dist - Nabarangpur, Pin -764073, Odisha declare by this Affidavit No.2281, Dated - 08/06/2026, that now onwards I shall be known as JAMI RASMITA PATRA for all future purpose.

AFFIDAVIT
By virtue of an affidavit sworn before Executive Magistrate, Bhubaneswar, I JUHI SHANKER W/o Gautam Shanker, resident of Plot No-695/926, near Radhakrishna temple, BJB Nagar, Badagada, Bhubaneswar declare that my correct name is Juhi Shanker, which is reflected in my Aadhaar Card but before marriage my maiden name was Tillotama Mohanty, D/o Sudarsan Mohanty and consequent upon my marriage as per Hindu Rites and customs my name has been changed from Tillotama Mohanty D/o Sudarsan Mohanty to Juhi Shanker W/o Gautam Shanker. That my date of birth is 13.10.1975 as per my Aadhaar Card. That Tillotama Mohanty & Juhi Shanker is one and same person who is myself.

AFFIDAVIT
By virtue of an affidavit No.1658 sworn before Notary Public, Sambalpur Dtd.22.05.2026 I, Subhendu Kumar Purohit, S/o- Late Aswini Kumar Purohit, At- Shiv Vihar, Near Metakani Restaurant, Burla, PO- Jyoti Vihar, PS- Burla, Dist.- Sambalpur- 768019 declare that in some documents, my name mentioned as Subhendu Purohit instead of Subhendu Kumar Purohit which have mentioned in Aadhar No.509417093356. Both **Subhendu Kumar Purohit** and **Subhendu Purohit** is one and same person.

AFFIDAVIT
By virtue of an Affidavit resident before Notary Public, Malkangiri, I Deepa Mistry, aged about 21 Years, W/o.: Debabrata Mistry, D/o.: Parimal Paramanik, of village: M.P.V-22, PO.: Kangurukonda, P.S.: Kalimela, Dist.: Malkangiri, Odisha declare by this Affidavit No.: 844/2026, Dated: 12/05/2026, That I have changed my name from **Deepa Paramanik to Deepa Mistry.** Henceforth I shall be known as **Deepa Mistry** for all future purposes.

AFFIDAVIT
By virtue of an affidavit before the Executive Magistrate, Kalampur, Dist.- Kalahandi, dtd. 08.06.2026, I, Ghasiram Majhi, At-Matikhal, Po-Mingur, P.S.-Kalampur, Dist.-Kalahandi, hereby declare that I have changed my daughter's name from "Hrudayani Majhi" to "Hrudayini Majhi". Henceforth she shall be known as **Hrudayini Majhi** for all purposes.
**Sd/- Ghasiram Majhi**

AFFIDAVIT
By virtue of an affidavit sworn before the Executive Magistrate Kaptipada. Udala on Dated 03rd June 2026, I, Mrs Kandini Murmu, W/o-Ratha Murmu, Address At-Jatiadangar, Po-Dimagadia, Ps-Udala, Dist-Mayurbhanj, State-Odisha, Pin-757101, Odisha, have changed my name from "Kalini Murmu" to "Kandini Murmu". Henceforth, I shall be known as **"Kandini Murmu"** for all purposes.
**"Kandini Murmu"**

AFFIDAVIT
By virtue of an affidavit sworn before the Executive Magistrate, Kesinga, Kalahandi on dt.23/12/2025, I Mangal Sing, S/o-Sailandra Sing, Permanent Resident of At - Kesinga, word no 10, Po - Kesinga, Dist - Kalahandi, Odisha, PIN - 766012, Declared that I have Changed my name from Piter Kumar Kerketta to Mangal Sing. Henceforth, I shall be Known as **Mangal Sing** for all Purposes.
**Sd/- Mangal sing**

AFFIDAVIT
By virtue of an affidavit before the Notary Public, Bhadrak, dtd. 21.05.2026, I, Sunima Jena, formerly known as Sunia Jena At-Jayantara, P.O.-Sohada, P.S.-Dhamnagar, Dist.-Bhadrak, hereby declare that I have changed my name from Sunia Jena to Sunima Jena. Henceforth, I shall be known as **Sunima Jena** for all purposes.
**Sd/- Sunima Jena**

## ଦିବ୍ୟାଙ୍ଗ ଭତ୍ତାରୁ ବଞ୍ଚିତ ଚିତ୍ରସେନ

**ନୂଆଗାଁ, ୮ ।୬(ସମିସ):** ସାମାଜିକ ସୁରକ୍ଷା ଯୋଜନାରେ ସରକାର ଭିନ୍ନକ୍ଷମଙ୍କୁ ଭତ୍ତା ଦେବାକୁ ଘୋଷଣା କରିଥିଲା ବେଳେ ନୂଆଗାଁ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବ୍ଲକର ଆଦିବାସୀ ବହୁଳ କାସ୍ତାପଲ୍ଲୀ ପଞ୍ଚାୟତ ଯୋଡ଼ିକାବାରି ଗାଁର ଚିତ୍ରସେନ ପ୍ରଧାନ ୨୦୧୭ରେ ହଠାତ୍ ଦୃଷ୍ଟିଶକ୍ତି ହରାଇଥିଲେ। ପରିବାର ଲୋକେ ଚିକିତ୍ସା କରିବା ପରେ କୌଣସି ଉନ୍ନତି ହୋଇ ନ ଥିବାରୁ ସେହି ଦିନଠାରୁ ସେ ଘରେ ପଡ଼ି ରହିଛନ୍ତି। ସ୍ତ୍ରୀ ମୂଲମଜୁରି କଲେ ପରିବାର ଚଳେ। ନୂଆଗାଁ ବ୍ଲକରେ ଅନୁଷ୍ଠିତ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଦେଖାଇବା ପରେ ସେ ୬୦ ପ୍ରତିଶତ ଦୃଷ୍ଟିବାଧିତ ଜଣାପଡ଼ିଛି। ତେବେ ଅଦ୍ୟାବଧି ତାଙ୍କୁ ଭିନ୍ନକ୍ଷମ ଭତ୍ତା ମିଳୁନାହିଁ। ଭତ୍ତା ପାଇଁ ପଞ୍ଚାୟତ, ବ୍ଲକକୁ ଦୌଡ଼ି ଦୌଡ଼ି ହତାଶ ହୋଇ ପଡ଼ିଲେଣି ବୋଲି ଚିତ୍ରସେନ କହିଛନ୍ତି। ତୁରନ୍ତ ତାଙ୍କୁ ଭତ୍ତା ଯୋଗାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ମତାମତ ନେବାରେ ସେ ଦେଖୁଛି ବୋଲି କହିଛନ୍ତି।

## ନୟାଗଡ଼ ଜଗନ୍ନାଥ ମନ୍ଦିର ▶ ଉନ୍ନତୀକରଣରେ ବ୍ୟାପକ ଅନିୟମିତତା ଅଭିଯୋଗ

**ନୟାଗଡ଼, ୮ ।୬(ସମିସ)**



ନୟାଗଡ଼ ପୁରୁଣା ସହରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସୌନ୍ଦର୍ଯ୍ୟକରଣ ଓ ଉନ୍ନତୀକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ଜଗନ୍ନାଥ ମନ୍ଦିର ପରିଚାଳନାରେ ମଧ୍ୟ ବିଭ୍ରାଟ ହେଉଛି। ନୀତି ପରମ୍ପରାକୁ ପରିଛା ନିରାକ୍ଷେ କରିବା ପରିବର୍ତ୍ତେ କିଛି ବ୍ୟକ୍ତି ନିଜକୁ ପରିଛି ସେବାୟତ ଦର୍ଶାଇ ଏଥିରେ ହସ୍ତକ୍ଷେପ କରୁଛନ୍ତି। ଏ ନେଇ ଶ୍ରଦ୍ଧାଳୁ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ସୋମବାର ପୁରୁଣାସହରବାସୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ମନ୍ଦିର କ୍ରାଉନ ଷ୍ଟୋନ କାର୍ଯ୍ୟ ପାଇଁ ୧୪୬୭୩୩୦.୦୮ ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ଏହି ଟଙ୍କାରେ ମନ୍ଦିରରେ ହୋଇଥିବା କାର୍ଯ୍ୟ ଆଖିକୁ ଦେଖାଯାଉ ନାହିଁ। ଭଣ୍ଡାର ଗୃହ କାର୍ଯ୍ୟ ପାଇଁ ୭୬୦୦୬୭.୪୨ ଟଙ୍କା ଆସିଥିବା ବେଳେ ଏହି କାମ କରାଯାଇ ନାହିଁ। ଏହାସହ ଲ୍ୟାଣ୍ଡସ୍କେପିଂ କାର୍ଯ୍ୟ ପାଇଁ ୧୧, ୭୨, ୬୩୫ ଟଙ୍କା ଆସିଥିବା ବେଳେ ମନ୍ଦିରର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କାମ କିଛି ହୋଇ ନାହିଁ। ଯାହାକି ସେଥିରେ ଉଦ୍ଦିଷ୍ଟ ଥିବା ମେକ୍ସିକାନ ଘାସ, ଦୁରନ୍ତ ଗୋଲଡେନ୍ ଗଛ ଓ ୪ ଶହଟି ପ୍ଲାଷ୍ଟିକ ଫୁଲ କୁଣ୍ଡ ପାଇଁ ବ୍ୟୟ ବରାଦ ଥିଲା। ମାତ୍ର ଏ ଦିଗରେ କିଛି ବି ପଦକ୍ଷେପ ନିଆଯାଇ ନାହିଁ। ସେହିପରି ସ୍ନାନ ମଣ୍ଡପ ପାଇଁ ୧୦୯୫୨୫୮.୨୨ ମଞ୍ଜୁର ହୋଇଥିବା ବେଳେ ମଣ୍ଡପ ଉପରେ ଟ୍ରାପେଜୋଡିଆଲ ସିଟ୍ସ ଲଗାଇବା ପାଇଁ ଉଦ୍ଦିଷ୍ଟ ଥିଲା। ମାତ୍ର ସେମିତି ବ୍ୟବସ୍ଥା ହୋଇ ନ ଥିବାରୁ ମନ୍ଦିର ଉତ୍ସବ କାର୍ଯ୍ୟ ପାଇଁ ପକାଇ କରାଯାଇଛି। ଗୁଣ୍ଡିଚା ଘର ଚୋଷପାର ପାଇଁ ୯୮୭୨୫୨.୬୭ ଟଙ୍କା ରହିଥିବା ବେଳେ କାହିଁକି ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ, ତାହା ବୁଝା ପଡୁନାହିଁ। ଉନ୍ନୟନ କାର୍ଯ୍ୟର ମାନ ନିର୍ଣ୍ଣୟ କରିବା ପାଇଁ ୧୧୯୧୮୭.୩୨ ଟଙ୍କା ବିଲ୍ ହୋଇଛି। ଏଣୁ ମାନ ନିର୍ଣ୍ଣୟର ବିବରଣୀକୁ ବିଶ୍ଳେଷଣ କରାଯିବାକୁ ଦାବି କରାଯାଇଛି।

ବିନା ଟେଣ୍ଡରରେ ମହାପ୍ରଭୁଙ୍କ ଅବଢ଼ା ପ୍ରସ୍ତୁତ କରୁଥିବା ବ୍ୟକ୍ତି ସମୂହ ଦେବୋତ୍ତର ବିଭାଗକୁ ଦୁଇବର୍ଷରେ ମନ୍ଦିରକୁ ୫ ଲକ୍ଷ ଟଙ୍କା ଦେଇଥିବା କୁହାଯାଉଛି। ଏହାର ତଦନ୍ତ କରାଗଲେ ସତ୍ୟାସତ୍ୟ ଜଣାପଡ଼ିଯିବ ବୋଲି ମତ ପ୍ରକାଶ ପାଉଛି। ନୟାଗଡ଼ ଜଗନ୍ନାଥ ମନ୍ଦିର ଧାର୍ମିକ, ସାଂସ୍କୃତିକ ଓ ଐତିହାସିକ ଐତିହ୍ୟର ପ୍ରତୀକ ହୋଇଥିବାରୁ ଏହାର ପରିଚାଳନା ଏବଂ ଉନ୍ନୟନ କାର୍ଯ୍ୟରେ ସ୍ୱଚ୍ଛତା ରହିବା ଆବଶ୍ୟକ। ଏଣୁ ଏହି ଅଭିଯୋଗର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପୂର୍ତ୍ତ ବିଭାଗ ଅଧୀନରେ ଥିବା ବେଳେ ବ୍ୟାପକ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ହୋଇଛି। କାମ ପାଇଥିବା ଠିକାଦାର ଓ ଯନ୍ତ୍ରୀ ଅନିୟମିତତା କରିଥିବା ପୁରୁଣାସହରବାସୀ କହିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାରେ, କାମ ଠିକଠାକ କରାଯାଇଥିବା ସେ କହିଛନ୍ତି।

## ବିଇଓଙ୍କ ତୁରନ୍ତ ରିଲିଭ୍ ଦାବି କଲା କଂଗ୍ରେସ

**ଖଣ୍ଡପଡ଼ା, ୮ ।୬(ସମିସ):** ଖଣ୍ଡପଡ଼ା ବିଇଓ କୈଳାସ ଚନ୍ଦ୍ର କରଙ୍କ ବିରୋଧରେ ସୋମବାରର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛି କଂଗ୍ରେସ। ଗତ ୧୫ ଦିନ ତଳେ ତାଙ୍କ ବଦଳି ଆଦେଶ ବାହାରିଥିବା ବେଳେ ଏଯାଏ ରିଲିଭ କରାଯାଇ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଥିବା କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁ ଅଭିଯୋଗ କରିଛନ୍ତି। ବିଇଓ କର ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏଠାରେ କାର୍ଯ୍ୟରତ ଥିବାବେଳେ ନାନା ଦୁର୍ନୀତି ଓ ଅନିୟମିତତାରେ ଛନ୍ଦି ହୋଇଛନ୍ତି। କେତେବେଳେ କ୍ରୀଡ଼ା ସାମଗ୍ରୀ ନିମନ୍ତେ ନିର୍ଦ୍ଦିଷ୍ଟ ଦୋକାନୀଙ୍କୁ ଅନୁକମ୍ପା ହେଉ କିମ୍ବା କିଆଇଏ ଏବଂ ଶିକ୍ଷକରୁ ଉଚ୍ଚ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଦୁର୍ନୀତିକୁ ଲୁଚାଇବା, ସବୁଥିରେ ବିଇଓଙ୍କ ଭୂମିକା ଅତ୍ୟନ୍ତ ସନ୍ଦେହଜନକ ଥିବା ବେଳେ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ ଗତମାସ ୨୫ ତାରିଖ ଶିକ୍ଷା ବିଭାଗ ପକ୍ଷରୁ ତାଙ୍କ ବଦଳି ନିର୍ଦ୍ଦେଶନାମା ବାହାରିଥିଲା। ମାତ୍ର ଇତିମଧ୍ୟରେ ୧୫ ଦିନ ବିତିଥିବା ବେଳେ କରଙ୍କୁ ଏଠାରୁ ରିଲିଭ କରାଯାଇ ନାହିଁ। ଫଳରେ ଶିକ୍ଷକ ଓ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଚଳିତ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀଙ୍କୁ ପୋଷାକ ଓ ବହି ବଣ୍ଟନ ନୈରାଶ୍ୟଜନକ ଥିବାବେଳେ ଶିକ୍ଷକମାନଙ୍କ ୩ ପ୍ରଶିକ୍ଷଣ ବାବଦ ଦେୟ ମଧ୍ୟ ବିଇଓ କର ଅଟକାଇ ରଖିଛନ୍ତି।

**ଶିକ୍ଷକ ଓ ଅଭିଭାବକ ମହଲରେ ଅସନ୍ତୋଷ ଜାରି**



ତେବେ କାହା ସ୍ୱାର୍ଥରେ କରଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ଅନୁକମ୍ପା ଦେଖାଉଛି ତାକୁ ନେଇ ପ୍ରଶ୍ନ ଉଠିଛି। କର ଯୋଗୁ ଯିବାକୁ ଅନିଚ୍ଛୁକ ଥିବା ବେଳେ ପ୍ରଭାବଶାଳୀଙ୍କୁ ଧରି ବଦଳି ଆଦେଶ ବାତିଲ ନିମନ୍ତେ ଲବି କରୁଥିବା ଅଭିଯୋଗ ହୋଇଛି। ତୁରନ୍ତ ତାଙ୍କୁ ରିଲିଭ କରିବାକୁ କଂଗ୍ରେସ ଦାବି କରିଥିବା ବେଳେ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଶିକ୍ଷା ବିଭାଗ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛି।

## ୧୨ରେ ରାସ୍ତାରୋକ ପାଇଁ ପ୍ରସ୍ତୁତି ବୈଠକ

**ଗଣିଆ, ୮ ।୬(ସମିସ):** ଗଣିଆଠାରୁ କୁତୁରୀ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଶୁଣୁନାହିଁ। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ନିର୍ମାଣ ଦାବିରେ ଆସନ୍ତା ୧୨ ତାରିଖ ରାସଙ୍ଗ, ଛାମୁଣ୍ଡିଆ, ବଡ଼ସିଲିଙ୍ଗା ପଞ୍ଚାୟତର ପ୍ରତି ଗ୍ରାମର ୱାର୍ଡ ମେମ୍ବର ସମେତ ଆଞ୍ଚଳିକ ବିକାଶ ମଞ୍ଚ ନେତୃବୃନ୍ଦ ରାସ୍ତାରୋକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆନ୍ଦୋଳନର ରୂପରେଖ ପ୍ରସ୍ତୁତି ପାଇଁ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଏହି



ରାସ୍ତାରୋକ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି ରହିବ ବୋଲି ନିଷ୍ପତ୍ତି ହୋଇଛି। ଲିଖିତ ପ୍ରତିଶ୍ରୁତି ମିଳିବା ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିବ ବୋଲି ସ୍ଥିର କରାଯାଇଛି। ରାସ୍ତାରୋକରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇ ଆନ୍ଦୋଳନକୁ ତୀବ୍ରତର କରିବେ ବୋଲି କୁହାଯାଇଛି।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

**ଖଣ୍ଡପଡ଼ା, ୮ ।୬(ସମିସ):** ଖଣ୍ଡପଡ଼ା ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମଧୁମିତା ରଥ ଏଥିରେ ଯୋଗଦେଇ ଲୋକଙ୍କ ସମସ୍ୟା ଶୁଣିଥିଲେ। ସମୁଦାୟ ୯୮ ଅଭିଯୋଗରୁ ୮୦ଟି ବ୍ୟକ୍ତିଗତ, ୪ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧୪ଟି ଅଭିଯୋଗ ଆସିଥିଲା। ୩୯ ଅଭିଯୋଗର ତୁରନ୍ତ ସମାଧାନ ହୋଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଏଡିଏମ ରୋଜିନା ଦାସ, ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିସ୍ମୃତ ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ବିଶ୍ୱ ପରିବେଶ ଦିବସରେ ଚାରାରୋପଣ

**ଓଡ଼ଗାଁ, ୮ ।୬(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରୋହିବାଙ୍କସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଜୟମଙ୍ଗଳ ପ୍ରସାଦ ତପୋବନ ପରିସରରେ ସୋମବାର ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି ଅବସରରେ ଚାରାରୋପଣ ସହ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ସଭା ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ବନ ସଂରକ୍ଷକ ସୁରେଶ ଚନ୍ଦ୍ର ହୋତା ମୁଖ୍ୟଅତିଥି, ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକ ଓ ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବ୍ରହ୍ମାକୁମାର ଭାଇ-ଭଉଣୀମାନଙ୍କ ସହ ମିଶି ତପୋବନ ପରିସରରେ ଚାରାରୋପଣ କରିଥିଲେ। ନୟାଗଡ଼ ଜିଲ୍ଲା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ସଞ୍ଚାଳିକା ମିନି ଭଉଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥିମାନେ ପରିବେଶ ସୁରକ୍ଷା ଓ ଚାରାରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ ଯେ ଗଛ ମାନବ ସମାଜ ପାଇଁ ଅମୂଲ୍ୟ ସମ୍ପଦ। ପ୍ରତ୍ୟେକ ଗଛ ପରିବେଶର ସନ୍ତୁଳନ ରକ୍ଷା କରିବା ସହ ମଣିଷକୁ ଅନେକ ଉପକାର ପ୍ରଦାନ କରେ। ତେଣୁ ଗଛ ଲଗାଇବା, ବଢ଼ାଇବା ଏବଂ ତାହାର ଯତ୍ନ ନେବା ମାନବଜୀବନର ଏକ ମହତ୍ କର୍ତ୍ତବ୍ୟ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ତପୋବନର ସଞ୍ଚାଳିକା ଶାନ୍ତି ଭଉଣୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୯୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସମାଜ କଲ୍ୟାଣ ଉଦ୍ଦେଶ୍ୟରେ ୯୦ଟି ଚାରାରୋପଣ କରିବା ପାଇଁ ସଙ୍କଳ୍ପ ନିଆଯାଇଥିଲା। କାର୍ଯ୍ୟକ୍ରମରେ ସଂସ୍ଥାର ବହୁ ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## କବି ଯଦୁମଣି ପାଲା ଆୟୋଜକ ସଂଘ ଉଦ୍‌ଘାଟିତ



**ନୟାଗଡ଼, ୮ ।୬(ସମିସ):** ନୟାଗଡ଼ରେ ଉତ୍କଳ ଘଣ୍ଟ କବି ଯଦୁମଣି ପାଲା ଆୟୋଜକ ସଂଘ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ଶଙ୍କର୍ଷଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟବକ୍ତା, ଶିକ୍ଷାବିତ୍ ବିଜୟ କୁମାର ଚୌଧୁରୀ, ଇଟାମାଟି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଉତ୍କଳ ଘଣ୍ଟ କବି ଯଦୁମଣି ପାଲା ଆୟୋଜକ ସଂଘ କାର୍ଯ୍ୟକାରୀ ସଭାପତି ଜାନକୀ ବଲ୍ଲଭ ଜେନା, ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର କହଁର, ଦକ୍ଷିଣକାଳୀ ମଣ୍ଡଳ ଉପସଭାପତି ଗାୟକ ବିଶ୍ୱନାଥ ସାହୁ, ରାଜ୍ୟସ୍ତରୀୟ ପାଲା ମଞ୍ଚ ପରିଷଦ ସଭାପତି ଅକ୍ଷୟ କୁମାର ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଗୌରୀଚରଣ ସମାନ୍ତସିଂହାର ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଅଖଣ୍ଡ ପୁରୀ ଜିଲ୍ଲା ପାଲା ଗାୟକ ପରିଷଦ ଉପସଭାପତି ଗାୟକ କଳାନିଧି ମନୋଜ କୁମାର ମିଶ୍ର ମଞ୍ଚ ସଂଯୋଜନା କରିଥିଲେ। ଗାୟକ ବେଦ ସୌରଭ ନାରାୟଣ ଶୁକ୍ଲା ବେଦପାଠ ଓ ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଗାୟକ ରମେଶ ଚନ୍ଦ୍ର କୁଣ୍ଡୁ ପାଲା ପରିବେଷଣ କରିଥିଲେ। କେନ୍ଦ୍ରପଡ଼ା କେଳାପଡ଼ିଆ ସତ୍ୟନାରାୟଣ ପାଲା ମଞ୍ଚର ବିଚିତ୍ର ନାୟକ, କଟକ ସୋମପୁରର କୈଳାସ ଚନ୍ଦ୍ର ପରିଡ଼ା, ଖୋର୍ଦ୍ଧା ଶଙ୍ଖୁଆରିର ପ୍ରଫୁଲ୍ଲ ସାହୁ, ଜଗତସିଂହପୁର ବାରଡିହାର ପ୍ରଦୀପ ଭୋଇ ଓ କଟକର ବିଭୂତି ଭୂଷଣ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

**ଭତ୍ତା ଓ ଗୃହ ବଣ୍ଟନରେ ଅନିୟମିତତା ଅଭିଯୋଗ**

## ଯୋଗ୍ୟଙ୍କୁ ବାଦ୍‌ଦେଇ ଅଯୋଗ୍ୟଙ୍କୁ ଅନୁକମ୍ପା

**ଖଣ୍ଡପଡ଼ା, ୮ ।୬(ସମିସ):** ଭାପୁର ଅଞ୍ଚଳ ଦୁର୍ନୀତି ପାଇଁ ସର୍ବଦା ଚର୍ଚ୍ଚାରେ ଥିବାବେଳେ ଭତ୍ତା ଏବଂ ଆବାସ ପାଇଁ ଟଙ୍କା ଆଦାୟ ହେଉଥିବା ସୋମବାର ଖଣ୍ଡପଡ଼ାରେ ଅନୁଷ୍ଠିତ ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଛି। ଭତ୍ତା ଭଳି ମୌଳିକ ସୁବିଧା ନିମନ୍ତେ ଲୋକଙ୍କୁ ହନ୍ତସନ୍ତ କରାଯାଉଛି। ବ୍ଲକର ୨୦ ପଞ୍ଚାୟତରେ ଶହ ଶହ ଯୋଗ୍ୟ ତଥା ବୟସ୍କ ହିତାଧିକାରୀ ଆବେଦନ କରିଥିବା ବେଳେ ସେମାନଙ୍କୁ ବାଦ୍ ଦେଇ ଅଯୋଗ୍ୟ ତଥା ନୂଆ ଆବେଦନକାରୀଙ୍କୁ ସାମିଲ କରାଯାଉଥିବା ଅଭିଯୋଗ ହୋଇଛି। ଗତ ୨୦ ତାରିଖ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ଗିରୀଶ ଏସଏନଙ୍କୁ ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଭାପୁର ବିଡିଓ ସାରଦା ପ୍ରସନ୍ନ



ପଣ୍ଡା ପ୍ରଧାନମନ୍ତ୍ରୀ ଆବାସ, ଅନ୍ତ୍ୟୋଦୟ ଗୃହ, ମନରେଗା ଭଳି ଯୋଜନାରେ ଅନିୟମିତତା କରି ଚର୍ଚ୍ଚାରେ ଥିବାବେଳେ ଏବେ ନୂଆ ଦୁର୍ନୀତିକୁ ନୀତି କରିଛନ୍ତି। ଗରିବ ନିରୀହଙ୍କ ଭତ୍ତା ଯୋଜନାରେ ହସ୍ତକ୍ଷେପ କରି ଯୋଗ୍ୟ ଲୋକଙ୍କୁ ବାଦ୍‌ଦେଇ ଅଯୋଗ୍ୟଙ୍କୁ ସାମିଲ କରୁଥିବା ଜଣାପଡ଼ିଛି। ୭୦ ବର୍ଷର ବୃଦ୍ଧବୃଦ୍ଧା ଶଯ୍ୟାଶାୟୀ ଥାଇ ଆବେଦନ କରିଥିବା ବେଳେ ଯୋଜନାରେ ସାମିଲ ହୋଇପାରୁନାହାନ୍ତି। ମାତ୍ର ହାତଗୁଞ୍ଜା ଦେଉଥିବା ୬୦ ବର୍ଷର ସକ୍ଷମ ଲୋକଙ୍କୁ ତୁରନ୍ତ ସାମିଲ କରାଯାଉଥିବା ପ୍ରଧାନ ଅଭିଯୋଗ କରିଛନ୍ତି। ଏନେଇ ପ୍ରଧାନ ଉପଜିଲ୍ଲାପାଳଙ୍କଠାରୁ ପାଇଥିବା ତଥ୍ୟ ଅନୁଯାୟୀ ୧୮ ଶହରୁ ଊର୍ଦ୍ଧ୍ୱ ଆବେଦନକାରୀଙ୍କ ମଧ୍ୟରୁ ୨୭୦ ଜଣ ସକ୍ଷମ ବ୍ୟକ୍ତିଙ୍କୁ ଅସତ୍ ଉପାୟରେ ଭତ୍ତା ଦିଆଯାଇଥିବା ଭଳି ସଙ୍ଗିନ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଭାପୁର ଅଞ୍ଚଳରେ ସରକାରୀ ଜାଗାରେ ଥିବା ଘର ଓ ବ୍ୟବସାୟ ପ୍ରତିଷ୍ଠାନକୁ ଭଙ୍ଗା ଯାଉଥିବା ବେଳେ ବିଡିଓ ପଣ୍ଡା ସରକାରୀ ଜମିରେ ଅନ୍ତ୍ୟୋଦୟ ଘର କରିବାକୁ ମଞ୍ଜୁରୀ ଦେଇଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ଏକ ଜିଲ୍ଲାସ୍ତରୀୟ କମିଟି କରି ଉକ୍ତ ଅନିୟମିତତାର ଯାଞ୍ଚ କରିବାକୁ ପ୍ରଧାନ ଦାବି କରିଛନ୍ତି।

## ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ପ୍ରସ୍ତୁତି ବୈଠକ

**ରଣପୁର, ୮ ।୬(ସମିସ):** ରଣପୁର ବ୍ଲକ ରାଜସୁନାଖଳା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଜଗନ କୁମାର ନାୟକଙ୍କ ଆବାହକତ୍ୱରେ ସୋମବାର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମନ୍ଦିର ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ନାନ ପୂର୍ଣ୍ଣିମା ଓ ଶ୍ରୀଗୁଣ୍ଡିଚା



ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ ବ୍ୟବସ୍ଥା, କର୍ଡନ ବ୍ୟବସ୍ଥା, ଆଇନଶୃଙ୍ଖଳା, ଶ୍ରଦ୍ଧାଳୁଙ୍କୁ ଶୃଙ୍ଖଳିତ ଦର୍ଶନ, ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ନେଇ କମିଟିର ୫୦ରୁ ଊର୍ଦ୍ଧ୍ୱ ସଭ୍ୟ ନିଜ ମତାମତ ରଖିଥିଲେ। ଉପସଭାପତି ବିଜୟ କୁମାର ପ୍ରଧାନ, ଲକ୍ଷ୍ମୀଧର ଭଞ୍ଜ, ବିଶ୍ୱନାଥ ବେହେରା ଓ ଜୟକୃଷ୍ଣ ମିଶ୍ର ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ପଣ୍ଡିତ ଗୌରମୋହନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**୧୭ତମ ଓଡ଼ଗାଁ କ୍ରିକେଟ ଲିଗ୍‌ର ଦ୍ୱିତୀୟ ଦିନ**

## ଏକ୍ସଟ୍ରିମ୍ ବ୍ଲାଷ୍ଟର୍ସ, ଡାଏନାମିକ୍ କିଙ୍ଗସ୍ ଓ ଲିଜେଣ୍ଡ ଏମ୍ପୋରିୟର ବିଜୟୀ



**ଓଡ଼ଗାଁ, ୮ ।୬(ସମିସ):** ଓଡ଼ଗାଁ ମିନି ଷ୍ଟାଡିୟମରେ ସ୍ଥାନୀୟ ରଘୁନାଥ ଆଥଲେଟିକ ଆସୋସିଏସନ୍ ପକ୍ଷରୁ ଆୟୋଜିତ ୧୭ତମ ଓଡ଼ଗାଁ କ୍ରିକେଟ ଲିଗ୍ (ଓସିଏଲ୍)-୨୦୨୬ର ଦ୍ୱିତୀୟ ଦିନରେ ତିନିଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏକ୍ସଟ୍ରିମ୍ ବ୍ଲାଷ୍ଟର୍ସ, ଡାଏନାମିକ୍ କିଙ୍ଗସ୍ (ଏ) ଓ ଲିଜେଣ୍ଡ ଏମ୍ପୋରିଅର ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଏକ୍ସଟ୍ରିମ୍ ବ୍ଲାଷ୍ଟର୍ସ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ୱିକେଟ୍ ହରାଇ ୧୦୨ ରନ୍ କରିଥିଲା। ଜବାବରେ ଡାଏନାମିକ୍ କିଙ୍ଗସ୍ (ବି) ଦଳ ସମସ୍ତ ୱିକେଟ୍ ହରାଇ ୮୮ ରନ୍‌ରେ ସୀମିତ ରହିଥିଲା। ବିଜୟୀ ଦଳର ବିଶ୍ୱଜିତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

ଦ୍ୱିତୀୟ ମ୍ୟାଚ୍‌ରେ ବିଏମ୍ ଟାଇଗର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୯ ୱିକେଟ୍ ହରାଇ ୮୪ ରନ୍ କରିଥିଲା। ଡାଏନାମିକ୍ କିଙ୍ଗସ୍ (ଏ) ଦଳ ୯.୩ ଓଭରରେ ମାତ୍ର ୨ ୱିକେଟ୍ ହରାଇ ଅବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ବିଜୟୀ ଦଳର ସୋମନାଥ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ବର୍ଷା କାରଣରୁ ତୃତୀୟ ମ୍ୟାଚ୍‌କୁ ୭ ଓଭର ବିଶିଷ୍ଟ କରାଯାଇଥିଲା। ଏଥିରେ ଏଲାଇଟ୍ ଇଗଲ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୩ ୱିକେଟ୍ ହରାଇ ୬୪ ରନ୍ କରିଥିଲା। ଜବାବରେ ଲିଜେଣ୍ଡ ଏମ୍ପୋରିଅର ଦଳ ମାତ୍ର ୫.୧ ଓଭରରେ କୌଣସି ୱିକେଟ୍ ନ ହରାଇ ଅବପଶ୍ୟକ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ବ୍ରହ୍ମିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ରାମନାଥ, ଚନ୍ଦନ, କିଶନ, ଦୋରା, ଗୁଲୁ, ସୁନୀଲ, ସୌମ୍ୟ, ଆରିଏଲ୍ ଅଭି ଓ ସିଡୁ ମ୍ୟାଚ୍ ପରିଚାଳନା କରିଥିଲେ।

## କାଳବୈଶାଖୀ; ୩୦ ଘଣ୍ଟା ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ

**ଓଡ଼ଗାଁ, ୮ ।୬(ସମିସ):** କାଳବୈଶାଖୀର ଫଳରେ ଓଡ଼ଗାଁ ଅଞ୍ଚଳରେ ଗତ ୪୮ ଘଣ୍ଟାରେ ୩୦ ଘଣ୍ଟାରୁ ଅଧିକ ସମୟ ଧରି ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏ ନେଇ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିଦ୍ୟୁତ୍ ବିଭ୍ରାଟ ଫାଇଲିନ୍ ଓ ହୁଦ୍‌ହୁଦ୍ ଭଳି ପ୍ରଳୟଙ୍କରୀ ବାତ୍ୟା ସମୟର ସ୍ଥିତିକୁ ମଧ୍ୟ ଟପିଯାଇଛି। ସ୍ଥାନୀୟ ଉପଭୋକ୍ତାଙ୍କ ଅଭିଯୋଗ ଅନୁସାରେ, ମରାମତି ନାଁରେ ବର୍ଷସାରା ଘୋଷିତ ବିଦ୍ୟୁତ୍ କାଟ ସାଧାରଣ ଘଟଣାରେ ପରିଣତ ହୋଇଛି। ଏପରି ସ୍ଥିତିରେ କାଳବୈଶାଖୀର ଗୋଟିଏ ଝଟକା ପରେ ୧୦ରୁ ୧୮ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବା ଏବଂ ଗତ ଦୁଇ ଦିନ ମଧ୍ୟରେ ପ୍ରାୟ ୩୦ ଘଣ୍ଟା ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହେବା ଘଟଣାକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏହା ପ୍ରକୃତିର ପ୍ରଭାବ ନା ବ୍ୟବସ୍ଥାଗତ ତ୍ରୁଟି, ସେ ନେଇ ସନ୍ଦେହ ପ୍ରକାଶ ପାଉଛି।

ଟିପିସିଓଡିଏଲ୍ ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେବା ପରେ ଉନ୍ନତମାନର ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ମିଳିବ ବୋଲି ଉପଭୋକ୍ତା ଆଶା କରିଥିଲେ। ହେଲେ ବର୍ତ୍ତମାନର ସ୍ଥିତି ସେହି ଆଶାକୁ ନିରାଶାରେ ପରିଣତ କରିଛି। ଉପଭୋକ୍ତାଙ୍କ ମତରେ, ପୂର୍ବରୁ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ସଂସ୍ଥାର ସେବା ବର୍ତ୍ତମାନ ଅପେକ୍ଷା ଭଲ ଥିଲା। ଖର୍ଚ୍ଚ କମାଇବା ନାଁରେ କର୍ମଚାରୀ ସଂଖ୍ୟା ହ୍ରାସ ପାଇଥିବାରୁ ବିଦ୍ୟୁତ୍ ବିଭ୍ରାଟ ସମୟରେ ମରାମତି କାମ ପ୍ରଭାବିତ ହେଉଛି। ପୂର୍ବରୁ ଯେଉଁ କାର୍ଯ୍ୟ ପାଇଁ ଶତାଧିକ କର୍ମଚାରୀ ନିୟୋଜିତ ଥିଲେ, ବର୍ତ୍ତମାନ ତାହା ବହୁ କମ୍ କର୍ମଚାରୀଙ୍କ ଭରସାରେ ଛାଡ଼ି ଦିଆଯାଇଛି। ଫଳରେ ଥରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେଲେ ପୁନରୁଦ୍ଧାର ପାଇଁ ଦୀର୍ଘ ସମୟ ଲାଗୁଛି। ଫାଇଲିନ୍ ଓ ହୁଦ୍‌ହୁଦ୍ ଭଳି ଭୟଙ୍କର ବାତ୍ୟା ସମୟରେ ମଧ୍ୟ ୩୦ ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଯାଇଥିଲା। କିନ୍ତୁ ବର୍ତ୍ତମାନ ସାମାନ୍ୟ କାଳବୈଶାଖୀ ପରେ ଦୀର୍ଘ ସମୟ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହେଉଥିବାରୁ ଲୋକଙ୍କ ଅସନ୍ତୋଷ ବଢ଼ିଛି। ଅନ୍ୟପକ୍ଷରେ, ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଉପରେ ନିର୍ଭରଶୀଳତା ବଢ଼ିଥିବା ବେଳେ ଘନଘନ ବିଦ୍ୟୁତ୍ କାଟ ଜନଜୀବନକୁ ପ୍ରଭାବିତ କରୁଛି। ଅସହ୍ୟ ଗ୍ରୀଷ୍ମପ୍ରବାହ ମଧ୍ୟରେ ପଙ୍ଖା, ଆଲୋକ ଓ ଦୈନନ୍ଦିନ ଜୀବନ ସହ ଜଡ଼ିତ ବିଭିନ୍ନ ସୁବିଧା ବିଦ୍ୟୁତ୍ ଉପରେ ନିର୍ଭର କରୁଥିବାରୁ ଉପଭୋକ୍ତା ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ପ୍ରତି ସରକାର ଏବଂ ବିଦ୍ୟୁତ୍ ବିତରଣ କମ୍ପାନୀ ଗୁରୁତ୍ୱ ଦେଇ ତୁରନ୍ତ ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବିଦ୍ୟୁତ୍ ସେବାରେ ସୁଧାର ନ ଆସିଲେ ଆଗାମୀ ଦିନରେ ଏହା ଆନ୍ଦୋଳନର ରୂପ ନେବ ବୋଲି କୁହାଯାଉଛି।

## ଗଣିଆ ଥାନା ପକ୍ଷରୁ ଚେକିଂ କଡ଼ାକଡ଼ି

**ଗଣିଆ, ୮ ।୬(ସମିସ):** ଗଣିଆ ଚଡବଙ୍ଗ ଛକ ବସଷ୍ଟାଣ୍ଡ ନିକଟରେ ଗଣିଆ ଥାନା ପକ୍ଷରୁ ସୋମବାର କଡ଼ାକଡ଼ି ଚେକିଂ କରାଯାଇଛି। ଏଏସଆଇ ବିକ୍ରମ ବିଶ୍ୱାଳଙ୍କ ନେତୃତ୍ୱରେ କନଷ୍ଟେବଲ ବ୍ରଜେନ୍ଦ୍ର ନାୟକ, ହୋମଗାର୍ଡ ସନ୍ତୋଷ କୁମାର ପ୍ରଧାନ, ସୁଶାନ୍ତ ମହାନ୍ତି ଉପସ୍ଥିତ ରହି ଗାଡ଼ି ଚେକିଂ କରିଥିଲେ। ବାଇକରେ ଯାତାୟାତ କରୁଥିବା ଲୋକଙ୍କୁ ହେଲମେଟ ପିନ୍ଧିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ଫୋନରେ କଥାବାର୍ତ୍ତା ନ କରିବା ପାଇଁ ସଚେତନ କରିଥିଲେ। ଚାରିଚକିଆ ଯାନ ଚାଳକଙ୍କୁ ସିଟ୍‌ବେଲ୍ଟ ପିନ୍ଧିବା, ଅତ୍ୟଧିକ ବେଗରେ ଗାଡ଼ି ନ ଚଳାଇବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଏହି ଚେକିଂ ଆହୁରି କଡ଼ାକଡ଼ି କରାଯାଇ ଜରିମାନା ଆଦାୟ କରାଯିବ ବୋଲି ଏଏସଆଇ ବିଶ୍ୱାଳ ପ୍ରକାଶ କରିଛନ୍ତି।

## ତାଣ୍ଡବ ରଚିଲା କାଳବୈଶାଖୀ ▶ ୧୫ରୁ ଊର୍ଦ୍ଧ୍ୱ ଲୋକଙ୍କ ଘର ଭାଙ୍ଗିଲା

▶▶ ବିଦ୍ୟୁତ୍ ବିଚ୍ଛିନ୍ନ, ଶତାଧିକ ଗଛ ଭାଙ୍ଗିଲା

▶▶ ଭାଙ୍ଗିଗଲା ଜେମାଦେଇପୁର ପ୍ୟାକ୍ସ ଘର









**ନୟାଗଡ଼, ୮ ।୬(ସମିସ)**

ନୟାଗଡ଼ ସଦରଥାନା ବାଲୁଗାଁ ଓ କ୍ରିଦାଶପୁର ପଞ୍ଚାୟତରେ କାଳବୈଶାଖୀ ତାଣ୍ଡବ ରଚିଛି। ସୋମବାର ଅପରାହ୍ନ ୩ଟାରେ ଅଚାନକ ବାତ୍ୟା ଭଳି ବର୍ଷାପବନ ହୋଇଥିଲା। ପବନର ବେଗ ଘଣ୍ଟା ପ୍ରତି ଶହେ କିମିରୁ ଊର୍ଦ୍ଧ୍ୱ ଥିବା ଅନୁମାନ କରାଯାଉଛି। କାଳବୈଶାଖୀରେ ଉଭୟ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କ୍ରିଦାଶପୁର ପଞ୍ଚାୟତ ଜେମାଦେଇପୁର ପ୍ୟାକ୍ସ ଅଫିସ ଓ ଗୋଦାମ ଗୃହ ଅଧାରୁ ଭାଙ୍ଗି ଗହିରରେ ପଡ଼ିଛି। ସେହିଭଳି ଡିମିରିପାଟଣା ଗ୍ରାମର ଅକ୍ରୁର ଦାଶଙ୍କ ଘର ଉପରେ ଏକ ବଡ଼ ଆମ୍ବଗଛ ଭାଙ୍ଗିପଡ଼ିଛି। ଫଳରେ ଘର ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। କ୍ରିଦାଶପୁର ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ଗଛ ଭାଙ୍ଗି କ୍ୟାବିନ୍ ଭାଙ୍ଗିଛି। ବାଲୁଗାଁ ପଞ୍ଚାୟତ କଣ୍ଟାବଣିଆ ଗ୍ରାମରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଦ୍ୟୁତ୍ ଟ୍ରାନ୍ସଫର୍ମର ଭାଙ୍ଗି ପଡ଼ିଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଘର ଭାଙ୍ଗିଛି। ବହୁ ଲୋକଙ୍କ ଘର ଆଜବେଷ୍ଟସ ଓ ଚାଳ ଛପର ଉଡ଼ିଯାଇଛି। ଗ୍ରାମର ଶତ୍ରୁଘ୍ନ ଜେନା, ଜଳଧର ଜେନା, ମାଟିଆ ପ୍ରଧାନ, ବିନୋଦ ପ୍ରଧାନ, ଈଶ୍ୱର ନାୟକ, ପ୍ରହଲ୍ଲାଦ ଜେନା, ଭାଗୀରଥି ଜେନା, ପ୍ରମୋଦ ନାୟକ, ରମେଶ ଜେନାଙ୍କ ଘର ଭାଙ୍ଗିଛି। ବାଲୁଗାଁ-ମହିପୁର ରାସ୍ତାରେ ଶତାଧିକ ଗଛ ଭାଙ୍ଗିଛି। ସଦରଥାନା ପୁଲିସ ଏବଂ ଅଗ୍ନିଶମ ବାହିନୀ ଗଛ କାଟି ରାସ୍ତା ସଫା କରିଛନ୍ତି। ଉଭୟ ପଞ୍ଚାୟତର ସରପଞ୍ଚ ଘଟଣାସ୍ଥଳକୁ ଯାଇ ଲୋକଙ୍କ ସହ ଆଲୋଚନା କରି ପ୍ରଶାସନକୁ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି। କିଭଳି କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ମିଳିବ ସେ ନେଇ ପ୍ରୟାସ ଜାରି ରହିଥିବା ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ କହିଛନ୍ତି। ସେହିଭଳି ନୟାଗଡ଼ ସହର ରାମେଶ୍ୱର ସାହିରେ ଆମ୍ବଗଛ ପଡ଼ି ଶରତପ୍ରଭା ଦାଶ, ଶଙ୍କର୍ଷଣ ପଟ୍ଟନାୟକଙ୍କ ଆଜବେଷ୍ଟସ ଘର ଭାଙ୍ଗିଛି। ନୂଆଗାଁ ବ୍ଲକ ଆଦିବାସୀ ବହୁଳ କାସ୍ତାପଲ୍ଲୀ, ଗୁମୀ, ବାହାଡ଼ାଝୋଲା, ବେରୁଆବାରୀ ପଞ୍ଚାୟତରେ ମଧ୍ୟ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। ସୀମା ବିଦ୍ୟାଳୟ ଉପରେ ଗଛ ଭାଙ୍ଗିପଡ଼ିଥିବା ବେଳେ ବିଭିନ୍ନ ସ୍ଥାନରେ ଘର ଭାଙ୍ଗି ଟିଣ ଛପର ଉଡ଼ିଯାଇଛି। ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଛି।

### ଡିଲ୍ ବେଳେ ମାଡି ବସିଲା ପୁଲିସ

# ୫୦ ଲକ୍ଷର ବ୍ରାଉନ୍‌ସୁଗର୍ ଜବତ; ୩ ଗିରଫ

ଖୋର୍ଦ୍ଧା,୮।୬(ସମିସ): ୧୬ନମ୍ବର ଜାତୀୟ ରାଜପଥ ଗଡ଼ଖୋର୍ଦ୍ଧା ବାଇପାସ୍ ଛକ ନିକଟ ଏକ ହୋଟେଲ ପଛପଟେ ଚାଲିଥିଲା ଡିଲ୍। ମାଲ ନେବାକୁ ଆସିଥିଲେ ଜଣେ ବ୍ରାଉନ୍‌ସୁଗର୍ ବେପାରୀଙ୍କ ପ୍ରେମିକା। ମାଲ୍ ଦେଉଥିଲେ ଜଣେ ମହିଳା। ମହିଳା ବେପାରୀଙ୍କ ସହ ଥିଲେ ତାଙ୍କ ସହଯୋଗୀ ଯୁବ ବେପାରୀ। ଠିକ୍ ମାଲ୍ ନେଣଦେଣ ବେଳେ ମାଡ଼ି ବସିଥିଲା ଶିଳ୍ପାଞ୍ଚଳ ଥାନା ପୁଲିସ। କେହି କିଛି ବୁଝିବା ପୂର୍ବରୁ ପୁଲିସ ୨ ବେପାରୀଙ୍କ ସମେତ ୩ ଜଣଙ୍କୁ କାବୁ କରିଥିଲା। ଗିରଫ ବେପାରୀ ହେଲେ ପୁରୀ ଜିଲ୍ଲା ପିପିଲି ଥାନା ଅନ୍ତର୍ଗତ କାକୁଡ଼ିଆର କୃଷ୍ଣାପ୍ରିୟା ସ୍ୱାଇଁ (୫୦) ଓ ସହଯୋଗୀ ବେପାରୀ ଆଦର୍ଶ ଥାନା ଅନ୍ତର୍ଗତ ଉପରସାହିର ସୌମ୍ୟରଞ୍ଜନ ସ୍ୱାଇଁ (୧୯)। ସେହିପରି ଗ୍ରାହକ ହେଲେ ସ୍ଥାନୀୟ ପାନବରଜର ଇପ୍ସିତା ପାଣିଗ୍ରାହୀ (୨୧)। ସେମାନଙ୍କ ଠାରୁ ପୁଲିସ ୫୦୦ଗ୍ରାମର ବ୍ରାଉନ୍‌ସୁଗର୍, ନଗଦ ୧୮ହଜାର ଟଙ୍କା, ଏକ ବୁଲେଟ୍, ୪ଟି ମୋବାଇଲ ଫୋନ୍‌କୁ ପୁଲିସ ଜବତ କରିଛି। ଜବତ ବ୍ରାଉନ୍‌ସୁଗର୍‌ର ମୂଲ୍ୟ ୫ଲକ୍ଷ ହେବ ବୋଲି ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପରମାର ସ୍ମିତ ପର୍ଶୋତ୍ତମ ଦାସ ସୂଚନା ଦେଇଛନ୍ତି।




ଏସ୍‌ପିଙ୍କ ସୂଚନା ଅନୁସାରେ, ପିପିଲି ଦିଗରୁ ଏକ ବୁଲେଟ୍‌ରେ ବ୍ରାଉନ୍‌ସୁଗର୍ ଡେଲିଭରୀ ଦେବାକୁ ଦୁଇଜଣ ବେପାରୀ ଆସୁଥିବା ଖବର ବିଶେଷ ସୂତ୍ରରୁ ମିଳିଥିଲା। ସେମାନଙ୍କୁ ଧରିବା ଲାଗି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପଙ୍କଜ ମାଝୀ ଓ ଥାନା ଅଧିକାରୀ ଉମେଶ ସାହୁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଆଜି ବରୁଣେଇ ଘାଟି ଠାରେ ଛକି ରହିଥିବାବେଳେ ବେପାରୀ ଆସିବା ମାତ୍ରେ ସେମାନଙ୍କୁ ପିଛା କରି ଆସିଥିଲେ। ସୌମ୍ୟରଞ୍ଜନ ଓଡି-୩୩ଏଭି-୩୩୦୦ ନମ୍ବର ବିଶିଷ୍ଟ ବୁଲେଟ୍‌ରେ କୃଷ୍ଣାପ୍ରିୟାଙ୍କୁ ଧରି ଆସି ଗଡ଼ଖୋର୍ଦ୍ଧା ବାଇପାସ ଛକ ନିକଟ ଏକ ହୋଟେଲ ପଛପଟେ ପୂର୍ବରୁ ଅପେକ୍ଷା କରି ରହିଥିବା ଇପ୍ସିତାକୁ ଭେଟି ସକାଳ ସାଢ଼େ ୮ଟା ସମୟରେ ମାଲ ଦେବାବେଳେ ୩ ଜଣଙ୍କୁ ପୁଲିସ କାବୁ କରିଥିଲା। ଇପ୍ସିତା ଠାରୁ ପୁଲିସ ୧୮ ହଜାର ନଗଦ ଟଙ୍କା ଓ ମୋବାଇଲ ଫୋନ୍ ଜବତ କରିଥିବାବେଳେ ସୌମ୍ୟରଞ୍ଜନ ଠାରୁ ଏକ ବୁଲେଟ, ୨୫୦ ଗ୍ରାମ ବ୍ରାଉନ୍‌ସୁଗର୍, ମୋବାଇଲ୍ ଫୋନ୍ ଏବଂ ୫୦ ଗ୍ରାମ ବ୍ରାଉନ୍‌ସୁଗର୍‌କୁ ପୁଲିସ ଜବତ କରିଥିଲା। ଗିରଫ ଇପ୍ସିତାଙ୍କ ପୁରୁଷ ବନ୍ଧୁ ଆଶିଷ ପଟ୍ଟନାୟକ ଓରଫ୍ ଜୁଡୁ ପୂର୍ବରୁ ବ୍ରାଉନ୍‌ସୁଗର୍ ବେପାର ଅଭିଯୋଗରେ ପ୍ରାୟ ୩ ମାସ ହେବ ଜେଲ୍‌ରେ ରହିଥିବାବେଳେ ଇପ୍ସିତା ତାର ଅନୁପସ୍ଥିତିରେ ବେପାର ସମ୍ଭାଳିଥିବା ଏସ୍‌ପି କହିଥିଲେ।

ସେହିପରି ଗିରଫ କୃଷ୍ଣାପ୍ରିୟା ଜଣେ ମୁଖ୍ୟ ବେପାରୀ। ପୂର୍ବରୁ ତାଙ୍କ ସମ୍ପର୍କୀୟଙ୍କୁ ପୁରୀ ସ୍ପେଶାଲ ସ୍କ୍ୱାର୍ଡ ଗିରଫ କରିଥିଲା। ତାଙ୍କର ସହଯୋଗୀ ସୌମ୍ୟରଞ୍ଜନ କୃଷ୍ଣାପ୍ରିୟାଙ୍କ ସହଯୋଗରେ ବେପାର ସମ୍ଭାଳିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏତେ ପରିମାଣର ବ୍ରାଉନ୍‌ସୁଗର୍ କୃଷ୍ଣାପ୍ରିୟା ଓ ସୌମ୍ୟରଞ୍ଜନ କେଉଁଠାରୁ ଏବଂ କାହାଠାରୁ ଆଣୁଥିଲେ ତା'ର ତଦନ୍ତ ଚାଲିଛି। ଏପରିକି ଅନାୟସରେ ଅର୍ଜିତ ଅର୍ଥରେ କରାଯାଇଥିବା ସମ୍ପତ୍ତିର ତଦନ୍ତ କରାଯିବା ସହିତ ସେମାନଙ୍କ ଆର୍ଥିକ କାରବାରର ତଦନ୍ତ କରାଯିବ ବୋଲି ଏସ୍‌ପି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ପଙ୍କଜ ମାଝୀ, ଥାନା ଅଧିକାରୀ ଉମେଶ ସାହୁ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ଖୋର୍ଦ୍ଧା ସହରରେ ଦିନକୁ ଦିନ ବ୍ରାଉନ୍‌ସୁଗର୍ କାରବାର ବୃଦ୍ଧି ପାଇ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପହଞ୍ଚିଲାଣି। କଲେଜ ପଢୁଆ ଛାତ୍ର, ଯୁବକ ଏହାକୁ ରୋଜଗାର ପନ୍ଥା ଭାବେ ଗ୍ରହଣ କରିନେଇଛନ୍ତି।

> ➤ ଗିରଫଙ୍କ ମଧ୍ୟରେ ୨ ମହିଳା ସଂପୃକ୍ତ
> ➤ ଆର୍ଥିକ କାରବାରର ତଦନ୍ତ କରିବ ଟିମ୍
> ➤ ଗୁଣ୍ଡିଚାନଗର ମହିଳାଙ୍କ ଉପରେ ପଡୁନି ନଜର

ବାଲେଶ୍ୱର, ଜଳେଶ୍ୱର ପ୍ରଭୃତି ଅଞ୍ଚଳରୁ ବ୍ରାଉନ୍‌ସୁଗର୍ ଖୋର୍ଦ୍ଧାକୁ ଆସୁଛି। ଏଠାରୁ ବିଭିନ୍ନ ମାଧ୍ୟମରେ ଚାରିଆଡ଼େ ପଠାଯାଉଛି। ତେବେ ଖୋର୍ଦ୍ଧା ସହରର ବରୁଣେଇ ସାହି ଗୁଣ୍ଡିଚାନଗରର ଜନୈକ ମହିଳା ମଧ୍ୟ କୃଷ୍ଣାପ୍ରିୟା ଓ ଇପ୍ସିତାଙ୍କ ଭଳି ବେଧଡ଼କ ବେପାର କରୁଥିବା ନେଇ ଅଭିଯୋଗ ହେଉଛି। ପୁଲିସ ଓ ଅବକାରୀ ବିଭାଗକୁ ଚକ୍‌ମା ଦେଇ ଉକ୍ତ ମହିଳା ବେପାର କରୁଥିବା ଅଭିଯୋଗ ହୋଇଛି। ଯାହା ଫଳରେ ବ୍ରାଉନ୍‌ସୁଗର୍ କବଳରେ ଯୁବପିଢ଼ି କବଳିତ ହେଉଛନ୍ତି। ଏ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସହରରୁ ଏହାକୁ ମୂଳୋତ୍ପାଟନ ଲାଗି ବରିଷ୍ଠ ନାଗରିକମାନେ ଦାବି କରିଛନ୍ତି।

## ଗୋବିନ୍ଦପୁର ଶୀତଳ ଷଷ୍ଠୀ ମହୋତ୍ସବ ସମ୍ପର୍କ ଉଦ୍‌ଘାଟିତ




ବେଗୁନିଆ,୮।୬(ସମିସ): ବେଗୁନିଆ ବ୍ଲକ୍ ଗୋବିନ୍ଦପୁର ଗ୍ରାମର ମହୋତ୍ସବ କମିଟି ପକ୍ଷରୁ ଶୀତଳ ଷଷ୍ଠୀ ମହୋତ୍ସବ ସମ୍ପର୍କ ଉଦ୍‌ଘାଟିତ ହୋଇଛି। ଏଥିରେ କମିଟି ସଭାପତି ସରୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ଅଖିଳେଶ ମହାପାତ୍ରଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ରାଜ୍ୟସଭା ସାଂସଦ ସୁଲତା ଦେଓ ମୁଖ୍ୟବକ୍ତା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସହକାରୀ ଉପନିବନ୍ଧକ ଅମିତ କୁମାର ସେଠୀ ଓ ସରପଞ୍ଚ ଅସିତ୍ କୁମାର ତ୍ରିପାଠୀ କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ପୁରାତନ କଳା ଓ ସଂସ୍କୃତିକୁ ପ୍ରାଧାନ୍ୟ ଦେଇଥାଏ ବୋଲି ମତ ପ୍ରକାଶ କରିବା ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାର ପ୍ରାରମ୍ଭରେ ସମ୍ପାଦକ ରଣଜିତ୍ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପରେ ଓଡ଼ିଶା ରାଜ୍ୟ ସରକାରଙ୍କ କଳା ସଂସ୍କୃତି ବିଭାଗ ଓ ସ୍ଥାନୀୟ କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

ବାଲୁଗାଁ,୮।୬(ସମିସ) : ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଚିଲିକା ବ୍ଲକ୍ କାର୍ଯ୍ୟାଳୟ ପରିସରସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଏବଂ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଆରକ୍ଷୀ ଅଧୀକ୍ଷକ ପରମାର ସ୍ମିଥ ପୁରୁଷୋତ୍ତମ ଦାସ ସାମିଲ ହୋଇ ବିଭିନ୍ନ ଆପତ୍ତି ଅଭିଯୋଗ ପତ୍ର ଗ୍ରହଣ କରି ଶୁଣାଣି କରିଥିଲେ। ଉକ୍ତ ଶିବିରରେ ସମୁଦାୟ ୫୩ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ୪୪ଟି ଅଭିଯୋଗ ବ୍ୟକ୍ତିଗତ ଓ ୯ ଗୋଟି ଅଭିଯୋଗ ସାମୁହିକ ଗ୍ରାମୀଣ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା। ସେଥିମଧ୍ୟରୁ ୧୫ ଗୋଟି ଅଭିଯୋଗ ଦରଖାସ୍ତର ସ୍ଥଳ ବିଶେଷରେ ତତ୍କାଳ ସମାଧାନ କରାଯାଇ ଥିବା ବେଳେ ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକର ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ଉପ ଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ସହକାରୀ ଜିଲ୍ଲାପାଳ ଅଭିଯୋଗ ଭୁବନେଶ୍ୱରୀ କଅଁର, ଚିଲିକା ବିଡିଓ ପୁନମ୍ ମହାପାତ୍ର, ତହସିଲଦାର କାହ୍ନୁ ଚରଣ ଘଡ଼ାଇ ଓ ଚିଲିକା ବ୍ଲକ୍ ଅଧ୍ୟକ୍ଷା ଜୋସ୍ନାରାଣୀ ବେହେରା ଓ ଆଇନ ମନ୍ତ୍ରୀଙ୍କ ଓଏସ୍‌ଡି ରୋଷନ ଶତପଥୀ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ସ୍ଥାନୀୟ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଣ୍ଟର ବରିଷ୍ଠ ଅଧିକାରୀମାନେ ଜନଶୁଣାଣି ଶିବିରରେ ସାମିଲ ହୋଇ ଅଭିଯୋଗ ଶୁଣାଣିରେ ସହଯୋଗ କରିଥିବା ବେଳେ ବହୁ ଜନ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ଉଗ୍ରତାରାଙ୍କ ହୁଣ୍ଡିରୁ ମିଳିଲା ୫.୬୭.୯୧୦ ଟଙ୍କା

ଟାଙ୍ଗୀ,୮।୬(ସମିସ): ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶକ୍ତି ପୀଠ ଟାଙ୍ଗୀ ବ୍ଲକ୍ ଅଧୀନ ଭୁଷଣ୍ଡପୁର ମୂଳିଝର ଗଡ଼ରେ ବିଜେ ମା 'ଉଗ୍ରତାରା ଠାକୁରାଣୀଙ୍କ ହୁଣ୍ଡିରୁ ଭକ୍ତମାନଙ୍କ ଦ୍ୱାରା ଦାନ ମିଳିଥିବା ୫.୬୭.୯୧୦ ଟଙ୍କା ବାହାରିଥିବା ଜଣାପଡ଼ିଛି। ଏହି ଦାନ ଅର୍ଥ ୩ ମାସ ମଧ୍ୟରେ ମିଳିଛି। ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ର, ଭୁଷଣ୍ଡପୁର ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ନାୟକ ସାନ ରାଉତପଡ଼ା ସରପଞ୍ଚ କିଶୋର କୁମାର ରାଉତରାୟ ମନ୍ଦିର କର୍ମଚାରୀ କୁମର ପାତ୍ର ପ୍ରମୁଖ ଗଣତି ସମୟରେ ଉପସ୍ଥିତ ଥିଲେ।

## ଜାତୀୟ କରାଟେ ପ୍ରତିଯୋଗିତାରେ ଆଦିତ୍ୟରାଜଙ୍କୁ ସ୍ୱର୍ଣ୍ଣ

ବାଲୁଗାଁ,୮।୬(ସମିସ): ବାଲୁଗାଁ ଅଞ୍ଚଳର ଆଦିତ୍ୟରାଜ୍ ପ୍ରଧାନ ଉତ୍ତରାଖଣ୍ଡ ରାଜ୍ୟର ଡେରାଡୁନ ଠାରେ ଅନୁଷ୍ଠିତ ଜାତୀୟ କରାଟେ ପ୍ରତିଯୋଗିତାର ସବ-ଜୁନିଅର କାଟାଗୋରୀ କରାଟେରେ ଅଂଶ ଗ୍ରହଣ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରତିବର୍ଷ ପରି ଜୁନ ୪ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ବାଲୁଗାଁ ଅଞ୍ଚଳର ଚିଲିକା ପ୍ରେସ୍ କ୍ଲବ ସଭାପତି ପ୍ରକାଶ ପ୍ରଧାନ ଓ ପତ୍ନୀ ଚିନ୍ମୟ ପ୍ରଧାନଙ୍କ ଏକ ମାତ୍ର ପୁଅ ଆଦିତ୍ୟ ରାଜ୍ ପ୍ରଧାନ, ଖୋର୍ଦ୍ଧା ଜିଲ୍ଲାର ଉତ୍କଳ କରାଟେ ସ୍କୁଲ, ବାଲୁଗାଁ ଶାଖା ତରଫରୁ କରାଟେ ପ୍ରଶିକ୍ଷାର୍ଥୀ ଭାବେ ଓଡ଼ିଶାରୁ ମନୋନୀତ ହୋଇ ଜାତୀୟ ସ୍ତରରେ ସବ୍-ଜୁନିଅର କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ଆଦିତ୍ୟ ଗତ ୩ ବର୍ଷ ଧରି ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିବା ବେଳେ ଚଳିତବର୍ଷ ଜାତୀୟ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ସଫଳ ହୋଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଓ ଜାତୀୟ କରାଟେ କ୍ରୀଡା ବିଭାଗର ସଭାପତି ଭରତ ଶର୍ମା ଆଦିତ୍ୟଙ୍କୁ ସ୍ୱର୍ଣ ପଦକରେ ମଣ୍ଡିତ କରିଥିଲେ। ଆଦିତ୍ୟଙ୍କ ଏହି ସଫଳତା ପାଇଁ ପରିବାର ଓ ବାଲୁଗାଁ ଅଞ୍ଚଳର କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ସଫଳତା ପାଇଁ ସେ ନିଜର ପିତାମାତା, କରାଟେ ମୁଖ୍ୟ କୋଚ ଦୀପକ ସାମନ୍ତରାୟ, ପ୍ରଶିକ୍ଷକ ସଂଗ୍ରାମନାୟକ, ପ୍ରତାପଜେନା ଏବଂ ସାଲୋନୀପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।




### ● ଖୋର୍ଦ୍ଧା ସହର ଭିତରକୁ ପ୍ରବେଶ ପଥ ପ୍ରସଙ୍ଗ

## ବିଧାୟକଙ୍କୁ ନକ୍ସା ପ୍ରଦାନ କଲା ଖୋର୍ଦ୍ଧା ବିକାଶ ମଞ୍ଚ

ଖୋର୍ଦ୍ଧା,୮।୬(ସମିସ): ଭୁବନେଶ୍ୱର ଦିଗରୁ ଖୋର୍ଦ୍ଧା ସହରକୁ ଆସିଲା ବେଳେ ମୁଖ୍ୟ ପ୍ରବେଶ ପଥକୁ ନେଇ ଚାଳକମାନେ ଦ୍ୱନ୍ଦ୍ୱରେ ରହୁଛନ୍ତି। ତେଣୁ ଏ ଦ୍ୱନ୍ଦ୍ୱ ଦୂର କରିବାକୁ କେଉଁଟା ମୁଖ୍ୟ ପ୍ରବେଶ ପଥ ହେବ ସେ ସମ୍ପର୍କରେ ପ୍ରସ୍ତାବ ଓ ଏକ ବିଧିବଦ୍ଧ ନକ୍ସା ଆଜି ଖୋର୍ଦ୍ଧା ବିକାଶ ମଞ୍ଚ ତରଫରୁ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କୁ ପ୍ରଦାନ କରାଯାଇଛି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ୧୯୮୩ ମସିହାରେ ୧୬ନମ୍ବର ଜାତୀୟ ରାଜପଥ ନୂତନ ଭାବେ ତିଆରି ହେଲା ବେଳେ ଖୋର୍ଦ୍ଧାରେ ଏହାର ଏକ ବାଇପାସ୍ ନିର୍ମାଣ କରାଯାଇଥିଲା। ଏହାପରେ ୨୦୦୨ ମସିହାରେ ଏହି ରାଜପଥର ଦୋହରୀକରଣ ସମୟରେ ଉକ୍ତ ବାଇପାସ୍‌ରେ ଅନେକ ଗୁଡ଼ିଏ ଫ୍ଲାଏ ଓଭର ବ୍ରିଜ୍ ତିଆରି କଲାବେଳେ ଖୋର୍ଦ୍ଧା ସହର ଭିତରକୁ କେଉଁଟା ମୁଖ୍ୟ ପ୍ରବେଶ ପଥ ହେବ ତାହା ଉପରେ କେହି ଦୃଷ୍ଟିପାତ କରିନଥିଲେ। ଯାହା ଫଳରେ ଶହ ଶହ ଯାତ୍ରୀ ବାଟ ନ ପାଇ ବାଟବଣା ହେଉଛନ୍ତି। ଭୁବନେଶ୍ୱରରୁ ଖୋର୍ଦ୍ଧା ସହର ଭିତରକୁ ପ୍ରବେଶ କରିବାକୁ ଥିବା ଯାନଗୁଡ଼ିକ ପ୍ରଥମେ ପିତାପଲ୍ଲୀ ଓଭରବ୍ରିଜ ପୂର୍ବରୁ ଥିବା ନଡ଼ିଆବଗିଚାଠାରୁ ସର୍ଭିସ୍ ରୋଡ୍‌ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବ। ସର୍ଭିସ୍ ରୋଡ୍ ଆରମ୍ଭରୁ ଏକ ରୋଡ୍ କ୍ରସ୍ ଐତିହାସିକ ପାଇକ ସ୍ମାରକୀ ତୋରଣ ରହିବ, ଯେଉଁଥିରେ ଲେଖା ହେବ ଖୋର୍ଦ୍ଧା ସହରକୁ ପ୍ରବେଶ ପଥ ଆରମ୍ଭ ଗେଟ୍ ନଂ-୧। ଏହାପରେ ସର୍ଭିସ୍ ରୋଡ୍‌ରେ ପିତାପଲ୍ଲୀଠାରୁ ୧ କ.ମି ଗଲେ ମୁକୁନ୍ଦପ୍ରସାଦ-ଜଟଣୀ ବାଇପାସ୍ ଛକ ପଡ଼ିବ। ସେହି ଛକ ଉପରେ ଗେଟ୍ ନଂ-୨ ଖୋର୍ଦ୍ଧା ସହରକୁ ରାସ୍ତା (ଭାରିଯାନ ଚଳାଚଳ ନିଷେଧ) ଲେଖା ହେବ। ଏହାପରେ ଆଉ ୧ କି.ମି. ଆଗକୁ ଗଲେ ବାଟ ମଙ୍ଗଳା ଛକ ସ୍ଥିତ ଓଭରବ୍ରିଜ୍ ନିକଟରେ ଗେଟ୍ ନଂ-୩ ଖୋର୍ଦ୍ଧା ସହରକୁ ରାସ୍ତା (ଭାରିଯାନ ଚଳାଚଳ ନିଷେଧ) ଉଲ୍ଲେଖ ରହିବ। ବାଟ ମଙ୍ଗଳା ଛକରୁ ୧୦୦ମିଟର ଆଗକୁ ଗଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଓଭର ବ୍ରିଜ ନିକଟରେ ଆଉ ଏକ ଗେଟ୍‌ରେ ଲେଖା ହେବ, ଗେଟ୍ ନଂ -୪, ଖୋର୍ଦ୍ଧା ସହରକୁ ମୁଖ୍ୟ ପ୍ରବେଶ ପଥ। ଏହି ପଥ ଦେଇ ସମସ୍ତ ଯାନ ନୂଆ ବସ୍‌ଷ୍ଟାଣ୍ଡ ଅଭିମୁଖେ ଯାତ୍ରା କରିବ ବୋଲି ମଞ୍ଚ ପକ୍ଷରୁ ଏକ ପ୍ରସ୍ତାବ ଏବଂ ଏ ନେଇ ଏକ ନକ୍ସା ପ୍ରଦାନ କରାଯାଇଛି। ଆଜିର ଏହି ଅଭିଯାନରେ ଖୋର୍ଦ୍ଧା ବିକାଶ ମଞ୍ଚର ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ସମେତ ସମବାୟବିତ୍ ନିତ୍ୟାନନ୍ଦ ଦାଶ, ସମାଜସେବୀ ବୈକୁଣ୍ଠନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଧାୟକଙ୍କୁ ଏକ ନକ୍ସା ପ୍ରଦାନ କରିଥିଲେ।



## କୁଶପଲା ଶୀତଳ ଷଷ୍ଠୀ ମହୋତ୍ସବ 'ବିଶ୍ୱାସ' ଉଦ୍‌ଯାପିତ




ବେଗୁନିଆ,୮।୬(ସମିସ): ବେଗୁନିଆ ବ୍ଲକ୍ କୁଶପଲା ଗ୍ରାମ୍ୟ କମିଟି ପକ୍ଷରୁ ଚାରିଦିନ ଧରି ଚାଲିଥିବା ଶୀତଳ ଷଷ୍ଠୀ ମହୋତ୍ସବ 'ବିଶ୍ୱାସ' ଉଦ୍‌ଯାପିତ ହୋଇଛି। ଏଥିରେ ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ମୁଖ୍ୟବକ୍ତା, ସରପଞ୍ଚ ଅସିତ୍ କୁମାର ତ୍ରିପାଠୀ, ସମାଜପ୍ରେମୀ ଲକ୍ଷ୍ମୀକାନ୍ତ ମହାପାତ୍ର, ବିଜୟାନନ୍ଦ ମହାପାତ୍ର, ଗ୍ରାମ୍ୟ କମିଟି ଉପସଭାପତି ଧୀରଞ୍ଜନ ପାତ୍ର, କୋଷାଧ୍ୟକ୍ଷ ଅବଦୁଲ ଦୟାନ ଖାଁ ଓ ସଦସ୍ୟ ସର୍ବେଶ୍ୱର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହୋତ୍ସବ ଭାତୃଭାବ ଓ ଐକ୍ୟତା ସୃଷ୍ଟି କରିବାକୁ ସୁଯୋଗ ଦେଇଥାଏ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାର ପ୍ରାରମ୍ଭରେ ସମ୍ପାଦକ ଲଡୁ କିଶୋର ପଟ୍ଟନାୟକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପରେ ଭୁବନେଶ୍ୱର ଭକ୍ତି ପ୍ରାର୍ଥନା ଭଜନ ସନ୍ଧ୍ୟା, ଖୋର୍ଦ୍ଧା ଡିଭାଇନ ଡ୍ୟାନ୍‌ସ ଗ୍ରୁପ ଓ ବଲାଙ୍ଗୀର ସଙ୍ଗୀତ ସାଧନା ଅର୍କେଷ୍ଟ୍ରା ସହ ସ୍ଥାନୀୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍; ଟିପିସିଓଡିଏଲ୍ ଅଫିସ୍‌ରେ ତାଲା ପକାଇ ଉପଭୋକ୍ତାଙ୍କ ଧାରଣା

ବାଣପୁର,୮।୬(ସମିସ) : ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ଲୋକଙ୍କ ପାଇଁ ବେଡ଼ି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି। ବାଣପୁର ବାଲୁଗାଁ ଅଞ୍ଚଳରେ ବିଦ୍ୟୁତ ବିଭାଗ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ କରି ଚାଲିଛନ୍ତି। ଫଳରେ ସାଧାରଣ ଉପଭୋକ୍ତା ଗରମ ଗୁଳୁଗୁଳିରେ ସିଝି ଡହଳ ବିକଳ ହେଉଛନ୍ତି। ଏ ନେଇ ବାରମ୍ବାର ଅଞ୍ଚଳର ଜନସାଧାରଣ ଅଭିଯୋଗ କରି ଆସୁଥିବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇ ଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ଲୋକେ ଅଭିଯୋଗ କରିଛନ୍ତି। ଏପରିସ୍ଥଳେ ଟିପିସିଓଡିଏଲ କମ୍ପାନୀର ବାଲୁଗାଁ ଡିଭିଜନ ଅଧୀନ ବାଣପୁର ଆଙ୍କୁଲା ପଦର ସେକ୍ସନ-୨ ଅଧୀନରେ ଥିବା ୯ଟି ପଞ୍ଚାୟତ ଓ ଏନ୍‌ଏସିର ଦୁଇଟି ୱାର୍ଡରେ ଗତ ୮ ଦିନ ଧରି ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ହେଉଛି। ବାଣପୁର ଆଙ୍କୁଲା ପଦରସ୍ଥିତ ବିଦ୍ୟୁତ ବିଭାଗର ସେକ୍ସନ-୨ କାର୍ଯ୍ୟାଳୟକୁ ଦୌଡ଼ି ଅଞ୍ଚଳବାସୀ ଜେଇ ଓ ଏସଡିଓଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିବା ବେଳେ ଗତ ୩ ତାରିଖରେ ସେକ୍ସନ -୨ ଜେଇ ଏପରି ସମସ୍ୟା ଆଉ ହେବ ନାହିଁ, ସମାଧାନ ହୋଇ ଯିବ ବୋଲି ପ୍ରତିଶ୍ରୁତି ଦେଇ ଥିଲେ ମଧ୍ୟ ଏଯାବତ୍ ଏହାର କୌଣସି ସୁଫଳ ନ ମିଳିବାରେ ସୋମବାର ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ବିଦ୍ୟୁତ ଉପଭୋକ୍ତା ବାଣପୁର ସେକ୍ସନ-୨ କାର୍ଯ୍ୟାଳୟରେ ତାଲା ପକାଇ ବାଣପୁର ତହସିଲ ଛକ ନିକଟରେ ଧାରଣା ଦେଇ ବସିଥିଲେ। ଅଞ୍ଚଳବାସୀ ବିଭିନ୍ନ ଦାବିରେ ଧାରଣା ଦେଇଥିଲେ। ଯଦି ସମସ୍ୟାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଉପଭୋକ୍ତା ଚେତାବନୀ ଦେଇଛନ୍ତି। ଖବରପାଇ ଧାରଣାସ୍ଥଳରେ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ବାଣପୁର ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ଓ ବିଦ୍ୟୁତ ବିଭାଗ ବାଲୁଗାଁ ଡିଭିଜନ ଏସ୍‌ଡିଓ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ସମାଧାନ ଲାଗି ପ୍ରତିଶ୍ରୁତି ଦେବାରେ ଧାରଣା ହଟିଥିଲା।



### ● ୧୬ ବର୍ଷରୁ କମ୍ ଜଟଣୀ କପ୍ କ୍ରିକେଟ

## ଖୋର୍ଦ୍ଧା କ୍ରିକେଟ କ୍ଲବ୍ ଚାମ୍ପିଅନ




ଖୋର୍ଦ୍ଧା/ଜଟଣୀ,୮।୬ (ସମିସ): ଜଟଣୀ କ୍ରିକେଟ୍ ଏକାଡେମୀ ଆନୁକୂଲ୍ୟରେ ୧୬ବର୍ଷରୁ କମ୍ ବୟସର କ୍ରିକେଟ ଖେଳାଳିଙ୍କୁ ନେଇ ଜଟଣୀ କ୍ରିକେଟ୍ କପ୍ ୨୦୨୬ ସ୍ଥାନୀୟ ଜଟଣୀ ମହାବିଦ୍ୟାଳୟ ଖେଳ ପଡ଼ିଆଠାରେ ଗତ ମେ ୩୧ ତାରିଖରୁ ଜୁନ୍ ୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଟୁର୍ଣ୍ଣାମେଣ୍ଟରେ କଟକ ରାଇଜିଂ ଷ୍ଟାର୍ କ୍ଲବ୍‌କୁ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ୩୧ ରନ୍‌ରେ ପରାସ୍ତ କରି ଦ୍ୱିତୀୟ ସଂସ୍କରଣର ଚାମ୍ପିଅନ ହୋଇଛି। ପ୍ରଥମେ ଟସ୍‌ରେ ଜିତି ଖୋର୍ଦ୍ଧା ଦଳ ୨୦ ଓଭର ରୁ ୫ ୱିକେଟ ହରାଇ ୧୫୮ ରନ କରିଥିଲେ। ଜବାବ୍‌ରେ କଟକ ରାଇଜିଂ କ୍ଲବ୍ ୧୮ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୭ ରନ୍‌ରେ ସୀମିତ ରହିଥିଲା। ଖୋର୍ଦ୍ଧା ଦଳର ଜଗନ୍ନାଥ ବେହେରାଙ୍କୁ ମ୍ୟାନ ଅଫ୍ ଦି ଫାଇନାଲ ରୂପେ ବିବେଚନା କରାଯାଇ ଥିବା ବେଳେ ଟୁର୍ଣ୍ଣାମେଟର ଶ୍ରେଷ୍ଠ ବ୍ୟାଟର ଭାବେ ଆୟୁଷ ପ୍ରଧାନ, ଶ୍ରେଷ୍ଠ ବୋଲର ଭାବେ ଆରିଆନ ପାଟଶାଣୀ, ଶ୍ରେଷ୍ଠ ଫିଲଡର ଭାବେ ଆଦିତ୍ୟ ବର୍ଦ୍ଧନ ମେଣ୍ଡୋଲି, ଶ୍ରେଷ୍ଠ ଉଇକେଟ କିପର ଭାବେ ଆୟୁଷ ଗୌଡ଼ ଓ ମ୍ୟାନ ଅଫ ଦି ସିରିଜ ଭାବେ ଆରିଆନ ମହାନ୍ତି ପୁରସ୍କୃତ ହୋଇଥିଲେ।

### ଆଦର୍ଶ ଥାନା ପୁଲିସ ପଞ୍ଝାରେ ଡକାୟତି ଗ୍ୟାଙ୍ଗ

# ଡକାୟତି ଉଦ୍ୟମ ପଣ୍ଡ; ୬ ଗିରଫ

ଖୋର୍ଦ୍ଧା, ୮।୬(ସମିସ ): ଖୋର୍ଦ୍ଧା ଆଦର୍ଶଥାନା ପୁଲିସ ପଞ୍ଝାରେ ପଡ଼ିଛନ୍ତି ଡକାୟତି ଗ୍ୟାଙ୍ଗ। ଖୋର୍ଦ୍ଧା ସହର ଓ ୫୭ନଂ ଜାତୀୟ ରାଜପଥରେ ଲୁଟପାଟ କରିବାକୁ ଯୋଜନା କରୁଥିବା ଏକ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସକ୍ଷମ ହୋଇଛି ପୁଲିସ। ଜାତୀୟ ରାଜପଥରେ ଅନ୍ଧାର ରାତିର ସୁଯୋଗ ନେଇ ଏକ ଗ୍ୟାଙ୍ଗ ବିଭିନ୍ନ ସମୟରେ ଡକାୟତି କରୁଥିବା ପୁଲିସ କହିଛି। ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ଏହି ଗ୍ୟାଙ୍ଗର ୬ ଜଣଙ୍କୁ ନାଲିପଡ଼ା ଅର୍ଜୁନପୁରସ୍ଥିତ ଷଷ୍ଠ ଆଇଆର୍‌ବିଏନ୍ ଏଫ୍ ଟାଇପ୍ କ୍ୱାର୍ଟର ପଛପଟ ଖଣି ଅଞ୍ଚଳରୁ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫମାନେ ହେଲେ ସ୍ଥାନୀୟ ନାଲିପଡ଼ା ଅର୍ଜୁନପୁରର ପ୍ରଶାନ୍ତ ପାଣ୍ଡିଆ (୨୭), ଶରଧାପୁରର ରାଜେନ୍ଦ୍ର ବେହେରା (୧୯), ଖ୍ରୀଷ୍ଟିଆନ ସାହିର ସମ୍ବିତ୍ ସିଂହ (୧୯), ବାସେଲିସାହିର ଦେବୀପ୍ରସାଦ ସାହୁ (୨୧), ଟାଙ୍ଗୀ ଥାନା ବଡ଼ପାରୀର ରଶ୍ମୀରଞ୍ଜନ ମାନ୍ଧାତା (୨୬) ଏବଂ ପୁରୀ ଟାଉନ୍ ହରିଚନ୍ଦନ ସାହିର ବିକ୍ରମ ରଥ (୨୬)। ସେମାନଙ୍କ ଠାରୁ ଏକ ଡମି ପିସ୍ତଲ, ଏକ ଲୁହା ଚାପଡ଼, ଦୁଇଟି ଛୁରି, ୫ଟି ମୋବାଇଲ୍, ୩ଟି ଲୁହା ରଡ୍, ୨ଟି ବାଇକ୍ ଓ କିଛି ସିଗାରେଟ୍ ବଟ୍‌କୁ ପୁଲିସ ଜବତ କରିଛି। ପୁଲିସ ସୂଚନା ଅନୁସାରେ, ନାଲିପଡ଼ା ଅର୍ଜୁନପୁରସ୍ଥିତ ଷଷ୍ଠ ଆଇଆର୍‌ବିଏନ୍ ଏଫ୍ ଟାଇପ୍ କ୍ୱାର୍ଟର୍ସ ପଛପଟ ଖଣି ଅଞ୍ଚଳରେ ଗତକାଲି ବିଳମ୍ବିତ ରାତିରେ ଏକ ସଶସ୍ତ୍ର ଡକାୟତି ଯୋଜନା ଚାଲିଥିବା ଖବରପାଇଥିଲା ଆଦର୍ଶଥାନା ପୁଲିସ। ସେମାନଙ୍କୁ ଧରିବାକୁ ଏସ୍‌ପି ପରମାର ସ୍ମିତ ପର୍ଶୋତ୍ତମ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ପଙ୍କଜ କୁମାର ମାଝୀ ଓ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଗତକାଲି ରାତିରେ ଏସ୍‌ଆଇ ଦୀନେଶ କୁମାର ପିଙ୍ଗୁଆଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ଚଢ଼ଉ କରିଥିଲା। ଏହି ସମୟରେ ଯୁବକମାନେ ଏକାଠି ବସି ନିଶା ସେବନ କରୁଥିବାବେଳେ ପୁଲିସ ଚଢ଼ଉ ଦେଖି ସେମାନେ ଛତ୍ରଭଙ୍ଗ ଦେଇଥିଲେ ହେଁ ପୁଲିସ ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ସେମାନଙ୍କ ଠାରୁ ପୁଲିସ ନକଲି ବନ୍ଧୁକ ସମେତ ମାରଣାସ୍ତ୍ର, ମୋବାଇଲ ଫୋନ୍ ଓ ୨ଟି ବାଇକ୍ ଜବତ କରିଥିଲା।



### ନକଲି ବନ୍ଧୁକ, ମାରଣାସ୍ତ୍ର, ୫ମୋବାଇଲ, ୨ ବାଇକ୍ ଜବତ୍

ସେମାନଙ୍କୁ ଥାନାରେ ପଚରାଉଚରାବେଳେ ଖୋର୍ଦ୍ଧା ସହର ଓ ୫୭ନଂ ଜାତୀୟ ରାଜପଥ ଦେଇ ଯାଉଥିବା ଗାଡ଼ି ଗୁଡ଼ିକରୁ ଡକାୟତି ପାଇଁ ଯୋଜନା କରୁଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ଏ ନେଇ ଏସ୍‌ଆଇ ପିଙ୍ଗୁଆଙ୍କ ଅଭିଯୋଗ କ୍ରମେ ୩୧୦(୪)/୩୧୦(୫)/୨୯୬/୩୫୧(୩) ବିଏନ୍‌ଏସ୍‌ରେ ୩୪୧/୨୬ରେ ଏକ ମାମଲା ରୁଜୁ କରି ଗିରଫ ୬ଜଣଙ୍କୁ ପୁଲିସ କୋର୍ଟଚାଲାଣ କରିଛି ବୋଲି ଥାନା ଅଧିକାରୀ ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

ଏହି ଚଢ଼ଉରେ ଏସ୍‌ଆଇ ପିଙ୍ଗୁଆଙ୍କ ସମେତ ଏଏସ୍‌ଆଇ ସୁଶାନ୍ତ ମଲ୍ଲିକ, କନେଷ୍ଟବଲ ନାରାୟଣ ନାୟକ, ରାକେଶ ମୁଦୁଲି, ସୁନିତା ବରାଳ, ଗୃହରକ୍ଷୀ ଶ୍ରୀନିବାସ ମହାପାତ୍ର ପ୍ରମୁଖ ସାମିଲ ଥିଲେ। ମାମଲାର ତଦନ୍ତ ଭାର ଏସ୍‌ଆଇ ସସ୍ମିତା ବେହେରାଙ୍କୁ ଦିଆଯାଇଛି ବୋଲି ଥାନା ଅଧିକାରୀ ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

# ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ଯଶସ୍ୱୀ ହେବେ। ମଧୁର କଥା କହି ପରକୁ ଆପଣାର କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ।

**ବୃଷ:** ଧର୍ମକର୍ମ ପ୍ରତି ମନ ବଳିପାରେ। ଆୟ ଆଶାନୁରୂପ ହେବ। ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ପିତାମାତା ଚିନ୍ତିତ ରହିପାରନ୍ତି। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମିଥୁନ:** ମାଲିମୋକଦ୍ଦମାରେ ବୀଜୟୀ ହେବେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାନ ଧର୍ମ କରନ୍ତୁ।

**କର୍କଟ:** ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। ବ୍ୟକ୍ତିଗତ କଥା କାହା ଆଗେ ପ୍ରକାଶ କରନ୍ତୁନି। ପରୋପକାରୀ ହେବେ।

**ସିଂହ:** ଅତିଥି ସତ୍କାର କରିପାରନ୍ତି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଭାଇଭାଇଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ।

**କନ୍ୟା:** ବନ୍ଧୁଙ୍କଠାରୁ ସହାୟତା ମିଳିବ। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଆୟ ଓ ବ୍ୟୟ ସମାନ ରହିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଚାନକ ଖୁସି ଖବର ପାଇବେ। ପିଲାମାନେ ଖେଳମନସ୍କ ହେବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କର୍ମଚାରୀଙ୍କ ସହଯୋଗ ମିଳିପାରେ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିପାରେ। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**ଧନୁ:** ତରବରିଆ ଭାବେ ନିଷ୍ପତ୍ତି ନେବା ଅନୁଚିତ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିଜ ପାଇଁ ସମୟ ବାହାର କରିବେ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**ମକର:** ଦିନଟି ବ୍ୟସ୍ତ ଭିତରେ କଟିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଆଇଟି କର୍ମଚାରୀଙ୍କୁ ସଫଳତା ମିଳିବ।

**କୁମ୍ଭ:** ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବୈବାହିକ ଜୀବନ ସୁଖମୟ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ। ନିଜ ଲୋକ ଶତ୍ରୁ ସାଜିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ଦୀର୍ଘଦିନର ଆଶା ପୂରଣ ହେବ। ଯୋଜନା ମୁତାବକ କାମ କରିବେ। ନୂତନ ବ୍ୟବସାୟରୁ ଲାଭ ମିଳିପାରେ। ବିଦ୍ୟାର୍ଥୀ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

## ଆଜିର ଇତିହାସ

- ୧୯୦୦- ମହାନ୍ ବିପ୍ଳବୀ ବିର୍ସା ମୁଣ୍ଡାଙ୍କ ପରଲୋକ।
- ୧୯୬୦- ଚୀନ୍‌ରେ ଆସିଥିବା ତୋଫାନ ଯୋଗୁ ୧୬୦୦ ଲୋକଙ୍କ ପ୍ରାଣହାନି।
- ୧୯୬୪- ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ହେଲେ ଲାଲ୍ ବାହାଦୂର ଶାସ୍ତ୍ରୀ।
- ୧୯୮୦- ମହାକାଶଯାନ ସୋୟୁଜ୍-ଟି ୨ ପୃଥିବୀ ପୃଷ୍ଠକୁ ଫେରିଲା।
- ୨୦୦୮ - ଚଣ୍ଡିଗଡ଼କୁ ତମାଖୁ ମୁକ୍ତ ସହର ଭାବେ ଘୋଷଣା କରାଗଲା।


## 'ଗୋଲମାଲ ୫'ରେ ରଣବୀରଙ୍କ ଏଣ୍ଟ୍ରି



ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କ 'ଗୋଲମାଲ୍' ଫ୍ରାଞ୍ଚାଇଜ୍‌ର ଆଗାମୀ ଚଳଚ୍ଚିତ୍ର 'ଗୋଲମାଲ୍ ୫' କୁ ନେଇ ଦୀର୍ଘଦିନରୁ ଚର୍ଚ୍ଚା ଚାଲିଛି। ଫିଲ୍ମର ଘୋଷଣା ହେବା ପରଠାରୁ ହିଁ ପ୍ରଶଂସକମାନେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଅପରପକ୍ଷରେ ଏଥିରେ ଅକ୍ଷୟ କୁମାରଙ୍କ ଏଣ୍ଟ୍ରି ପ୍ରଶଂସକମାନଙ୍କ ଉତ୍କଣ୍ଠାକୁ ଆହୁରି ବଢ଼ାଇ ଦେଇଛି। ଏବେ ଏହି ଫିଲ୍ମରେ ରଣବୀର ସିଂହ ମଧ୍ୟ ନଜର ଆସିବେ ବୋଲି ଜଣାପଡ଼ିଛି। ରଣବୀର ଏଥିରେ ଅତିଥି କଳାକାର ଭାବେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି। 'ଗୋଲମାଲ୍ ୫' ର କାହାଣୀରେ ଏଥର ସୁପରନ୍ୟାଚୁରାଲ୍ ଏଲିମେଣ୍ଟ ସହିତ ହରର-କମେଡିର ତଡ଼କା ମଧ୍ୟ ଦେଖିବାକୁ ମିଳିବ। ଏହି ଫିଲ୍ମର ପ୍ରଥମ ସିଡ୍ୟୁଲର ସୁଟିଂ ଇତିମଧ୍ୟରେ ଶେଷ ହୋଇଛି। ଏହାକୁ ଉଟିରେ ସୁଟ୍ କରାଯାଇଥିଲା। ଏହାର ପରବର୍ତ୍ତୀ ସୁଟିଂ ଜୁଲାଇ ମାସରେ ଆରମ୍ଭ ହେବ। ଏହାକୁ ମୁମ୍ବାଇରେ ସୁଟ୍ କରାଯିବ। ଏଥିପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ସେହିଭଳି ଗୋଆରେ ଫିଲ୍ମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶର ସୁଟ୍ କରାଯିବ। ଏଥିରେ ଅଜୟ ଦେବଗନ୍, ଅରଶଦ ୱାର୍ସି, ଶ୍ରେୟସ୍ ତଲପଡ଼େ, କୁନାଲ ଖେମୁ ଏବଂ ତୁଷାର କପୁର, ଅକ୍ଷୟ କୁମାର ଆଦି ନଜର ଆସିବେ। ଫିଲ୍ମରେ ଅକ୍ଷୟଙ୍କ ଚରିତ୍ର ତାଙ୍କ ଫିଲ୍ମ 'ହାଉସ୍‌ଫୁଲ୍ ୪'ର 'ବାଲା' ଚରିତ୍ର ଦ୍ୱାରା ଅନୁପ୍ରାଣିତ ହୋଇପାରେ ବୋଲି କୁହାଯାଉଛି। 'ଗୋଲମାଲ୍ ୫' ରେ ତାଙ୍କର ଏଣ୍ଟ୍ରି ମୁଖ୍ୟ ଖଳନାୟକ କିମ୍ବା ନେଗେଟିଭ୍ ରୋଲ୍‌ରେ ହେବ। ସେହିଭଳି 'ଗୋଲମାଲ୍' ପରେ ଏହି ଫ୍ରାଞ୍ଚାଇଜ୍‌ରୁ ଅଲଗା ହୋଇ ଯାଇଥିବା ଶରମନ ଯୋଶୀ 'ଗୋଲମାଲ୍ ୫'ରେ ନଜର ଆସିବେ।

## ଅଜବ ନିୟମ

### ମୋଟା ଲୋକଙ୍କୁ ଚାକିରି ମନା



ମୋଟାପଣ ବା ଓଜନ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ବିଶ୍ୱର ଅନେକ ଦେଶରେ ସ୍ୱତନ୍ତ୍ର ନିୟମ ଓ ସରକାରୀ ନୀତି ପ୍ରଣୟନ କରାଯାଇଛି। ଏହି ନିୟମଗୁଡ଼ିକ ପଛର ମୂଳ ଉଦ୍ଦେଶ୍ୟ ହେଉଛି, ନାଗରିକମାନଙ୍କୁ ସୁସ୍ଥ ରଖିବା ଏବଂ ମୋଟାପଣ ଯୋଗୁଁ ହେଉଥିବା ମଧୁମେହ ଓ ହୃଦ୍‌ରୋଗ ଭଳି ସମସ୍ୟାକୁ କମାଇବା। ହେଲେ ଦକ୍ଷିଣ କୋରିଆ ଏପରି ଏକ ଦେଶ ଯେଉଁଠାରେ ଶିକ୍ଷାଗତ ଯୋଗ୍ୟତା ଅପେକ୍ଷା ଓଜନକୁ ଦେଖି ଚାକିରି ଦିଆଯାଏ। ଦକ୍ଷିଣ କୋରିଆ ସମାଜରେ ଶାରୀରିକ ଗଠନ ଆଧାରରେ ଲୋକଙ୍କ ସହ ଭେଦଭାବ ହେବା ଏକ ସାଧାରଣ କଥା। ସେହିଭଳି ସେଠାକାର କର୍ପୋରେଟ୍ ସଂସ୍କୃତି ଅନୁସାରେ, ଯେଉଁ ବ୍ୟକ୍ତି ନିଜ ଶରୀର ଏବଂ ଓଜନକୁ ନିୟନ୍ତ୍ରଣରେ ରଖିପାରୁ ନାହିଁ, ସେ କମ୍ପାନିର କାମ ଏବଂ ଦାୟିତ୍ୱକୁ ସମ୍ଭାଳିବା କଷ୍ଟକର। ସେଥିପାଇଁ ସେଠାରେ କମ୍ପାନିଗୁଡ଼ିକରେ ନିଯୁକ୍ତି ସମୟରେ ମୋଟା ଲୋକଙ୍କୁ ଅଣଦେଖା କରାଯାଏ। ସେହିପରି ଭାରତ ସମେତ ଅନ୍ୟ ଦେଶ କମ୍ପାନିଗୁଡ଼ିକରେ ରିଜ୍ୟୁମ୍‌ରେ ଫଟୋ ଲଗାଇବା ଅନିବାର୍ଯ୍ୟ ନୁହେଁ। ହେଲେ ଦକ୍ଷିଣ କୋରିଆରେ ଚାକିରି ଆବେଦନ ସମୟରେ ସିଭିରେ ପାର୍ସପୋର୍ଟ ସାଇଜ୍ ଫଟୋ ଲଗାଇବା ଜରୁରି। ଏଥିସହ ସାକ୍ଷାତକାର ସମୟରେ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ସହ ଆବେଦନକାରୀ କେତେ ଫିଟ୍ ଏବଂ ଆକର୍ଷଣୀୟ ତାହା ଦେଖାଯାଉଛି ସେନେଇ ଚର୍ଚ୍ଚା ହୋଇଥାଏ। ଅଧିକ ମୋଟା ହେବା ଏଠାରେ ଆଳସ୍ୟତାର ପ୍ରତୀକ ଭାବେ ଜଣାଯାଏ। ଏଭଳି ସାମାଜିକ ଚାପ ଯୋଗୁଁ, ଦକ୍ଷିଣ କୋରିଆର ଯୁବପିଢ଼ି ଚାପଗ୍ରସ୍ତ ହୋଇ ଭୋକିଲା ରହି ପତଳା ହେବା ଚକ୍କରରେ ରୋଗଗ୍ରସ୍ତ ହୋଇ ପଡ଼ନ୍ତି। ପ୍ରତିଭାବାନ ଏବଂ ଉଚ୍ଚ ଶିକ୍ଷିତ ହେବା ସତ୍ତ୍ୱେ, ଅନେକ ଯୁବକ ଓଜନ ଅଧିକ ହେବା କାରଣରୁ ଚାକିରିରେ ପ୍ରତ୍ୟାଖ୍ୟାନର ସମ୍ମୁଖୀନ ହୁଅନ୍ତି। ସୁନ୍ଦର ଦେଖାଯାଉଥିବା କର୍ମଚାରୀମାନେ କମ୍ପାନିର ବ୍ରାଣ୍ଡ ମୂଲ୍ୟ ବୃଦ୍ଧି କରନ୍ତି ବୋଲି ଏଠାକାର କମ୍ପାନିଗୁଡ଼ିକ ଭାବନ୍ତି। ଏବେ ଏହି ସମସ୍ୟାର ସମାଧାନ ପାଇଁ, ଦକ୍ଷିଣ କୋରିଆ ସରକାର କଠୋର ପଦକ୍ଷେପ ନେଇଛନ୍ତି। ସରକାର ଫେୟାର ହାଇରିଂ ପ୍ରାକ୍ଟିସ୍ ଆକ୍ଟରେ ସଂଶୋଧନ କରିଛନ୍ତି, ଯଦ୍ୱାରା ୩୦ ରୁ ଅଧିକ କର୍ମଚାରୀ ଥିବା କମ୍ପାନିଗୁଡ଼ିକ ସେମାନଙ୍କ ଆବେଦନ ଫର୍ମରୁ ଫଟୋଗ୍ରାଫ୍, ଉଚ୍ଚତା, ଓଜନ ଏବଂ ପାରିବାରିକ ପୃଷ୍ଠଭୂମି ଭଳି ଦିଗଗୁଡ଼ିକୁ ହଟାଇବା ବାଧ୍ୟତାମୂଳକ କରାଯାଇଛି। ଏହାସତ୍ତ୍ୱେ ବି ସାକ୍ଷାତାକାର ସମୟରେ ଏଭଳି ଭେଦଭାବ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଦେଖାଯାଇଛି।

## ଆଜି ଆସିଥିଲେ

### ଜନନାୟିକା ନନ୍ଦିନୀ



ବହୁମୁଖୀ ପ୍ରତିଭାର ଅଧିକାରିଣୀ ଥିଲେ ଓଡ଼ିଶାର ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ। ସେ ଏକାଧାରରେ ଥିଲେ ଜଣେ ରାଷ୍ଟ୍ରନୀତିଜ୍ଞା, ସୁସାହିତ୍ୟିକା, ସୁଶାସିକା, ଶିକ୍ଷା, କୃଷି ଓ ଶିଳ୍ପାୟନର ମୁଖ୍ୟ ବିଧାଣୀ। ୧୯୬୨ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପ୍ରାୟ ଚାରି ଦଶନ୍ଧି ଧରି ସେ ଓଡ଼ିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ। ରାଜନୀତି କ୍ଷେତ୍ରରେ ତାଙ୍କର ଦୃଢ଼ତା ଓ ସାହସିକତା ପାଇଁ ତାଙ୍କୁ ଓଡ଼ିଶାର "ଆଇରନ ଲେଡି" ବୋଲି କୁହାଯାଏ। ନନ୍ଦିନୀ ୧୯୩୧ ମସିହା ଆଜିର ଦିନରେ କଟକ ଜିଲ୍ଲାର ବକ୍ସିବଜାର ଯାଚକ ଲେନ୍‌ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ପ୍ରଖ୍ୟାତ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ମାତା ରତ୍ନମଣି ଦେବୀ ଥିଲେ। ପିତାଙ୍କ ସୃଜନଶୀଳତା ଓ କକା ଭଗବତୀ ଚରଣ ପାଣିଗ୍ରାହୀଙ୍କ ବୈପ୍ଳବିକ ଚିନ୍ତାଧାରାର ଯୁଗ୍ମ ପ୍ରଭାବ ପଡ଼ିଥିଲା ନନ୍ଦିନୀଙ୍କ ଉପରେ। ଛାତ୍ରାବସ୍ଥାରୁ ରାଜନୀତିରେ ନନ୍ଦିନୀଙ୍କର ଆଗ୍ରହ ଥିଲା। ରେଭେନ୍ସା କଲେଜରେ ପାଠ ପଢୁଥିବା ସମୟରେ ଜାତୀୟ ଯୁବ ଆନ୍ଦୋଳନ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହି ବାରମ୍ବାର ଗିରଫ ହୋଇଥିଲେ। ଖୁବ୍ କମ୍ ବୟସରୁ ସେ କଂଗ୍ରେସରେ ଯୋଗ ଦେଇ ମହିଳା ଫୋରମ୍‌ର ସଭାପତି ହୋଇଥିଲେ। କଟକର ଝିଅ ନନ୍ଦିନୀ ଦେବେନ୍ଦ୍ର ଶତପଥୀଙ୍କୁ ବିବାହ କରି ଢେଙ୍କାନାଳର ବୋହୂ ହୋଇଥିଲେ। ନନ୍ଦିନୀ ପ୍ରଥମେ ୧୯୬୨ ମସିହାରେ ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ଉପମନ୍ତ୍ରୀ ହୋଇଥିଲେ। ପରେ ୧୯୬୮ରେ ପୁଣି ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ରାଷ୍ଟ୍ର ମନ୍ତ୍ରୀ ହୋଇଥିଲେ। ସେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଘନିଷ୍ଠ ଥିଲେ। ନନ୍ଦିନୀ ୧୯୭୨ରୁ ୭୩ ଓ ୧୯୭୪ରୁ ୭୬ ପର୍ଯ୍ୟନ୍ତ ଦୁଇ ଦୁଇ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ସେ କଂଗ୍ରେସରୁ ବାହାରି ଜନତା ଦଳରେ ଯୋଗ ଦେଇଥିଲେ। ୧୯୭୭ରୁ ୮୦ ପର୍ଯ୍ୟନ୍ତ ସେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ଜନତା ଦଳର ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ସେ ଉତ୍କଳ ପ୍ରଦେଶ କଂଗ୍ରେସ ଦଳରେ କିଛି ଦିନ କାର୍ଯ୍ୟ କରିଥିଲେ। ପରେ ସେ ପୁଣି କଂଗ୍ରେସରେ ଯୋଗ ଦେଇଥିଲେ। ଏହି ସମୟରେ ସେ ୧୯୮୦-୮୫, ୧୯୮୫-୯୦ ଓ ୧୯୯୦-୯୫ ପର୍ଯ୍ୟନ୍ତ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଭୂମିହୀନ ଓ ନାମମାତ୍ର ଚାଷୀଙ୍କ ସ୍ଥିତିକୁ ସୁଧାରିବା ପାଇଁ ସେ ଆରମ୍ଭ କରିଥିଲେ ଐତିହାସିକ ଭୂସଂସ୍କାର ଆଇନ୍। ଏହି ଆଇନ୍ ଅନୁସାରେ ବହୁ ଜମିଦାରଙ୍କଠାରୁ ସିଲିଂ ବର୍ହିଭୁତ ଜମି ଆଣି ଭୂମିହୀନଙ୍କୁ ବାଣ୍ଟିବାର ବ୍ୟବସ୍ଥା କରାଯାଇଥିଲା। ନନ୍ଦିନୀଙ୍କର ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ପ୍ରବେଶ ଓ ପ୍ରବଳ ଅନୁରାଗ ଥିଲା। କାବ୍ୟ, କବିତା, ଗଳ୍ପ ଓ ଅନୁବାଦରେ ସେ ତାଙ୍କର ପ୍ରତିଭାର ପରିଚୟ ଦେଇଥିଲେ। ସାହିତ୍ୟକ୍ଷେତ୍ରକୁ ଅବଦାନ ପାଇଁ ତାଙ୍କୁ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ଓ 'ସାହିତ୍ୟ ଭାରତୀ' ପୁରସ୍କାର ମିଳିଥିଲା। ରାଜନୈତିକ ବ୍ୟସ୍ତତା ଭିତରେ ମଧ୍ୟ ସେ ଅମୃତା ପ୍ରୀତମ୍‌ଙ୍କ 'ରସିଦ୍ ଟିକେଟ୍', ତସଲିମା ନସରିନ୍‌ଙ୍କ 'ଲଜ୍ଜା' ପୁସ୍ତକ ଅନୁବାଦ କରିଥିଲେ। ଅଗଷ୍ଟ ୪, ୨୦୦୬ ମସିହାରେ ତାଙ୍କର ଦେହାନ୍ତ ହୋଇଥିଲା।

## କଲମୀ ବାଇଗଣ ଚାଷରୁ ଆୟ ବୃଦ୍ଧି



**ଅଧିକାଂଶ ଚାଷୀ ପାରମ୍ପରିକ ଚାଷ ବଦଳରେ ଅତ୍ୟାଧୁନିକ କୃଷି ପ୍ରଣାଳୀ ଆପଣାଉଛନ୍ତି। ଏହାଦ୍ୱାରା ଲାଭବାନ ହେଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଛତିଶଗଡ଼, ମହାସମୁନ୍ଦ ଜିଲ୍ଲା, ବୋହାରପାର ଗାଁର ନବୀନ ସାଓ। ନବୀନ କଲମୀ ବାଇଗଣ ଚାଷ କରି ନିଜର ଆୟ ବୃଦ୍ଧି କରିପାରିଛନ୍ତି।**

ପାରମ୍ପରିକ ଧାନ ଚାଷରୁ ନବୀନଙ୍କୁ ଲାଭ ନ ମିଳିବାରୁ ସେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ସହାୟତାରେ କଲମୀ ବାଇଗଣ ଚାଷ ଆରମ୍ଭ କଲେ। ଉଦ୍ୟାନ ବିଭାଗ ମାର୍ଗଦର୍ଶନରେ ପ୍ରାୟ ତିନି ଏକର ଜମିରେ ଚାଷ କରିଲେ। ଚାଷ ପାଇଁ ସେ ବୁନ୍ଦା ଜଳ ସେଚନ ଏବଂ ମଲଚିଂ ପ୍ରଣାଳୀ ବ୍ୟବହାର କରିଥିଲେ। ଉନ୍ନତମାନର କଲମୀ ଚାରା ଲଗାଇ ଜମିରେ ଏହାର ସଠିକ୍ ଯତ୍ନ ନେବା ଦ୍ୱାରା ଗଛଗୁଡ଼ିକ ବେଶ୍ ହୃଷ୍ଟପୁଷ୍ଟ ହୋଇଥିଲା। ପ୍ରତି ଏକର ପିଛା ୧୫୫ କ୍ୱିଣ୍ଟାଲ ବାଇଗଣ ଅମଳ ହୋଇଥିଲା। ଏହି ଚାଷରେ ରୋଗ ପୋକ କମ୍ ଲାଗିବା ଆଶଙ୍କା ଥାଏ। ଗଛରେ ପୋକ କିମ୍ବା ବ୍ୟାକ୍ଟେରିଆଜନିତ ଶୁଖିଲା ରୋଗ ହୁଏ ନାହିଁ। ନବୀନ ଅମଳ ବାଇଗଣକୁ ବିକ୍ରି କରି ୨ ଲକ୍ଷ ୪୫ ହଜାର ଟଙ୍କାର ଲାଭ ପାଇଥିଲେ। ଧାନ ଚାଷ ତୁଳନାରେ ଏହି ଚାଷରୁ ତାଙ୍କୁ ଲାଭ ପାଞ୍ଚ ଗୁଣ ମିଳିଥିଲା।

## ସୁବର୍ଣ୍ଣା



### ମାଟିଆଳୁ ଚାଷ



ମାଟିଆଳୁ ମେ'ରୁ ଜୁନ୍ ମାସରେ ଲଗାଯାଏ। ଏହି ଚାଷ ପାଇଁ ଉନ୍ନତ କିସମ ହେଉଛି ଶ୍ରୀକୀର୍ତ୍ତି, ଶ୍ରୀରୂପା, ହାତୀଖୋଜ, ଛୋଟ ମାଟିଆଳୁ- ଶ୍ରୀକଳା, ଧଳା ମାଟିଆଳୁ-ଶ୍ରୀ ଶୁଭ୍ରା, ଶ୍ରୀପ୍ରିୟା, ଶ୍ରୀଧନ୍ୟା ଇତ୍ୟାଦି। ଏକ ଏକର ଜମି ପାଇଁ ୮ ରୁ ୧୦ କୁଇଣ୍ଟାଲ ମାଟିଆଳୁ ଆବଶ୍ୟକ ହୁଏ। ଏହି ଖଣ୍ଡଗୁଡ଼ିକ ୧୫୦ରୁ ୨୦୦ ଗ୍ରାମ୍ ଓଜନର ମୁଣ୍ଡା ବିହନ ଆକାରରେ ଲଗାଯାଏ। ଜମିକୁ ଗୁଣ୍ଡ ଚାଷ କରି ଧାଡ଼ିକୁ ଧାଡ଼ି ତିନିଫୁଟ, ଗଛକୁ ଗଛ ତିନି ଫୁଟ ବ୍ୟବଧାନରେ ଗାତ ଖୋଳାଯାଏ। ଗୋବର ଖତ ଓ ଜମି ଉପରର ଉର୍ବର ମାଟି ସମ ପରିମାଣରେ ମିଶାଇ ଗାତ ଗୁଡିକୁ ପୂରଣ କରିବାକୁ ହୁଏ। ଏକ ଏକର ପ୍ରତି ୩୨ କିଗ୍ରା ଯବକ୍ଷାରଜାନ, ୨୪ କିଗ୍ରା ଫସ୍‌ଫରସ୍ ଓ ୩୨ କିଗ୍ରା ପଟାସ ସାର ପ୍ରୟୋଗ କରିବା ଆବଶ୍ୟକ। ଲଗାଇବାବେଳେ ସମୁଦାୟ ସୁପର ଫସ୍‌ଫେଟ୍ ପ୍ରତି ମନ୍ଦାରେ ମାଟିତଳେ ପ୍ରୟୋଗ କରାଯାଏ। ମନ୍ଦାରେ ମାଟିଆଳୁ ବିହନକୁ ୫ରୁ ୧୦ ସେମି ଗଭୀରରେ ପୋତାଯାଏ। ମୌସୁମୀ ବର୍ଷା ଆରମ୍ଭ ପୂର୍ବରୁ ମାଟିଆଳୁ ଲଗା ହୋଇଥିଲେ ବିହନ ଲଗା ହେବା ପରେ ମନ୍ଦାକୁ ଶୁଖିଲା ନଡ଼ା, ତାଳପତ୍ର ବା ଘାସ ଦେଇ ଘୋଡ଼ାଇ ଦେଇ ପାରିବେ।

## ଲତାଜାତୀୟ ଫସଲ ପାଇଁ ମନ୍ଦା ପ୍ରସ୍ତୁତି



ଲତାଜାତୀୟ ଫସଲ ଯଥା - କଖାରୁ, କାକୁଡ଼ି, ଛଚିନ୍ଦ୍ରା, କଲରା ଚାଷ ପାଇଁ ବର୍ତ୍ତମାନ ମନ୍ଦା ପ୍ରସ୍ତୁତ କରି ପାରିବେ। ଜମିରୁ ଘାସ ବାଛି କୋଡାଖୁସା କରି ମାଟିକୁ ସମତୁଲ କରି ମନ୍ଦା ତିଆରି କରାଯାଏ। ମନ୍ଦାରେ ଉଇ ନ ଲାଗିବା ପାଇଁ ଚାରିପାଖେ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରାଯାଏ। ମୂଳସାର ହିସାବରେ ଭର୍ମିକମ୍ପୋଷ୍ଟ, ଜୈବିକ ଖତ ମାଟିରେ ପ୍ରୟୋଗ କରାଯାଏ। ମନ୍ଦାରେ ବିହନ ଲଗାଇ ଜଳ ସେଚନ କରାଯାଏ। ପାଣିପାଗ ଅନୁସାରେ ହାଲୁକା ଜଳସେଚନ କରାଗଲେ ୫ରୁ ୭ ଦିନରେ ବିହନ ଗଜା ହୋଇଥାଏ।

## କୁକୁଡ଼ାଙ୍କ ରାଣୀକ୍ଷେତ ରୋଗ



ଆମ ରାଜ୍ୟର ଅଧିକାଂଶ ଚାଷୀ କୁକୁଡ଼ା ପାଳନ କରନ୍ତି। କୁକୁଡ଼ାଙ୍କ ସଠିକ୍ ଦେଖାଶୁଣା କଲେ ଲାଭ ମିଳିଥାଏ। ହେଲେ ବେଳେ ବେଳେ ହଠାତ୍ କୁକୁଡ଼ାଙ୍କ ଶାରୀରିକ ସମସ୍ୟା ଦେଖାଯିବା ସହ ସେମାନେ ଖାଇବା ବନ୍ଦ କରିଦିଅନ୍ତି। ଧଳା ଓ ସବୁଜ ଝାଡ଼ା ହୋଇ କୁକୁଡ଼ାଙ୍କ ମୃତ୍ୟୁ ହୋଇଥାଏ। ଏହା ଏକ ଭୂତାଣୁଜନିତ ରୋଗ। ଏଥିପ୍ରତି ସତର୍କ ରହିବା ଆବଶ୍ୟକ।

ଧଳା ଓ ସବୁଜ ଝାଡ଼ାରେ ଆକ୍ରାନ୍ତ କୁକୁଡ଼ାମାନେ ଘୂମାନ୍ତି, ପାଟିରୁ ଲାଳ ଗଡ଼ାନ୍ତି। ଡେଣା ସବୁ ଝୁଲିଲା ଭଳି ରୁହେ। ଧଳା ଚୂନ ଭଳି ଝାଡ଼ା ହୋଇ ପଛ ପଟେ ଲାଗେ। ନିଃଶ୍ୱାସ ନେବା ସମୟରେ ଘୁଡୁଘୁଡୁ ଶବ୍ଦ କରନ୍ତି। ଖାଇବା ବନ୍ଦ କରି ଦୁର୍ବଳ ହୋଇପଡ଼ନ୍ତି। ଅଣ୍ଡା ଉତ୍ପାଦନ କମିଯାଏ, ଅଚାନକ ମୃତ୍ୟୁ ହୋଇଥାଏ। ତେଣୁ ଏହି ସମସ୍ୟାର ନିରାକରଣ ପାଇଁ ସଠିକ୍ ସମୟରେ ପ୍ରାଣୀଚିକିତ୍ସକଙ୍କ ପରାମର୍ଶରେ କୁକୁଡ଼ାଙ୍କୁ ଟିକା ପ୍ରଦାନ କରିବା ଏକାନ୍ତ ଆବଶ୍ୟକ।


## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- କାଳ ବୈଶାଖୀ ବର୍ଷା ଓ ଝଡ଼ ପବନ ହେତୁ ଲତାଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ ତଥା ମଞ୍ଚାକୁ ମଜବୁତ କରି ଦିଅନ୍ତୁ।
- ଭେଣ୍ଡି ଫସଲରେ ଗଣ୍ଡି ଓ ଫଳ ବିନ୍ଧା ପୋକ ଦେଖାଦେଲେ ପ୍ରାଥମିକ ଅବସ୍ଥାରେ ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ୍ ଆଜାଡିରାକ୍ଟିନ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- କଦଳୀ ଗଛରେ ଘୂଣିପୋକ ବା ଶୁଣ୍ଢା ପୋକର ପରିଚାଳନା ପାଇଁ କଦଳୀ ବଗିଚାରେ ଏକର ପ୍ରତି ୧୦ଟି କସ୍‌ମୋଲ୍ୟୋର ଥିବା ସଙ୍ଗ ଆକର୍ଷକ ଯନ୍ତା ବସାନ୍ତୁ। ଗଛ ଲଗାଇବା ବେଳକୁ କନ୍ଦାଗୁଡିକୁ ଉଷୁମ ପାଣିରେ ୩୦ ମିନିଟ୍ ବୁଡାଇ ତାପରେ ଲଗାନ୍ତୁ।
- ସଜନା ଗଛରେ ଛୁଇଁବିନ୍ଧା ପୋକର ଦମନ ପାଇଁ ସାଇପରମେଥ୍ରିନ୍ @ ୮୦ଗ୍ରାମ୍ ଏକର ପ୍ରତି ୧୫ ଦିନ ଅନ୍ତରରେ ୨ ଥର ପ୍ରୟୋଗ କରନ୍ତୁ।
- ଗାଈଗୋରୁଙ୍କୁ ପରିଷ୍କାର ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ। ବର୍ଷା ହେଉନଥିଲେ ଘାସ ଚରିବା ପାଇଁ ପଶୁମାନଙ୍କୁ କେବଳ ସକାଳ ଏବଂ ସନ୍ଧ୍ୟାରେ ଛାଡନ୍ତୁ।

## ଗଛ ଶୁଖି ଯାଉଥିଲେ...

**ବର୍ତ୍ତମାନ ତାପମାତ୍ରା ବୃଦ୍ଧି ଏବଂ ଗରମ ପ୍ରବାହ ଫସଲକୁ ପ୍ରଭାବିତ କରୁଛି। ଏହା ଦ୍ୱାରା ଗଛର ପତ୍ର ଶୁଖିଯିବା ସହ ମଉଳି ଯାଉଛି। ସାଧାରଣତଃ ପାକଶାଳା ବଗିଚାରେ ଏହି ସମସ୍ୟା ଅଧିକ ଦେଖାଯାଏ। ତେଣୁ ଗଛକୁ ଥଣ୍ଡା ଏବଂ ସତେଜ ରଖିବା ପାଇଁ ତରଳ ଖତ ବ୍ୟବହାର କରିବା ସର୍ବୋତ୍ତମ।**



- ପତ୍ର ଶୁଖିଥିଲେ ତାହାକୁ ନ ହଟାଇ କୁଣ୍ଡକୁ ଛାଇ ସ୍ଥାନକୁ ସ୍ଥାନନ୍ତର କରିବା ଆବଶ୍ୟକ। ମାଟିର ଆର୍ଦ୍ରତା ବଜାୟ ରଖିବାକୁ ମାଟିକୁ ନଡ଼ା, ଶୁଖିଲା ପତ୍ର ଦ୍ୱାରା ଘୋଡ଼ାଇ ରଖି ପାରିବେ। ବଗିଚା ଉପରେ ସେଡ୍ ନେଟ୍, ସୂତା ଶାଢ଼ି, କପଡ଼ା ବିଛାଇ ପାରିବେ।
- ଗଛମୂଳକୁ ଛୋଟ କଟା ପେଟି ଦ୍ୱାରା ଘୋଡ଼ାଇ ଜଳ ସେଚନ କଲେ ଗଛମୂଳ ଥଣ୍ଡା ରହିଥାଏ। ମାଟିର ଆର୍ଦ୍ରତା ବଜାୟ ରୁହେ।
- ଅତ୍ୟଧିକ ରାସାୟନିକ ସାର ପ୍ରୟୋଗ ନ କରି ଜିଆଖତର ତରଳ, ତରଭୁଜ ଚୋପାର ତରଳ ଖତ, ଗୋବର ଖତ, ଅଣ୍ଡାଚୋପାର ଖତ ଗଛମୂଳରେ ପ୍ରୟୋଗ କରି ପାରିବେ। ସନ୍ଧ୍ୟା ସମୟରେ ଜଳ ସେଚନ କରିବା ଭଲ।



## ଓମାନ ଉପକୂଳରେ ତୈଳ ଟ୍ୟାଙ୍କରରେ ନିଆଁ
### ୨୪ ଭାରତୀୟ ନାବିକ ସୁରକ୍ଷିତ

ନୂଆଦିଲ୍ଲୀ, ୮।୬(ଏଜେନ୍ସି): ଓମାନର ପୂର୍ବ ଉପକୂଳ ନିକଟରେ ସୋମବାର ମଧ୍ୟାହ୍ନ ପ୍ରାୟ ୧:୩୦ ସମୟରେ 'ମାରିଭେକ୍ସ' ନାମକ ଏକ ବିଦେଶୀ ପତାକାଧାରୀ ତୈଳ ଟ୍ୟାଙ୍କର ଜାହାଜରେ ଅଗ୍ନିକାଣ୍ଡ ଘଟିଛି। ଏହି ଜାହାଜରେ ୨୪ ଜଣ ଭାରତୀୟ ନାବିକ ଥିବା ବେଳେ ପ୍ରାଥମିକ ସୂଚନା ଅନୁଯାୟୀ ସମସ୍ତେ ସୁରକ୍ଷିତ ଅଛନ୍ତି ବୋଲି ଜଣେ ବରିଷ୍ଠ ନୌପରିବହନ ମନ୍ତ୍ରଣାଳୟର ଅଧିକାରୀ ସ୍ପଷ୍ଟ କରିଛନ୍ତି। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ ମଧ୍ୟରେ ଏହି ଘଟଣା ଘଟିଥିଲେ ହେଁ, ଉକ୍ତ ଜାହାଜଟି ହରମୁଜ ପ୍ରଣାଳୀ ଏବଂ ଓମାନ ସମୁଦ୍ରରୁ ବହୁ ଦୂରରେ ଓମାନର ପୂର୍ବ ସାମୁଦ୍ରିକ ଅଞ୍ଚଳରେ ଗତି କରୁଥିଲା। ଜାହାଜଟି ଭାରତର କାରୱାରରୁ ଓମାନର ଦୁକମ୍ ଅଭିମୁଖେ ଯାତ୍ରା କରୁଥିଲା। ନୌପରିବହନ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଓପେଶ କୁମାର ଶର୍ମାଙ୍କ ସୂଚନା ଅନୁଯାୟୀ, ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ ଏବଂ ଜାହାଜରେ କୌଣସି ବାଣିଜ୍ୟିକ ସାମଗ୍ରୀ ବା କାର୍ଗୋ ନ ଥିଲା। ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଥିବା ଖବର ପରିବାର ଏବଂ ପ୍ରଶାସନ ପାଇଁ ବଡ଼ ଆଶ୍ୱସ୍ତି ଆଣିଦେଇଛି। ଜାହାଜରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ଏବଂ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସାମୁଦ୍ରିକ ସୁରକ୍ଷା ବାହିନୀ କାର୍ଯ୍ୟ କରୁଛି।



## ୟୁକ୍ରେନ ଉପରେ ପୁଣି ରୁଷର ଆକ୍ରମଣ
### ୫ ମୃତ, ୧୪ ଆହତ

କିଭ୍, ୮।୬(ଏଜେନ୍ସି): ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସାକ୍ଷାତକାର ପ୍ରସ୍ତାବକୁ ରଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ପ୍ରତ୍ୟାଖ୍ୟାନ କରିବା ପରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଆହୁରି ତୀବ୍ର ହୋଇଛି। ଆଜି ସକାଳେ ୟୁକ୍ରେନ୍‌ର ଦକ୍ଷିଣ-ପୂର୍ବ ଜାପୋରିଜିଆ ଅଞ୍ଚଳରେ ରଷ ପକ୍ଷରୁ ହୋଇଥିବା ଜୋରଦାର ଏୟାର ଷ୍ଟ୍ରାଇକ୍, ଡ୍ରୋନ୍ ଆକ୍ରମଣ ଏବଂ ଗୋଳାବାରୁଦ ବର୍ଷଣ ଯୋଗୁଁ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଅନେକ ଆବାସିକ ଗୃହ, ଗାଡ଼ି ଏବଂ ସରକାରୀ ଭିତ୍ତିଭୂମି ନଷ୍ଟ ହୋଇଯାଇଛି। ଏହା ସହିତ ଓଡେସା ଅଞ୍ଚଳରେ ହୋଇଥିବା ଆକ୍ରମଣ ଯୋଗୁଁ ପ୍ରାୟ ୧, ୦୦୦ ରୁ ଅଧିକ ଗ୍ରାହକଙ୍କ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଛି। ଶନିବାର ଠାରୁ ହିଁ ଉଭୟ ପକ୍ଷ ପରସ୍ପର ଉପରକୁ କ୍ରମାଗତ ଆକ୍ରମଣ କରୁଛନ୍ତି। ଗତ ଶନିବାର ୟୁକ୍ରେନ୍ ମଧ୍ୟ ରଷ ଉପରକୁ ଶତାଧିକ ଡ୍ରୋନ୍ ମାଡ଼ କରିଥିଲା, ଯେଉଁଥିରେ ଜଣଙ୍କର ମୃତ୍ୟୁ ହେବା ସହ ଏକ ତେଲ ଡିପୋରେ ନିଆଁ ଲାଗିଯାଇଥିଲା। ଚେର୍ନୋବିଲ୍ ଆଣବିକ କାରଖାନା ନିକଟରେ ଥିବା ଏକ ଆଣବିକ ଇନ୍ଧନ ସଂରକ୍ଷଣ କେନ୍ଦ୍ର ଉପରେ ରଷ ଗୁଳିମାଡ଼ କରିବା ପରେ ପରିସ୍ଥିତି ଆହୁରି ଗମ୍ଭୀର ହୋଇଛି। ଅନ୍ୟପଟେ, ଜେଲେନସ୍କି ଲଣ୍ଡନରେ ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀର ଶୀର୍ଷ ନେତାମାନଙ୍କୁ ଭେଟି ଆଗାମୀ ଶୀତ ଋତୁ ପୂର୍ବରୁ ନିଜର ଶକ୍ତି ଭିତ୍ତିଭୂମିର ସୁରକ୍ଷା ଏବଂ ଅଧିକ କ୍ଷେପଣାସ୍ତ୍ର ସହାୟତା ସମ୍ପର୍କରେ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ ଯେ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଏହି ଯୁଦ୍ଧ ୪ ବର୍ଷ ପୂରଣ କରିସାରିଛି।

## ଅଗଷ୍ଟରୁ ଭାରତୀୟ ରେଳବାଇର ନୂତନ ସଂରକ୍ଷଣ ବ୍ୟବସ୍ଥା

ନୂଆଦିଲ୍ଲୀ, ୮।୬(ଏଜେନ୍ସି): ଭାରତୀୟ ରେଳବାଇ ଆସନ୍ତା ଅଗଷ୍ଟ ମାସରୁ ତାର ପୁରୁଣା ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥା (ପିଆରଏସ୍)କୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଏକ ନୂତନ ଉନ୍ନତମାନର ପ୍ଲାଟଫର୍ମ କାର୍ଯ୍ୟକାରୀ କରିବାକୁ ଯାଉଛି। ୧୯୮୬ ମସିହାରୁ ଚାଲିଆସୁଥିବା ଏହି ପୁରୁଣା ବ୍ୟବସ୍ଥା ବଦଳରେ ଆଧୁନିକ ଜ୍ଞାନକୌଶଳ ସହ ନୂଆ ବ୍ୟବସ୍ଥା ଆରମ୍ଭ ହେବ, ଯାହା ଦ୍ୱାରା ଟିକେଟ୍ ବୁକିଂ କ୍ଷମତା ବୃଦ୍ଧି ପାଇବ ଏବଂ ଯାତ୍ରୀମାନେ ଅତି ସହଜରେ ଟିକେଟ୍ ପାଇପାରିବେ। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ପ୍ରକ୍ରିୟାର ସମୀକ୍ଷା କରି କାର୍ଯ୍ୟ ସମୟରେ ଯେପରି ଯାତ୍ରୀମାନଙ୍କର କୌଣସି ଅସୁବିଧା ନହୁଏ, ସେଥିପ୍ରତି ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ପ୍ରାୟ ୮୮ ପ୍ରତିଶତ ଟିକେଟ୍ ଅନଲାଇନ୍ ମାଧ୍ୟମରେ ବୁକ୍ ହେଉଛି। ବିଶେଷ କରି ୨୦୨୫ ଜୁଲାଇରେ ଆରମ୍ଭ ହୋଇଥିବା 'ରେଲୱାନ୍' ଆପ୍ ମାଧ୍ୟମରେ ପ୍ରତିଦିନ ପ୍ରାୟ ୯ ଲକ୍ଷରୁ ଅଧିକ ଟିକେଟ୍ ବୁକ୍ କରାଯାଉଛି। ଏହି ନୂତନ ବ୍ୟବସ୍ଥାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଆଇ ଆଧାରିତ ୱେଟିଂଲିଷ୍ଟ ପୂର୍ବାନୁମାନ ବ୍ୟବସ୍ଥା।

## ପୋର୍ଟାଲ୍ ଅଚଳ ଅଭିଯୋଗକୁ ଖଣ୍ଡନ କଲା ସିବିଏସଇ

ନୂଆଦିଲ୍ଲୀ, ୮।୬(ଏଜେନ୍ସି): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପରୀକ୍ଷା ଫଳ ପ୍ରକାଶ ପରବର୍ତ୍ତୀ ସେବା ପୋର୍ଟାଲ୍‌ରେ କୌଣସି ବୈଷୟିକ ତ୍ରୁଟି ବା ସମସ୍ୟା ଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛି। ଜୁନ୍ ୨ ରୁ ଜୁନ୍ ୭ ପର୍ଯ୍ୟନ୍ତ ଚାଲିଥିବା ଏହି ଆବେଦନ ପ୍ରକ୍ରିୟା ସମୟରେ ୱେବସାଇଟ୍ ସମ୍ପୂର୍ଣ୍ଣ ସୁରୁଖୁରୁରେ କାର୍ଯ୍ୟ କରୁଥିଲା ବୋଲି ବୋର୍ଡ ସ୍ପଷ୍ଟ କରିଛି। ଆଇଆଇଟି ବିଶେଷଜ୍ଞ ଏବଂ ସରକାରୀ ବୈଷୟିକ ସଂସ୍ଥାଗୁଡ଼ିକର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୋର୍ଟାଲ୍ ପରିଚାଳିତ ହେଉଥିଲା। ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଏହି ୬ ଦିନର ଅବଧି ମଧ୍ୟରେ ପ୍ରାୟ ୧.୬ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ୩.୮ ଲକ୍ଷରୁ ଅଧିକ ଉତ୍ତରଖାତାର ପୁନଃ ଯାଞ୍ଚ ଏବଂ ମୂଲ୍ୟାୟନ ପାଇଁ ସଫଳତାର ସହ ଆବେଦନ କରିଛନ୍ତି। ଏହି ବିପୁଳ ସଂଖ୍ୟକ ଆବେଦନ ହିଁ ପୋର୍ଟାଲ୍ ସଠିକ୍ ଭାବେ କାମ କରୁଥିବାର ସ୍ପଷ୍ଟ ପ୍ରମାଣ ବୋଲି ବୋର୍ଡ କହିଛି। ଏହା ସହିତ ସାଇବର ସୁରକ୍ଷା ଟିମ୍ ଦ୍ୱାରା ଏହି ସିଷ୍ଟମ୍ ଉପରେ ନିରନ୍ତର ନଜର ରଖାଯାଇଥିଲା ଏବଂ ହେଲ୍ପଡେସ୍କ ମାଧ୍ୟମରେ ପିଲାମାନଙ୍କୁ ସହାୟତା ଯୋଗାଇ ଦିଆଯାଉଥିଲା। ସୋସିଆଲ ମିଡିଆ ଏବଂ ଗଣମାଧ୍ୟମରେ ପ୍ରକାଶିତ 'ରୋଲ୍ ନମ୍ବର ମିଳୁନାହିଁ' ବାର୍ତ୍ତା ସମ୍ପର୍କରେ ବୋର୍ଡ କହିଛି ଯେ, ଯେଉଁ ସେହି ଛାତ୍ରଛାତ୍ରୀମାନେ ପ୍ରଥମ ପର୍ଯ୍ୟାୟରେ ନିଜ ଖାତାର ଫଟୋକପି ପାଇଁ ଆବେଦନ କରିନଥିଲେ, କେବଳ ସେମାନଙ୍କ କ୍ଷେତ୍ରରେ ହିଁ ଏହି ବାର୍ତ୍ତା ଦେଖାଯାଉଥିଲା।

## ନେପାଳ ସୀମାରୁ ଟିଏମ୍‌ସି ନେତା ଜାହାଙ୍ଗୀର ଗିରଫ



କଲକାତା, ୮।୬(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଇଭିଏମ ଜାଲିଆତି ମାମଲାର ମୁଖ୍ୟ ଅଭିଯୁକ୍ତ ତୃଣମୂଳ କଂଗ୍ରେସ ନେତା ଜାହାଙ୍ଗୀର ଖାନଙ୍କୁ ଗିରଫ କରାଯାଇଛି। ସ୍ୱତନ୍ତ୍ର ପୁଲିସ ଫୋର୍ସ ତାଙ୍କୁ ନେପାଳ ସୀମା ନିକଟରୁ ଗିରଫ କରିଛି। ଫାଲଟା ବିଧାନସଭା ଆସନର ବିଭିନ୍ନ ମତଦାନ କେନ୍ଦ୍ରରେ ବିରୋଧୀ ଦଳର ଚିହ୍ନ ଉପରେ ପଟି ଲଗାଇ ଇଭିଏମ ଜାଲିଆତି କରିବା ଭଳି ଗମ୍ଭୀର ଅଭିଯୋଗ ଜାହାଙ୍ଗୀରଙ୍କ ବିରୋଧରେ ରହିଥିଲା। ଏହି କାରଣରୁ ନିର୍ବାଚନ କମିସନ ସେଠାରେ ପୁନଃ ମତଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୁଲିସ ପର୍ଯ୍ୟବେକ୍ଷକଙ୍କୁ ଚ୍ୟାଲେଞ୍ଜ ଦେଇ ନିଜକୁ 'ପୁଷ୍ପା' ବୋଲି କହୁଥିବା ଜାହାଙ୍ଗୀରଙ୍କ ନାମରେ ସାତଟି ମାମଲା ରୁଜୁ ହୋଇଥିଲା।



# ଟ୍ରମ୍ପଙ୍କ ଧମକ ପରେ ଯୁଦ୍ଧ ବନ୍ଦ
## ନରମିଗଲେ ଇରାନ ଓ ଇସ୍ରାଏଲ

ତେହରାନ/ତେଲ୍ ଆଭିଭ, ୮।୬(ଏଜେନ୍ସି): ଅନ୍ତର୍ଜାତୀୟ ରାଜନୀତି ଏବଂ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଗତ ଏପ୍ରିଲ ମାସର ଶାନ୍ତି ଚୁକ୍ତି ପରେ ପ୍ରଥମ ଥର ପାଇଁ ଇସ୍ରାଏଲ ଓ ଇରାନ ମଧ୍ୟରେ ସିଧାସଳଖ ସାମରିକ ସଂଘର୍ଷ ଦେଖାଦେଇଛି। ଶେଷରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଧମକ ପରେ ଉଭୟ ଦେଶ ଯୁଦ୍ଧ ବନ୍ଦ କରିଛନ୍ତି।

ପୂର୍ବରୁ ଟ୍ରମ୍ପଙ୍କ ବାରଣ ସତ୍ତ୍ୱେ ଲେବାନନର ବେରୁଟ ସହର ଉପରେ ଇସ୍ରାଏଲ ଭୀଷଣ ଆକ୍ରମଣ କରିଥିଲା। ଏହି ଆକ୍ରମଣ ଜବାବରେ ଗତ ରବିବାର ରାତିରେ ଇରାନ ପକ୍ଷରୁ ଇସ୍ରାଏଲ ଉପରେ ପ୍ରାୟ ୧୦ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା। ପରେ ପୁଣି ଇସ୍ରାଏଲ୍ ସେନା ଇରାନର ରାଜଧାନୀ ତେହେରାନ ସମେତ ଇସଫାହାନ ଏବଂ ତାବ୍ରିଜ୍ ଭଳି ପ୍ରମୁଖ ସହରଗୁଡ଼ିକରେ ଥିବା ସାମରିକ ପ୍ରତିଷ୍ଠାନ ଉପରେ ଶକ୍ତିଶାଳୀ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହି ପରସ୍ପର ଆକ୍ରମଣ ଯୋଗୁଁ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି।

- ଲେବାନନର ଆକ୍ରମଣ ପରେ ଇରାନ-ଇସ୍ରାଏଲ ମୁହାଁମୁହିଁ
- ପରସ୍ପର ଉପରେ କ୍ଷେପଣାସ୍ତ୍ର ମାଡ଼
- ଟ୍ରମ୍ପଙ୍କ ଧମକ ପରେ ଆକ୍ରମଣରୁ ଓହରିଲେ
- ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି

ଏହା ସହିତ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୩ ପ୍ରତିଶତ ବୃଦ୍ଧି ପାଇ ୯୬ ଡଲାର ଅତିକ୍ରମ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ପ୍ରସଙ୍ଗରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ଆକ୍ରମଣରୁ ବିରତ ରହିବାକୁ କହିଥିଲେ। ଟ୍ରମ୍ପ ଦାବି କରିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଆମେରିକା ଏକ ବଡ଼ ଚୁକ୍ତିର ଅତି ନିକଟତର ଅଛି ଏବଂ ଏହି ସାମରିକ ତିକ୍ତତା ଯୋଗୁଁ କୂଟନୈତିକ ଆଲୋଚନା ବିଫଳ ହେବନାହିଁ। ଅପରପକ୍ଷରେ, ଇସ୍ରାଏଲର କହିବା କଥା ଯେ ହିଜବୁଲ୍ଲା ସହ ଚାଲିଥିବା ଲଢେଇକୁ ଇରାନ ସହ ଚୁକ୍ତିଠାରୁ ପୃଥକ ଭାବେ ଦେଖାଯିବା ଉଚିତ। ବର୍ତ୍ତମାନ ପରିସ୍ଥିତିରେ ଉଭୟ ଦେଶ ମଧ୍ୟରେ ଯୁଦ୍ଧକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ଆମେରିକା ପକ୍ଷରୁ ଚାଲିଥିବା ମଧ୍ୟସ୍ଥତା ଏବଂ ପ୍ରତିବନ୍ଧକ ହଟାଇବା ପ୍ରକ୍ରିୟା ମଧ୍ୟରେ ଏହି ଆକ୍ରମଣ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ଉଭୟ ପକ୍ଷ ନିଜ ନିଜ ଜିଦ୍‌ରେ ଅଟଳ ଥିବାରୁ ଆଗାମୀ ଦିନରେ ଏହି ସଂଘର୍ଷ ଆହୁରି ଭୟାନକ ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି।

## ମୋ କଥା ମାନିବାକୁ ନେତନ୍ୟାହୁ ବାଧ୍ୟ: ଟ୍ରମ୍ପ



ୱାସିଂଟନ/ତେଲ୍ ଆଭିଭ୍, ୮।୬(ଏଜେନ୍ସି): ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଏପରି ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ତେହେରାନ ଏବଂ ତେଲ୍ ଆଭିଭ୍ ମଧ୍ୟରେ ସାମରିକ ତିକ୍ତତା ସତ୍ତ୍ୱେ ଆମେରିକା-ଇରାନ ପରମାଣୁ ଚୁକ୍ତି ପ୍ରକ୍ରିୟା ଜାରି ରହିବ। ଏହି ଚୁକ୍ତିକୁ ଗ୍ରହଣ କରିବା ବ୍ୟତୀତ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ। ଏକ ସାକ୍ଷାତକାରରେ ଟ୍ରମ୍ପ ଦୃଢ଼ତାର ସହ କହିଛନ୍ତି, 'ଏଠାରେ ସମସ୍ତ ନିଷ୍ପତ୍ତି ମୁଁ ନେଉଛି। ନେତନ୍ୟାହୁ ନୁହଁ, ବରଂ ମୋ ନିର୍ଦ୍ଦେଶରେ ହିଁ ସବୁ କିଛି ହେବ।' ଗତ ରବିବାର ଲେବାନନ୍ ଉପରେ ଇସ୍ରାଏଲର ଆକ୍ରମଣର ଜବାବରେ ଇରାନ ପକ୍ଷରୁ ଇସ୍ରାଏଲ୍ ଉପରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା। ଏନେଇ ଟ୍ରମ୍ପ ଅସନ୍ତୋଷ ପ୍ରକାଶ କରିବା ସହ ଇସ୍ରାଏଲର ବେରୁତ ଆକ୍ରମଣକୁ ସେ ନିନ୍ଦା କରିଛନ୍ତି। ପାଲଟା ଆକ୍ରମଣ ନ କରିବା ପାଇଁ ଟ୍ରମ୍ପ ନେତନ୍ୟାହୁଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ସେ ଇରାନକୁ ମଧ୍ୟ ଆକ୍ରମଣ ବନ୍ଦ କରି ଚୁକ୍ତି ପାଇଁ ଆଲୋଚନାକୁ ଫେରିବା ଉଚିତ ବୋଲି କହିଛନ୍ତି। ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ଚୁକ୍ତି ସଫଳ ନ ହେଲେ କମାଣ୍ଡୋ ଆକ୍ରମଣ କିମ୍ବା ଅବରୋଧ ଭଳି ବିକଳ୍ପ ଗ୍ରହଣ କରିବାକୁ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଆମେରିକାରେ ଟ୍ରମ୍ପ ନେତନ୍ୟାହୁଙ୍କ କଥାରେ ପରିଚାଳିତ ହେଉଥିବା ଏବଂ ଅଯଥାରେ ଦେଶକୁ ଯୁଦ୍ଧକୁ ଠେଲି ଦେଇଥିବା ଚର୍ଚ୍ଚା ହେଉଛି। ଏହାପରେ ଟ୍ରମ୍ପଙ୍କ ଏହି କଡ଼ା ଆଭିମୁଖ୍ୟ ଇସ୍ରାଏଲ ଉପରେ ଚାପ ସୃଷ୍ଟି କରିଥିବା କୁହାଯାଇଛି।

## ଏସ୍‌ଆଇଆର୍, ଭୋଟ ଚୋରି ସଂପର୍କରେ ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖିବ 'ଇଣ୍ଡିଆ' ମେଣ୍ଟ




ନୂଆଦିଲ୍ଲୀ, ୮।୬(ଏଜେନ୍ସି): ଦେଶର ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ଗୁରୁତ୍ୱପୂର୍ଣ୍ଣ ଜନସାଧାରଣଙ୍କ ସମସ୍ୟାକୁ ନେଇ ବିରୋଧୀ ଇଣ୍ଡିଆ ମେଣ୍ଟ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡିବାକୁ ନିଷ୍ପତ୍ତି ନେଇଛି। ସୋମବାର ନୂଆଦିଲ୍ଲୀସ୍ଥିତ କନଷ୍ଟିଟ୍ୟୁସନ କ୍ଲବରେ ବିରୋଧୀ ଦଳର ନେତାମାନେ ଏକତ୍ର ହୋଇ ବୈଠକ କରିଛନ୍ତି। ଏଥିରେ ସେମାନେ ଭାରତର ମୁଖ୍ୟ ବିଚାରପତି (ସିଜେଆଇ)ଙ୍କୁ ପତ୍ର ଲେଖିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି। ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ, ଭୋଟର ପରିଚୟ ପତ୍ରର ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ୍‌ଆଇଆର୍), ଭୋଟ୍ ଚୋରି, ନିର୍ବାଚନୀ କେଳେଙ୍କାରୀ ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଇଣ୍ଡିଆ ମେଣ୍ଟ ଭାରତର ମୁଖ୍ୟ ବିଚାରପତିଙ୍କୁ ପତ୍ର ଲେଖିବ। ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ସୃଷ୍ଟି ହୋଇଥିବା ବିପଦ ଏବଂ ନିର୍ବାଚନୀ ସଂସ୍କାର ପାଇଁ ନ୍ୟାୟିକ ହସ୍ତକ୍ଷେପ ଆବଶ୍ୟକ ବୋଲି ମେଣ୍ଟ ପକ୍ଷରୁ କୁହାଯାଇଛି। ନିଟ୍ ଏବଂ ସିବିଏସ୍‌ଇ ଆଦି ପରୀକ୍ଷା ପରିଚାଳନାରେ ହୋଇଥିବା ବ୍ୟାପକ ଅନିୟମିତତା ପାଇଁ ବିରୋଧୀ ମେଣ୍ଟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ବର୍ଷିଛନ୍ତି। ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ସହ ବିଶ୍ୱାସଘାତକତା ହୋଇଥିବା ଅଭିଯୋଗ କରି ଶ୍ରୀ ପ୍ରଧାନଙ୍କ ତୁରନ୍ତ ଇସ୍ତଫା ଦାବି କରିବାକୁ ମେଣ୍ଟ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଛି।

ବିଜେପିକୁ ଆଗାମୀ ନିର୍ବାଚନଗୁଡ଼ିକରେ କଡ଼ା ଚ୍ୟାଲେଞ୍ଜ ଦେବା ଏବଂ ନିଜ ମଧ୍ୟରେ ଥିବା ଆଭ୍ୟନ୍ତରୀଣ ମତଭେଦକୁ ଦୂର କରିବା ପାଇଁ ନୂଆଦିଲ୍ଲୀର କନଷ୍ଟିଟ୍ୟୁସନ କ୍ଲବଠାରେ ବିରୋଧୀ ମେଣ୍ଟ 'ଇଣ୍ଡିଆ' ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ବିରୋଧୀ ଦଳଗୁଡ଼ିକର ବିପର୍ଯ୍ୟୟ ପରେ ଏହି ମେଣ୍ଟକୁ ପୁନର୍ବାର ସଂଗଠିତ କରିବା ପାଇଁ ଏହି ଆଲୋଚନା ହୋଇଛି। କେନ୍ଦ୍ର ସରକାରଙ୍କ ବିଫଳତା, ଅର୍ଥନୈତିକ ସମସ୍ୟା, ବେକାରୀ ଏବଂ ଦେଶର ଶିକ୍ଷା ବ୍ୟବସ୍ଥାରେ ଚାଲିଥିବା ଅବ୍ୟବସ୍ଥା ବିରୋଧରେ ଏକାଠି ଲଢ଼ିବାକୁ ଏଥିରେ ରଣନୀତି ପ୍ରସ୍ତୁତ କରାଯାଇଛି। ଏହି ବୈଠକରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ମଲ୍ଲିକାର୍ଜୁନ ଖାଡ଼ଗେ, ରାହୁଲ ଗାନ୍ଧୀ, ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଆରଜେଡି ନେତା ତେଜସ୍ୱୀ ଯାଦବ, ନ୍ୟାସନାଲ କନଫରେନ୍ସର ଓମାର ଅବଦୁଲ୍ଲା ଏବଂ ପିଡିପି ମୁଖ୍ୟ ମେହବୁବା ମୁଫତିଙ୍କ ସମେତ ୨୦ରୁ ଅଧିକ ଦଳର ପ୍ରମୁଖ ନେତାମାନେ ଯୋଗ ଦେଇଥିଲେ। ଶିବସେନା ନେତା ଉଦ୍ଧବ ଠାକରେ ଭିଡିଓ କନଫରେନ୍ସ ମାଧ୍ୟମରେ ଏଥିରେ ସାମିଲ ହୋଇଥିଲେ। ବୈଠକକୁ ସମ୍ବୋଧିତ କରି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡ଼ଗେ କହିଛନ୍ତି ଯେ ଦେଶର ସମ୍ବିଧାନ ଉପରେ ନିରନ୍ତର ଆକ୍ରମଣ ଚାଲିଛି। ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ପାଇଁ ସମସ୍ତ ଦଳ ଏକଜୁଟ ହେବା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି।

## ଦିଲ୍ଲୀ ବିମାନ ବନ୍ଦରରେ ଅଘଟଣ, ୩ଟି ବିମାନ କ୍ଷତିଗ୍ରସ୍ତ

ନୂଆଦିଲ୍ଲୀ, ୮।୬(ଏଜେନ୍ସି): ନୂଆଦିଲ୍ଲୀର ଇନ୍ଦିରାଗାନ୍ଧୀ ଆନ୍ତର୍ଜାତିକ ବିମାନବନ୍ଦରର ଟର୍ମିନାଲ-୨ରେ ଗତକାଲି ବଡ଼ ଧରଣର ଅଘଟଣ ଘଟିଛି। ଗତକାଲି ଅପରାହ୍ନରେ ହଠାତ ପବନ ଓ ପ୍ରବଳ ବର୍ଷା ଯୋଗୁଁ ବିମାନ ବନ୍ଦରରେ ଥିବା ଗ୍ରାଉଣ୍ଡ ସରଞ୍ଜାମ ଯାଇ ଛିଡ଼ା ହୋଇଥିବା ବିମାନଗୁଡ଼ିକରେ ପିଟି ହୋଇଥିଲା। ଫଳରେ ଏୟାର ଇଣ୍ଡିଆର ତିନିଟି ବିମାନ କ୍ଷତିଗ୍ରସ୍ତ ହୋଇଥିଲା। ଆହୁରି କେତେକ ବିମାନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। କିନ୍ତୁ ଏସଂପର୍କରେ ଅଧିକ କିଛି ସୂଚନା ଦିଆଯାଇ ନାହିଁ। ଏହି ବିମାନଗୁଡ଼ିକୁ ଯାତ୍ରୀ ସେବାରୁ ହଟାଇ ଦିଆଯାଇଛି। ଏୟାର ଇଣ୍ଡିଆର ଜଣେ ଅଧିକାରୀ କହିଛନ୍ତି ଝଡ଼ ପବନ ସଂପର୍କରେ ଏୟାରପୋର୍ଟ ପକ୍ଷରୁ କୌଣସି ଆଗୁଆ ସୂଚନା ଦିଆଯାଇ ନଥିଲା।



## 'ଭାରତ ପାଖରେ ୧୯୦ଟି ପରମାଣୁ ବୋମା'

ନୂଆଦିଲ୍ଲୀ, ୮।୬(ଏଜେନ୍ସି): ବିଶ୍ୱ ସ୍ତରରେ ବଦଳୁଥିବା ସୁରକ୍ଷା ପରିସ୍ଥିତି ମଧ୍ୟରେ ଭାରତ ନିଜର ଆଣବିକ କ୍ଷମତାକୁ ଆହୁରି ମଜବୁତ କରିଛି। ଷ୍ଟକହୋମ୍ ଆନ୍ତର୍ଜାତୀୟ ଶାନ୍ତି ଗବେଷଣା ସଂସ୍ଥା (ଏସ୍‌ଆଇପିଆରଆଇ) ର 'ବାର୍ଷିକ ପୁସ୍ତକ ୨୦୨୬' ର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଭାରତର ପରମାଣୁ ବୋମା (ୱାରହେଡ୍) ସଂଖ୍ୟା ୧୮୦ ରୁ ୧୯୦ କୁ ବୃଦ୍ଧି ପାଇଛି। ଏହି ରିପୋର୍ଟ ଚେତାବନୀ ଦେଇଛି ଯେ ସମଗ୍ର ବିଶ୍ୱ ବର୍ତ୍ତମାନ ଏକ ନୂତନ ପରମାଣୁ ପ୍ରତିଯୋଗିତା ମଧ୍ୟକୁ ଗତି କରୁଛି, ଯେଉଁଠାରେ ଶକ୍ତିଶାଳୀ ଦେଶଗୁଡ଼ିକ ଆଣବିକ



ଅସ୍ତ୍ରଶସ୍ତ୍ରକୁ ନିଜର ଜାତୀୟ ଶକ୍ତିର ପ୍ରଦର୍ଶନ ଭାବେ ବ୍ୟବହାର କରୁଛନ୍ତି। ରିପୋର୍ଟ ମୁତାବକ, ଭାରତର ଏହି ପରମାଣୁ ଆଧୁନିକୀକରଣ ପ୍ରକ୍ରିୟା ମୁଖ୍ୟତଃ ଚୀନର ବଢୁଥିବା ସାମରିକ ପ୍ରଭୁତ୍ୱକୁ ପ୍ରତିହତ କରିବା ପାଇଁ ଉଦ୍ଦିଷ୍ଟ। ଚୀନ ବର୍ତ୍ତମାନ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପରମାଣୁ ଶକ୍ତି, ଯାହା ପାଖରେ ପ୍ରାୟ ୬୨୦ଟି ପରମାଣୁ ବୋମା ରହିଛି। ଏହା ସହିତ ପାକିସ୍ତାନ ସହ ଥିବା ପାରମ୍ପରିକ ଶତ୍ରୁତା ମଧ୍ୟ ଭାରତର ସାମରିକ ପ୍ରସ୍ତୁତିର ଏକ ପ୍ରମୁଖ କାରଣ। ବର୍ତ୍ତମାନ ପାକିସ୍ତାନ ପାଖରେ ପ୍ରାୟ ୧୭୦ଟି ପରମାଣୁ ବୋମା ଥିବା ବେଳେ ୨୦୨୫ ମେ ମାସରେ ଉଭୟ ଦେଶ ମଧ୍ୟରେ ହୋଇଥିବା ସ୍ୱଳ୍ପକାଳୀନ ସଂଘର୍ଷ ପରେ ଏହି ସୁରକ୍ଷା ଚିନ୍ତା ଆହୁରି ବଢ଼ିଯାଇଛି। ନିଜର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଭାରତ ବର୍ତ୍ତମାନ 'ପରମାଣୁ ତ୍ରିଶକ୍ତି' (ଜଳ, ସ୍ଥଳ ଓ ଆକାଶରୁ ଆକ୍ରମଣ କ୍ଷମତା)କୁ ଅଧିକ ସକ୍ରିୟ କରିଛି। ଭାରତ ନିକଟରେ ଗୋଟିଏ କ୍ଷେପଣାସ୍ତ୍ରରେ ଏକାଧିକ ପରମାଣୁ ବୋମା ସଂଯୋଗ କରି ଭିନ୍ନ ଭିନ୍ନ ଲକ୍ଷ୍ୟଭେଦ କରିପାରୁଥିବା ବିଶେଷ ପ୍ରଯୁକ୍ତିବିଦ୍ୟା ଏବଂ ସୁରକ୍ଷିତ ଲଞ୍ଚ୍ କଣ୍ଟେନର ପ୍ରଣାଳୀର ବିକାଶ କରିଛି। ଏଥିସହ ସମୁଦ୍ର ମଧ୍ୟରେ ଶତ୍ରୁଠାରୁ ଲୁଚି ରହି ପାଲଟା ଆକ୍ରମଣ କରିବାର କ୍ଷମତା ରଖୁଥିବା 'ଆଇଏନଏସ ଅରିହନ୍ତ' ପରି ପରମାଣୁ ଚାଳିତ ବୁଡ଼ାଜାହାଜ ଗୁଡ଼ିକୁ ଭାରତୀୟ ସେନା ପକ୍ଷରୁ ସଫଳତାର ସହ ମୁତୟନ କରାଯାଉଛି, ଯାହା ଭାରତର ସୁରକ୍ଷା ବଳୟକୁ ଅଭେଦ୍ୟ କରିଛି। ଏସ୍‌ଆଇପିଆରଆଇ'ର ନିର୍ଦ୍ଦେଶକ କରିମ୍ ହାଗାର୍ ପ୍ରକାଶ କରିଛନ୍ତି ଯେ ବିଶ୍ୱରେ ପରମାଣୁ ନିୟନ୍ତ୍ରଣ ଚୁକ୍ତିଗୁଡ଼ିକ ଦୁର୍ବଳ ହେବାରେ ଲାଗିଛି ଏବଂ ଦେଶଗୁଡ଼ିକ ମଧ୍ୟରେ ସୂଚନାର ସ୍ୱଚ୍ଛତା କମିଯାଉଛି, ଯାହା ଆଗାମୀ ଦିନରେ ଏକ ବଡ଼ ସଙ୍କଟ ସୃଷ୍ଟି କରିପାରେ। ଭାରତ ନିଜର ପରମାଣୁ ନୀତିରେ 'ପ୍ରଥମେ ପ୍ରହାର ନୁହେଁ' ଆଭିମୁଖ୍ୟ ରଖିଥିଲେ ମଧ୍ୟ, ଆଞ୍ଚଳିକ ସୁରକ୍ଷା ଓ ସ୍ଥିରତା ବଜାୟ ରଖିବା ପାଇଁ ଏଭଳି ରଣନୈତିକ ସଂସ୍କାର ଅତ୍ୟନ୍ତ ଜରୁରୀ ପାଲଟିଛି।


- ଚୀନ୍‌ର ମୁକାବିଲା ପାଇଁ ରଣନୀତି ବଦଳାଉଛି ଭାରତ



## ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ଚରିତ୍ରହୀନତା ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୮।୬ (ଏଜେନ୍ସି): ଦୁଇଜଣ ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ ସେମାନଙ୍କ ସହମତିରେ ଗଢ଼ିଉଠିଥିବା ବିବାହ ପୂର୍ବର ଶାରୀରିକ ସମ୍ପର୍କକୁ କୌଣସି ବ୍ୟକ୍ତିର ଖରାପ ଚରିତ୍ରର ଆଧାର କୁହାଯିବ ନାହିଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ କହିଛନ୍ତି। ଏହାସହ ଜଣେ ପୁଲିସ କନଷ୍ଟେବଲ ପ୍ରାର୍ଥୀଙ୍କ ନିଯୁକ୍ତି ବାତିଲ ନିଷ୍ପତ୍ତିକୁ ମଧ୍ୟ ଅଦାଲତ ରଦ୍ଦ କରିଛନ୍ତି। ତେଲଙ୍ଗାନାର ଜଣେ ପ୍ରାର୍ଥୀଙ୍କ ପୁଲିସ ଚାକିରି ପାଇଁ ଚୟନ ହେବା ପରେ, ତାଙ୍କ ବିରୋଧରେ ୨୦୧୪ରେ ଥିବା ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗକୁ ଆଧାର କରି ନିଯୁକ୍ତି ବୋର୍ଡ ତାଙ୍କ ଚୟନକୁ ବାତିଲ କରିଦେଇଥିଲା। ଏହି ମାମଲାଟି ୨୦୧୫ରେ ଲୋକ ଅଦାଲତରେ ଆପୋଷ ବୁଝାମଣା ଜରିଆରେ ଶେଷ ହୋଇଥିଲା। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ ପ୍ରତ୍ୟେକ ପ୍ରେମ ସମ୍ପର୍କ ବିବାହର ରୂପ ନେଇନଥାଏ ଏବଂ କେବଳ ସମ୍ପର୍କ ବିବାହରେ ପରିଣତ ହୋଇପାରିନାହିଁ ବୋଲି ଜଣେ ଅନ୍ୟଜଣକୁ ପ୍ରତାରଣା କରିଛି ବୋଲି ଭାବିବା ଅନୁଚିତ। କୌଣସି ଆଇନ ଦୁଇଜଣ ବୟସ୍କ ବ୍ୟକ୍ତିଙ୍କୁ ସେମାନଙ୍କ ସହମତିରେ ସମ୍ପର୍କ ରଖିବାକୁ ବାରଣ କରେନାହିଁ ଏବଂ ଲୋକ ଅଦାଲତରେ ହୋଇଥିବା ସାଲିସକୁ ଅପରାଧ ବୋଲି ଧରାଯିବ ନାହିଁ।

## ଡାକ୍ତରଙ୍କ ପ୍ରେସ୍କ୍ରିପସନରେ ମିଳିପାରିବ ମଦ



ଆଇଜଲ, ୮।୬(ଏଜେନ୍ସି): ମଦ ନିଷେଧାଦେଶ ଜାରି ହୋଇଥିବା ଭାରତର କେତେକ ସୀମିତ ରାଜ୍ୟ ମଧ୍ୟରୁ ମିଜୋରାମ ଅନ୍ୟତମ। ଏବେ ଏହି ରାଜ୍ୟରେ କେବଳ ଡାକ୍ତରଙ୍କ ପ୍ରେସକ୍ରିପସନ ବଳରେ ସ୍ଥାନୀୟ ବାସିନ୍ଦା ଆଇନଗତ ଭାବେ ମଦ ପାଇପାରିବେ। ଏଥିପାଇଁ ମିଜୋରାମ ସରକାର ଏକ ସ୍ୱତନ୍ତ୍ର 'ରେଡ୍ କାର୍ଡ' ପରମିଟ୍ ବ୍ୟବସ୍ଥା ଆରମ୍ଭ କରିଛନ୍ତି, ଯାହା ଅଧୀନରେ କଠୋର ନିୟମାବଳୀ ମଧ୍ୟରେ ଚିକିତ୍ସା ଆଧାରରେ ଜଣେ ବ୍ୟକ୍ତି ମଦ ରଖିବା ସହ ବ୍ୟବହାର କରିପାରିବେ। ଏଥିପାଇଁ ଜଣେ ପଞ୍ଜିକୃତ ଡାକ୍ତରଙ୍କ ଅନୁମତି ଦରକାର। ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ଦ୍ୱାରା ଏହାର ଯାଞ୍ଚ ହେବା ପରେ ଅବକାରୀ ଏବଂ ନାର୍କୋଟିକ୍ସ ବିଭାଗ ଏହି କାର୍ଡ ପ୍ରଦାନ କରିବ। ଏହି କାର୍ଡର ଅବଧି ଏକ ବର୍ଷ ରହିବ ଏବଂ ଏଥିପାଇଁ ବାର୍ଷିକ ୫, ୦୦୦ ଟଙ୍କା ଫିସ୍ ଦେବାକୁ ପଡ଼ିବ।

### ଅଢ଼େଇ ଦିନରେ ଆଫଗାନିସ୍ତାନର ଆତ୍ମସମର୍ପଣ

# ସ୍ପିନରଙ୍କ କମାଲ୍; ଭାରତର ଇନିଂସ ବିଜୟ




ମୁଲାନପୁର, ୮ ।୬ (ଏଜେନ୍ସି)

ଘରୋଇ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏଠାରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍ ଅଢ଼େଇଦିନରେ ଶେଷ ହୋଇଯାଇଛି। ତିନି ସ୍ପିନର ମାନବ ସୁତାର, ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବଙ୍କ ଚମତ୍କାର ବୋଲିଂ ବଳରେ ଭାରତ ଏକ ଇନିଂସ ଓ ୩୦୦ ରନରେ ବିଜୟୀ ହୋଇଛି। ଟେଷ୍ଟ ଇତିହାସରେ ଭାରତର ଏହା ସର୍ବବୃହତ୍ ବିଜୟ ହୋଇଛି। ପଦାର୍ପଣରେ ୭ଟି ୱିକେଟ୍ ନେବା ସହ ୨୮ ରନର ଉପଯୋଗୀ ପାଳି ଖେଳିଥିବା ସୁତାରଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଦୁଇଦେଶ ମଧ୍ୟରେ ଏବେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଜୁନ ୧୩ରୁ ଧର୍ମଶାଳାରେ ଆରମ୍ଭ ହେବ।

ଏହି ଏକମାତ୍ର ଟେଷ୍ଟ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଅଧିନାୟକ ଶୁବମନ ଗିଲ୍ (୧୨୬) ଓ ଲୋକେଶ ରାହୁଲ (୧୦୦)ଙ୍କ ଶତକ ବଳରେ ୮ ୱିକେଟରେ ୫୬୪ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଆଫଗାନିସ୍ତାନ ରବିବାର ଦ୍ୱିତୀୟ ଦିବସ ସୁଦ୍ଧା ୧୧୩ ରନରେ ୫ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏହି ଅସମାପ୍ତ ସ୍କୋରରୁ ସୋମବାର ସକାଳେ ବ୍ୟାଟିଂ ଆରମ୍ଭ କରିଥିବା ଭ୍ରମଣକାରୀ ଦଳ ଆଉ ୩୯ ରନ ଯୋଡ଼ି ୧୫୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ରହମତ ଶାହ ସର୍ବାଧିକ ୬୦ ରନ କରିଥିଲେ। ଭାରତ ପକ୍ଷରୁ ପଦାର୍ପଣକାରୀ ରାଜସ୍ଥାନର ବାମହାତୀ ସ୍ପିନର ମାନବ ସୁତାର ସର୍ବାଧିକ ୬ଟି ୱିକେଟ୍ ନେଇଥିଲେ। ପ୍ରସିଦ୍ଧ କ୍ରିଷ୍ଣା ୩ ଓ ୱାଶିଂଟନଙ୍କୁ ଅନ୍ୟ ୱିକେଟ୍‌ଟି ମିଳିଥିଲା। ୪୧୨ ରନରେ ଆଗୁଆ ଥିବା ଭାରତ ଦ୍ୱିତୀୟ ଇନିଂସ ଆରମ୍ଭ ନ କରି ଆଫଗାନିସ୍ତାନକୁ ଫଲୋଅନ ଦେଇଥିଲା। ଦ୍ୱିତୀୟ ପାଳିରେ ଭ୍ରମଣକାରୀ ଦଳର ବ୍ୟାଟର କିଛିଟା ଲଢ଼େଇ କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଆଫଗାନିସ୍ତାନ ୩୫.୫ ଓଭରରେ ୧୧୨ ରନ କରି ଦ୍ୱିତୀୟ ପାଳିରେ ସମସ୍ତ ୱିକେଟ୍ ହରାଇଥିଲା। ଓପନର୍ ସେଦିକୁଲ୍ଲା ଅଟଳ ୪୨, ରହମନୁଲ୍ଲା ଗୁର୍‌ବାଜ ୨୪ ଓ ରହମତ ୧୩ ରନ କରି ଦୁଇଅଙ୍କ ଛୁଇଁପାରିଥିଲେ। ଘରୋଇ ଦଳ ପାଇଁ ୱାଶିଂଟନ ୪, କୁଲଦୀପ ୩, ସୁତାର ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ୱିକେଟ ନେଇଥିଲେ। ଫଳରେ ଆଫଗାନିସ୍ତାନ ବ୍ୟାଟର୍ ଉଭୟ ପାଳିରେ ମୋଟ୍ ଉପରେ ୯୫ ଓଭର ଖେଳି ଦୁଇଥର ଅଲ୍‌ଆଉଟ୍ ହୋଇଯାଇଥିଲେ।

**ଟେଷ୍ଟରେ ଭାରତର ସର୍ବବୃହତ ଇନିଂସ ବିଜୟ**

| ବ୍ୟବଧାନ | ପ୍ରତିପକ୍ଷ | ବର୍ଷ |
|---|---|---|
| ଇନିଂସ ଓ ୩୦୦ ରନ | ଆଫଗାନିସ୍ତାନ | ୨୦୨୬ |
| ଇନିଂସ ଓ ୨୭୨ ରନ | ୱେଷ୍ଟଇଣ୍ଡିଜ | ୨୦୧୮ |
| ଇନିଂସ ଓ ୨୬୨ ରନ | ଆଫଗାନିସ୍ତାନ | ୨୦୧୮ |
| ଇନିଂସ ଓ ୨୩୯ ରନ | ବାଂଲାଦେଶ | ୨୦୦୭ |
| ଇନିଂସ ଓ ୨୩୯ ରନ | ଶ୍ରୀଲଙ୍କା | ୨୦୧୭ |

**ରେକର୍ଡ**

- ଭାରତ ମାଟିରେ ଏହା ଦ୍ୱିତୀୟ ସର୍ବବୃହତ ବିଜୟ। ୧୯୫୮ରେ ଇଡେନରେ ଭାରତ ବିପକ୍ଷରେ ୱେଷ୍ଟଇଣ୍ଡିଜ ଇନିଂସ ଓ ୩୩୬ ରନରେ ଜିତିଥିଲା।
- ଟେଷ୍ଟରେ ଆଫଗାନିସ୍ତାନର ଏହା ସର୍ବବୃହତ ପରାଜୟ ହୋଇଛି। ୨୦୧୮ରେ ସମାନ ଦଳ ଭାରତ ନିକଟରୁ ଆଫଗାନିସ୍ତାନ ଇନିଂସ ଓ ୨୬୨ ରନରେ ହାରିଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୬୪/୮
ଆଫଗାନିସ୍ତାନ ପ୍ରଥମ ଇନିଂସ: ୧୫୨/୧୦, ୫୮.୪ ଓଭର
ଆଫଗାନିସ୍ତାନ ଦ୍ୱିତୀୟ ଇନିଂସ: ୧୧୨/୧୦, ୩୫.୫ ଓଭର (ସେଦିକୁଲ୍ଲା- ୪୨, ଗୁର୍‌ବାଜ- ୨୪, ଓମାରଜାଇ- ୪, ସୁନ୍ଦର- ୪/୩୬, କୁଲଦୀପ- ୩/୩୦, ସୁତାର- ୧/୨୯)।

## ସୁତାରଙ୍କ କୀର୍ତ୍ତିମାନ



ମୁଲାନପୁର, ୮ ।୬ (ଏଜେନ୍ସି): ରାଜସ୍ଥାନର ବାମହାତୀ ସ୍ପିନର ମାନବ ସୁତାର ଟେଷ୍ଟ ପଦାର୍ପଣରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚରେ ସେ ମୋଟ୍ ଉପରେ ୭ଟି ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ଆଫଗାନିସ୍ତାନର ପ୍ରଥମ ଇନିଂସରେ ସେ ୩୩ ରନରେ ୬ଟି ଓ ଦ୍ୱିତୀୟ ଇନିଂସରେ ଗୋଟିଏ ୱିକେଟ୍ ପାଇଥିଲେ। ଟେଷ୍ଟ ପଦାର୍ପଣରେ ୫ ୱିକେଟ୍ ସଫଳତା ପାଇବାରେ ସେ ଭାରତର ୧୦ମ ବୋଲର ଓ ୭ମ ସ୍ପିନର ହୋଇଛନ୍ତି। ତେବେ ଟେଷ୍ଟ ପଦାର୍ପଣରେ ଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିବାର ରେକର୍ଡ ନରେନ୍ଦ୍ର ହିରୱାନୀଙ୍କ ନାମରେ ରହିଛି। ୧୯୮୮ରେ ଚେନ୍ନଇରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ପଦାର୍ପଣ କରି ହିରୱାନୀ ୬୧ ରନରେ ୮ଟି ୱିକେଟ ପାଇଥିଲେ।

## ଜ୍ୱେରେଭେ ପାଇଲେ ୩୦.୮୪ କୋଟି

ପ୍ୟାରିସ, ୮ ।୬ (ଏଜେନ୍ସି): ଜର୍ମାନୀ ତାରକା ଆଲେକ୍ସଜାଣ୍ଡର ଜ୍ୱେରେଭ କ୍ୟାରିୟରର ପ୍ରଥମଥର ଲାଗି ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ ଫ୍ରେଞ୍ଚ ଓପନ୍‌ର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଜ୍ୱେରେଭ ୬-୧, ୪-୬, ୬-୪, ୬-୭ (୫), ୬-୧ ସେଟରେ ଇଟାଲୀ ଫ୍ଲାବିଓ କୋବୋଲିଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ଏହି ବିଜୟ ସହ ଜ୍ୱେରେଭ ୩୦.୮୪ କୋଟି ଟଙ୍କା ପୁରସ୍କାର ଜିତିଛନ୍ତି। ସେହିଭଳି ଉପବିଜେତା ହୋଇଥିବା ଫ୍ଲାବିଓଙ୍କୁ ପୁରସ୍କାର ବାବଦକୁ ୧୫.୪୨ କୋଟି ଟଙ୍କା ଅର୍ଥରାଶି ମିଳିଛି। ଅପରପକ୍ଷରେ ବିଜୟ ସତ୍ତ୍ୱେ ଜ୍ୱେରେଭ ଏଟିପି ର୍ୟାଙ୍କିଙ୍ଗରେ ପୂର୍ବଭଳି ୩ୟ ସ୍ଥାନରେ ସ୍ଥିର ରହିଛନ୍ତି। ତେବେ ରନର୍ସଅପ୍ ହୋଇଥିବା ଫ୍ଲାବିଓ ୧୪ରୁ ୧୦ତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ସଦ୍ୟପ୍ରକାଶିତ ଏଟିପି ର୍ୟାଙ୍କିଙ୍ଗରେ ଇଟାଲୀର ଜାନିକ ସିନ୍ନର, କାର୍ଲୋସ ଆଲ୍‌କାରାଜ ଯଥାକ୍ରମେ ପୂର୍ବଭଳି ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ ତାଲିକାର ୭ମ ସ୍ଥାନ ହାସଲ କରିଛନ୍ତି।



### ମହିଳା ଟି-୨୦ ବିଶ୍ୱକପ୍

## ୱାର୍ମଅପ୍ ମ୍ୟାଚ୍‌ରେ ଇଣ୍ଡିଜକୁ ହରାଇଲା ଭାରତ

କାର୍ଡିଫ, ୮ ।୬ (ଏଜେନ୍ସି)



ଜୁନ ୧୨ରୁ ଇଂଲଣ୍ଡରେ ମହିଳା ଟି-୨୦ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଏଥିପୂର୍ବରୁ ସୋମବାର ଅନୁଷ୍ଠିତ ଏକ ୱାର୍ମଅପ୍ ମ୍ୟାଚରେ ଭାରତ ୨୬ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। କାର୍ଡିଫରେ ଖେଳାଯାଇଥିବା ଏହି ମୁକାବିଲାରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୮ ୱିକେଟରେ ୧୭୯ ରନ କରିଥିଲା। ଦଳ ପକ୍ଷରୁ ଭାରତୀ ଫୁଲମଣି ୪୦ ବଲରେ ୫୬ ରନର ଅପରାଜିତ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ମନ୍ଧାନା ୩୯, ଯଷ୍ଟିକା ଭାଟିଆ ୩୬, ଶେଫାଳି ବର୍ମା ୨୯, ଜେମିମା ରୋଡ୍ରିଗ୍ସ ୭ ରନ କରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଲେଗ୍-ସ୍ପିନର ଆଫି ଫ୍ଲେଚରଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ଓପନର ଡେଣ୍ଡ୍ରା ଡଟ୍ଟିନଙ୍କ ୪୯ ରନ ସତ୍ତ୍ୱେ ୮ ୱିକେଟ୍‌ରେ ୧୫୩ ରନ କରିବାକୁ ସମର୍ଥ ହୋଇଥିଲା। ଭାରତୀୟ ମହିଳା ଦଳ ପକ୍ଷରୁ ଦୁଇ ସ୍ପିନର ଶ୍ରେୟଙ୍କା ପାଟିଲ ୪, ରାଧା ଯାଦବ ୩ଟି ୱିକେଟ ନେଇଥିଲେ। ଭାରତ ଏହାର ପରବର୍ତ୍ତୀ ତଥା ଶେଷ ୱାର୍ମଅପ୍ ମ୍ୟାଚରେ ବୁଧବାର ଘରୋଇ ଇଂଲଣ୍ଡ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି।

## ପ୍ରଜ୍ଞାନାନନ୍ଦଙ୍କୁ ୫୦ ଲକ୍ଷ ପୁରସ୍କାର ଦେଲେ ବିଜୟ

ଚେନ୍ନଇ, ୮ ।୬ (ଏଜେନ୍ସି): ପ୍ରଥମ ଭାରତୀୟ ଖେଳାଳି ଭାବେ ନରୱେ ଟାଇଟଲ୍ ଜିତିଥିବା ଆର୍ ପ୍ରଜ୍ଞାନାନନ୍ଦଙ୍କୁ ତାମିଲନାଡୁ ସରକାରଙ୍କ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି। ସୋମବାର ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ଚେନ୍ନଇସ୍ଥିତ ସେକ୍ରେଟାରୀଏଟ୍‌ରେ ପ୍ରଜ୍ଞାନାନନ୍ଦଙ୍କୁ ସମ୍ବର୍ଦ୍ଧିତ କରିବା ସହ ୫୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ସହ ପ୍ରଜ୍ଞାନାନନ୍ଦ ଏକ ଚେସ୍ ମ୍ୟାଚ୍ ଖେଳିଥିଲେ। କଳା ଗୋଟିଏରେ ଖେଳି ପ୍ରଜ୍ଞାନାନନ୍ଦ ଏହି ମ୍ୟାଚରେ ମଧ୍ୟ ବିଜୟଙ୍କୁ ପରାସ୍ତ କରିଥିଲେ। ଏହାକୁ ନେଇ ପ୍ରଜ୍ଞାନାନନ୍ଦ କହିଛନ୍ତି ଯେ ମୁଁ ଆଶା କରି ନ ଥିଲି କି ମୁଖ୍ୟମନ୍ତ୍ରୀ ମୋ ସହ ଚେସ୍ ଖେଳିବେ। ସେ ତାଙ୍କ ଅଧିକାରୀଙ୍କୁ ଏକ ବୋର୍ଡ ଆଣିବାକୁ କହିଥିଲେ। ତାପରେ ମୋ ସହିତ ଖେଳିବା ଆରମ୍ଭ କରିଥିଲେ।

## ଇଂଲଣ୍ଡ ବେସ୍‌କ୍ୟାମ୍ପ ନିକଟରେ ଗୁଳିକାଣ୍ଡ

ନ୍ୟୁୟର୍କ, ୮ ।୬ (ଏଜେନ୍ସି): ବିଶ୍ୱର ସର୍ବଶ୍ରେଷ୍ଠ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ଦୁଇଦିନ ବାକି ରହିଛି। ତେବେ ଏଥିପୂର୍ବରୁ ଏକ ବଡ଼ ଅଘଟଣ ଘଟିଯାଇଛି। ଇଂଲଣ୍ଡର ବେସ୍ କ୍ୟାମ୍ପ ନିକଟରେ ଗୁଳିକାଣ୍ଡ ହୋଇଛି। ଯେଉଁଥିରେ ଦଳାଚକଟା ଯୋଗୁ ୯ ଜଣ ଲୋକ ଆହତ ହୋଇଥିବା ଖବର ମିଳିଛି। ଇଂଲଣ୍ଡ ଦଳର ବେସ୍ କ୍ୟାମ୍ପ ମିସୌରୀର କାନସାସ୍ ସିଟିରେ ରହିଛି। କାନସାସ୍ ସିଟି ପୋଲିସ ସୂଚନା ଅନୁଯାୟୀ ଗୁଳିକାଣ୍ଡ ଗତକାଲି ସକାଳ ୪ଟାରେ ଘଟିଥିଲା। ଇଂଲଣ୍ଡ ଦଳର ହୋଟେଲଠାରୁ ଗୁଳିକାଣ୍ଡ ହୋଇଥିବା ସ୍ଥାନ ମାତ୍ର ୧୦ ମିନିଟ୍‌ର ଦୂର ରାସ୍ତା। ତେବେ ଯେତେବେଳେ ଏହି ଘଟଣା ଘଟିଥିଲା, ସେତେବେଳେ ଇଂଲଣ୍ଡ ଦଳ ଫ୍ଲୋରିଡାର ପାମ୍ ବିଚ୍‌ରେ ବିଶ୍ୱକପ୍ ପାଇଁ ଅଭ୍ୟାସ କରୁଥିଲା। ଜୁନ୍ ୧୩ ତାରିଖରେ ଇଂଲଣ୍ଡ ଦଳ କାନସାସ ସିଟିରେ ପହଞ୍ଚିବ। ପୋଲିସ ଅନୁଯାୟୀ, ତଦନ୍ତ ଜାରି ରହିଥିବାରୁ କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ନାହିଁ, କିନ୍ତୁ ଘଟଣାସ୍ଥଳର ପାଟ୍ରୋଲିଂ ଜାରି ରହିଛି। ଗୁଳିକାଣ୍ଡ ସତ୍ତ୍ୱେ କାନସାସ୍ ସିଟି ଫିଫାରେ ଇଂଲଣ୍ଡର ବେସ୍ କ୍ୟାମ୍ପ ରହିବ।




### ସ୍ପେନର ପ୍ରଥମ ମ୍ୟାଚ୍ ପାଇଁ ଉପଲବ୍ଧ ହେଲେ ୟାମାଲ

ନ୍ୟୁୟର୍କ, ୮ ।୬ (ଏଜେନ୍ସି): ଅନ୍ୟତମ ଟାଇଟଲ୍ ଦାବିଦାର ସ୍ପେନ ଜୁନ ୧୫ରେ ପଦାର୍ପଣକାରୀ କେପ୍ ଭର୍ଡେ ବିପକ୍ଷରେ ଖେଳି ଫିଫା ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ପୂର୍ବରୁ ସ୍ପେନ ପାଇଁ ଏକ ବଡ଼ ଖୁସି ଖବର ଆସିଛି। ଆହତ ଥିବା ଯୁବ ତାରକା ଲାମିନ୍ ୟାମାଲ ଏବଂ ସାଥୀ ୱିଙ୍ଗର ନିକୋ ୱିଲିୟମ୍ସ କେପ୍ ଭର୍ଡେ ବିପକ୍ଷ ସ୍ପେନର ଓପନିଂ ମ୍ୟାଚ୍ ପାଇଁ ଉପଲବ୍ଧ ହେବେ। କୋଚ୍ ଲୁଇସ୍ ଡେ ଲା ଫୁଏଣ୍ଟେ ଏହା ସ୍ପଷ୍ଟ କରିଛନ୍ତି। ୟାମାଲ ଏବଂ ୱିଲିୟମ୍ସଙ୍କ ପ୍ରତ୍ୟାବର୍ତ୍ତନ ଖବର ୟୁରୋପୀୟ ଚାମ୍ପିଅନ ସ୍ପେନ ଟିମ୍ ମ୍ୟାନେଜମେଣ୍ଟର ମନୋବଳ ବଢ଼ାଇଛି। ପ୍ରକାଶଯୋଗ୍ୟ, ଆଗାମୀ ବିଶ୍ୱକପରେ ୧୮ ବର୍ଷୀୟ ୟାମାଲଙ୍କୁ ଜଣେ ଷ୍ଟାର ଖେଳାଳି ଭାବେ ଗଣାଯାଉଛି।



## କିଟ୍-କିସ୍‌କୁ 'ଫିଟ୍ ଇଣ୍ଡିଆ ଗୋଲ୍ଡ ଫର୍ନ' ସମ୍ମାନ

ଭୁବନେଶ୍ୱର,୮ ।୬(ସମିସ): ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଗାଡ଼ିମୁକ୍ତ କ୍ୟାମ୍ପସ ପରିବେଶ ସୃଷ୍ଟି କରିବା ପାଇଁ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଷ୍ଠିତ 'ଫିଟ୍ ଇଣ୍ଡିଆ ଗୋଲ୍ଡ ଫର୍ନ' (ଏଫ୍‌ଆଇଜିଏଫ୍) ସ୍ୱୀକୃତି ପ୍ରଦାନ କରାଯାଇଛି। ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କଠାରୁ କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ବିଶ୍ୱ ସାଇକଲ ଦିବସ ଅବସରରେ ଓଡ଼ିଶାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କଠାରୁ କିସ୍‌ର ଯୁଗ୍ମ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନା ଏହି ଗୌରବଜନକ ପୁରସ୍କାର ଗ୍ରହଣ କରିଛନ୍ତି। ଅପରପକ୍ଷରେ ବିଶ୍ୱ ସାଇକଲ ଦିବସ ଅବସରରେ କିଟ୍‌ଠାରେ 'ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକଲ ଲିଗ୍' ସଫଳତାର ସହ ଆୟୋଜିତ ହୋଇଯାଇଛି। ଯେଉଁଥିରେ ରଶ୍ମିତା ଦିଗି (୧୬ ବର୍ଷରୁ କମ୍), ବବ୍ଲି ପଟ୍ଟା (୧୮ ବର୍ଷରୁ କମ୍) ଏବଂ ମିନତୀ ମୁଣ୍ଡା (ବରିଷ୍ଠ ବର୍ଗ) ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, କିଟ୍ କ୍ୟାମ୍ପସରେ ଭାରତର ପ୍ରଥମ ୨୫୦ ମିଟର ବିଶିଷ୍ଟ କଂକ୍ରିଟ୍ ସାଇକଲ ଭେଲୋଡ୍ରୋମ ମଧ୍ୟ ରହିଛି।



## ଏସ୍‌ଜେଏଫ୍‌ଆଇ ଏଜିଏମ୍‌ରେ 'ଓଏସ୍‌ଜା' ସମ୍ବର୍ଦ୍ଧିତ




ଭୁବନେଶ୍ୱର, ୮ ।୬ (ସମିସ): ଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ (ଏସଜେଏଫଆଇ)ର ସୁବର୍ଣ୍ଣ ଜୟନ୍ତୀ (୫୦ତମ) ଏଜିଏମ୍ ତ୍ରିପୁରାର ଅଗରତାଲାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଆଇପିଏସର କାର୍ଯ୍ୟନିର୍ବାହୀ କମିଟିକୁ ପ୍ରଥମ ଭାରତୀୟଭାବେ ନିର୍ବାଚିତ ହୋଇଥିବାରୁ ଏସ୍. ସବାନାୟକନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅର୍ଜୁନ ପୁରସ୍କାରପ୍ରାପ୍ତ ଜିମ୍ନାଷ୍ଟ ମଣ୍ଟୁ ଦେବନାଥ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ଦିଲ୍ଲୀରେ ଅନୁଷ୍ଠିତ ଗତ ଏସଜେଏଫଆଇ ନ୍ୟାଶନାଲ କନଭେନଶନ ଓ 'ଜେକେ ବୋଷ ଟ୍ରଫି' ଅବସରରେ ଅନ୍ୟତମ ଶ୍ରେଷ୍ଠ ଖେଳାଳି ଓସଜା ସଭାପତି ସନ୍ଦୀପ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ତାଙ୍କ ଅନୁପସ୍ଥିତିରେ ଉପସଭାପତି ସଞ୍ଜୀବ ବିଶ୍ୱାଳ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ଦୀର୍ଘ ୬ ବର୍ଷ ବ୍ୟବଧାନରେ ଗତବର୍ଷ ଭୁବନେଶ୍ୱରରେ ସଫଳତାର ସହ ଏଜିଏମ୍ ଆୟୋଜନ କରିଥିବାରୁ ଓସଜାକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧ୍ୟକ୍ଷ ସୁରେଶ ସ୍ୱାଇଁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଓସଜା ପକ୍ଷରୁ ମଧ୍ୟ ସବାନାୟକନଙ୍କୁ ସମ୍ମାନିତ କରାଯାଇଥିଲା।

## ଭୁବନେଶ୍ୱର ଜିମ୍ନାଷ୍ଟିକ ସଂଘ: ଗୁରୁପ୍ରସାଦ ସଭାପତି, ମୀରା ସମ୍ପାଦିକା

ଭୁବନେଶ୍ୱର,୮ ।୬(ସମିସ): ଭୁବନେଶ୍ୱର ଜିମ୍ନାଷ୍ଟିକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ସ୍ଥାନୀୟ ମାଉସୀମା' ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ବୈଠକରେ ସମସ୍ତ ପୂର୍ବତନ ସଦସ୍ୟ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ସର୍ବସମ୍ମତି କ୍ରମେ ଆଗାମୀ ବର୍ଷ ପାଇଁ ନୂଆ ଦାୟିତ୍ୱ ବଣ୍ଟନ କରାଯାଇଛି। ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ତଥା ସଂଘର ପୂର୍ବତନ ସଭାପତି ସୁରେଶ କୁମାର ରାଉତରାୟଙ୍କ ବୈଠକରେ ସଭାପତିତ୍ୱ କରିଥିଲେ। ନିଷ୍ପତ୍ତି ଅନୁଯାୟୀ, ଗୁରୁପ୍ରସାଦ ପଟ୍ଟନାୟକଙ୍କୁ ସଂଘର ନୂତନ ସଭାପତି ଏବଂ ମୀରା ରାଣୀ ଦାସଙ୍କୁ ନୂତନ ସମ୍ପାଦିକା ଭାବେ ନିର୍ବାଚିତ କରାଯାଇଛି। ଏହାସହ ନିହାର ପ୍ରଧାନ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ସଂଘର ସୁପରିଚାଳନା ପାଇଁ ସୁରେଶ ରାଉତରାୟଙ୍କୁ ଅଧ୍ୟକ୍ଷ ଏବଂ ନରେନ୍ଦ୍ର ସେଠୀଙ୍କୁ ମୁଖ୍ୟ ଉପଦେଷ୍ଟା ଆସନରେ ଅଳଙ୍କୃତ କରାଯାଇଛି। ସମସ୍ତ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ଗୁରୁପ୍ରସାଦ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଫିଫା ର୍ୟାଙ୍କିଙ୍ଗ୍; ୧୩୯ତମ ସ୍ଥାନକୁ ଖସିଲା ଭାରତ

ଜୁରିକ, ୮ ।୬ (ଏଜେନ୍ସି): ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ସଦ୍ୟପ୍ରକାଶିତ ର୍ୟାଙ୍କିଙ୍ଗ୍‌ରେ ଭାରତ ୩ଟି ସ୍ଥାନ ହରାଇଛି। ଫଳରେ ତାଲିକାରେ ଭାରତ ୧୩୬ରୁ ୧୩୯ତମ ସ୍ଥାନକୁ ଖସିଯାଇଛି। ନିକଟ ଅତୀତରେ ଖେଳାଯାଇଥିବା ମ୍ୟାଚରେ ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ବିଶ୍ୱ ମାନ୍ୟତାରେ ଭାରତର ଏହି ଅବନତି ଘଟିଛି। ବ୍ଲୁ ଟାଇଗର୍ସ ଦଳ ନିକଟରେ ୟୁନିଟି କପ୍‌ରେ କ୍ରମାଗତ ଦୁଇଟି ମ୍ୟାଚରେ ପରାଜୟବରଣ କରିଥିଲା। ସେହିଭଳି ତାଜିକସ୍ତାନ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ମଧ୍ୟ ଭାରତ ୧-୩ ଗୋଲରେ ହାରିଯାଇଥିଲା।

ସକାଳ THE SAKALA
www.thesakala.in
We require the following post for various locations urgently.
District Correspondent for:
1. NUAPADA
2. KANDHAMAL
3. GAJAPATI
4. JHARSUGUDA
5. SUNDARGARH
6. BOUDH
7. SONEPUR
Qualification: MJMC with 5 yrs. experience.
Send your CV by 15.06.2026 to
DGM, HR
Email: hr@thesakala.com
Mob.: 9437016499
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS